52 YEARS
ORISSA RADIO HOUSE
ORISSA RADIO HOUSE
ଓଡ଼ିଶା ରେଡ଼ିଓ ହାଉସ୍
Berhampur Stadium Road, Opp. Trekker Stand
M: 7008348352,9861013516,7008809075


# ଦୈନିକ ଆଶା

Dainik Asha, The Oldest Odiya Daily,
ପ୍ରତିଷ୍ଠାତା: ଶଶିଭୂଷଣ ରଥ

ସର୍ବ ପୁରାତନ ଦୈନିକ ଖବର କାଗଜ
ସଂସ୍ଥାପକ : ବୃନ୍ଦାବନ ନାୟକ

dainikasha.press
dainikasha.press
dainikasha.press

RNI NO-42004/83 | Vol. : 45/ Issue : 113 | Brahmapur | Saturday 06 June 2026 | ବର୍ଷ: ୪୫/ ଅଙ୍କ: ୧୧୩ | ଶନିବାର ୬ ଜୁନ ୨୦୨୬ | ବ୍ରହ୍ମପୁର | ପୃଷ୍ଠା:୮ | ମୂଲ୍ୟ: ଟ.୫.୦୦




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଚଳଚ୍ଚିତ୍ର ଅଭିନେତ୍ରୀ ତଥା ସାଂସଦ କଙ୍ଗନା ରଣାଓ୍ବତ ଏକ୍ ପେଡ୍ ମା କେ ନାମ୍ ଅଭିଯାନରେ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ଠାରେ ବୃକ୍ଷ ରୋପଣ କରୁଛନ୍ତି। ସାଙ୍ଗରେ ପୁରୀ ସାଂସଦ ଡ ସମ୍ବିତ୍ ପାତ୍ର ଉପସ୍ଥିତ ଅଛନ୍ତି।

# 'ନିଶା କାରବାର ଯୋଗୁଁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି'

ଭୁବନେଶ୍ବର, ୫।୬: ଆଜି ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ନିର୍ମାଣ ସୌଧଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଅବକାରୀ ଅଧୀକ୍ଷକ ସମ୍ମିଳନୀରେ ଅଧ୍ୟକ୍ଷତା କରିବା ସହ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଲେ ଯେ ବେଆଇନ ନିଶା କାରବାର ଯୋଗୁଁ କେବଳ ଧନଜୀବନ ହାନି ଘଟୁ ନାହିଁ ବରଂ ରାଜ୍ୟରେ ଅନେକ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ତେଣୁ ନିୟମିତ ଭାବେ ଏଭଳି କାର୍ଯ୍ୟରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ବିରୋଧରେ ଆଇନ ଅନୁଯାୟୀ କଡ଼ା କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି । ଏଥି ସହ ଅବକାରୀ ଅଧିକାରୀ ଓ କର୍ମଚାରୀଙ୍କ ନିୟମିତ ତାଲିମ, ନିଆ ନିଯୁକ୍ତି, ବିଭିନ୍ନ ଜୋନ୍‌ରେ ଥିବା ସମସ୍ୟାର ସମାଧାନ ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ। ଅବକାରୀ ବିଭାଗ ପକ୍ଷରୁ ନିୟମିତ ଚଢ଼ାଉ ଫଳରେ ବିଗତ ଦୁଇ ବର୍ଷ ମଧ୍ୟରେ ରେକର୍ଡ ପରିମାଣରେ ବେଆଇନ ନିଶାଦ୍ରବ୍ୟ ଓ ମାଦକ ସାମଗ୍ରୀ ଜବତ ହେବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏଥି ସହିତ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଯୁବପିଢ଼ିଙ୍କୁ ବେଆଇନ ମାଦକ ଦ୍ରବ୍ୟ ତଥା ନିଷିଦ୍ଧ ନିଶା ସେବନଠାରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରାଯାଉଛି, ଯାହା ବିଭାଗ ପାଇଁ ଏକ ବଡ଼ ଉପଲବ୍ଧି। ତେବେ ଗୁଇନ୍ଦା ରିପୋର୍ଟକୁ ଆଧାର କରି ନିୟମିତ ଚଢ଼ାଉ ସହ ପେସାଦାର ଅପରାଧୀଙ୍କ ବିରୋଧରେ ପ୍ରମାଣ ଯୋଗାଡ଼ କରି ନ୍ୟାୟାଳୟରେ ଦଣ୍ଡବିଧାନ ପାଇଁ ପ୍ରକ୍ରିୟା ଆରମ୍ଭ କରିବା ଏବଂ ସମ୍ପୃକ୍ତ ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ନେଇ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଅବକାରୀ ଅଧୀକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ବୈଠକରେ ପ୍ରମୁଖ ଶାସନ ସଚିବ ଆର୍. ଏସ୍. ଗୋପାଳନ୍ ବିଭାଗ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପ୍ରଶାସନିକ ସଂସ୍କାର ବିଷୟରେ ଆଲୋଚନା କରିବା ସହ ଆଗାମୀ ଦିନରେ ସୃଷ୍ଟି ହେବାକୁ ଥିବା ଆହ୍ୱାନକୁ ସାମ୍ନା କରିବା ପାଇଁ ଅଧିକାରୀ ଓ କର୍ମଚାରୀ ସବୁବେଳେ ପ୍ରସ୍ତୁତ ରହିବା ଉପରେ ଗୁରୁତ୍ୱ ଦେଇଥିଲେ। ଅବକାରୀ କମିସନର ପି. ଅନ୍‌ଷୋ ରେଡ୍ଡୀ ସ୍ୱାଗତ ଭାଷଣ ପ୍ରଦାନ ସହ ବିଭିନ୍ନ ଜିଲ୍ଲାରେ ଚଢ଼ାଉ, ରାଜସ୍ୱ ଆଦାୟ ସମ୍ପର୍କିତ ସମସ୍ତ ତଥ୍ୟ ପିପିଟି ମାଧ୍ୟମରେ ଉପସ୍ଥାପନ କରିଥିଲେ। ବୈଠକରେ ବେଆଇନ ମାଦକ କାରବାର ରୋକିବା, ନିୟମିତ ଚଢ଼ାଉ, ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ଅପରାଧୀଙ୍କ ବିରୋଧରେ ତଥ୍ୟ ଓ ପ୍ରମାଣ ସଂଗ୍ରହ, ନ୍ୟାୟାଳୟରେ ସଠିକ୍ ଦସ୍ତାବିଜ୍ ଉପସ୍ଥାପନ, ଗଞ୍ଜେଇ ଚାଷ ରୋକିବା ସହ ଅନ୍ୟ ବିଭାଗ ସମନ୍ୱୟରେ ସ୍ଥାନୀୟ ଅଧିବାସୀଙ୍କୁ ବିକଳ୍ପ ରୋଜଗାର ପନ୍ଥା ଆପଣେଇବାର ବାଟ ଦେଖାଇବା ଉପରେ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓଏସ୍‌ବିସିଏଲ୍‌ର ଏମ୍‌ଡି ଦେବେନ କୁମାର ପ୍ରଧାନ, ଅତିରିକ୍ତ ଶାସନ ସଚିବ ଅର୍ଚ୍ଚନା ଦାସ ପଟ୍ଟନାୟକ ଓ ଦେବାଶିଷ ପଟ୍ଟନାୟକ, ଅତିରିକ୍ତ କମିଶନର ରୁଦ୍ର ନାରାୟଣ ମହାନ୍ତି ଏବଂ ସବୁ ଜିଲ୍ଲାର ଅବକାରୀ ଅଧିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।



# ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ନିଷ୍ପତ୍ତି

## ନୀଳାଦ୍ରି ବିଜେ ନୀତି ନିର୍ଘଣ୍ଟକୁ ମୋହର
## ଅଦିନିଆ ରଥଯାତ୍ରା ନେଇ ପିଏମ୍‌ଙ୍କୁ ଭେଟିବ ସ୍ୱତନ୍ତ୍ର ଟିମ୍
## ସ୍ନାନଯାତ୍ରା ଓ ଘୋଷଯାତ୍ରା ପାଇଁ ଗଣତି ସ୍ଥଗିତ ରଖାଯିବ
## ନିଳାଦ୍ରୀ ବିଜେ ପରେ ଗଣତି ମଣତି କାର୍ଯ୍ୟ ହେବ




ପୁରୀ ୫।୬: ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଚାଲିଥିବା ପରିଚାଳନା କମିଟି ବୈଠକ ଶେଷ ହୋଇଛି । ବୈଠକ ସରିବା ପରେ ପ୍ରତିକ୍ରିୟା ରଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ । ରାଜେନ୍ଦ୍ରାଭିଷେକ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଛତିଶା ନିଯୋଗ ଏବଂ ନୀତି ସବ୍ କମିଟି ବୈଠକରେ ଚୂଡ଼ାନ୍ତ ହୋଇଥିବା ନୀତି ନିର୍ଘଣ୍ଟକୁ ମୋହର ମାରିଛି ପରିଚାଳନା କମିଟି । ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି ନେଇ ପରିଚାଳନା କମିଟିକୁ ଅବଗତ କରାଯାଇଛି । ଆଗକୁ ସ୍ନାନଯାତ୍ରା ଓ ଘୋଷଯାତ୍ରା ଥିବାରୁ ଗଣତି ପ୍ରକ୍ରିୟା ସ୍ଥଗିତ ରଖାଯିବ ନୀଳାଦ୍ରି ବିଜେ ପରେ ଗଣତି ମଣତି କାର୍ଯ୍ୟ ହେବ । ଭିତର ରତ୍ନଭଣ୍ଡାରରେ ଥିବା ପୁରୁଣା ଆଲମିରା ଗୁଡ଼ିକ ବାହାରକୁ ଆସିବ । ମୂଲ୍ୟବାନ ସାମଗ୍ରୀ ଓ ରତ୍ନ ଅଳଙ୍କାର ବହୁତ ବଡ଼ ଥିବାରୁ ଭିତର ରତ୍ନଭଣ୍ଡାର ଭିତରେ ଗଣତି କରିବା ସମ୍ଭବ ନୁହେଁ । ଖଟ ଶେଯ ଘରେ ଏହାର ଗଣତି କାର୍ଯ୍ୟ କରାଯିବ । ନରେନ୍ଦ୍ର ପୁଷ୍କରିଣୀରେ ଏକ ନୂତନ ଭାବେ ସୂଚନା କେନ୍ଦ୍ର ଓ ଅଭ୍ୟର୍ଥନା ପ୍ରକୋଷ୍ଠ ନିର୍ମାଣ ହେବ । ଅଦିନିଆ ରଥଯାତ୍ରାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଗଜପତି । ଇସ୍କନ ଏବଂ ଅନ୍ୟ ସଂସ୍ଥା ଅଦିନିଆ ରଥଯାତ୍ରା ଓ ଯାନି ଯାତ୍ରା ଆୟୋଜନ ଉଚିତ ନୁହେଁ । ଏହାକୁ ନେଇ ପରିଚାଳନା କମିଟି ବୈଠକରେ ଉଦବେଗ ପ୍ରକାଶ ପାଇଛି । ରାଜ୍ୟ ସରକାରଙ୍କୁ ଜଣାଇବା ପରେ କେନ୍ଦ୍ର ସରକାରଙ୍କୁ ଏ ବିଷୟରେ ଅବଗତ କରାଯିବ । ଅଦିନିଆ ରଥଯାତ୍ରା ଓ ଯାନିଯାତ୍ରା ବନ୍ଦ କରିବା ପାଇଁ ନିଳାଦ୍ରୀ ବିଜେ ପରେ ଏକ ସ୍ୱତନ୍ତ୍ର ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ । ଜମିଜମା ସଂପର୍କିତ ଆଲୋଚନା ମଧ୍ୟ ହୋଇଛି। ଶ୍ରୀମନ୍ଦିର ଆଇନ ସଂଶୋଧନ ନେଇ ପରିଚାଳନା କମିଟି ସରକାରଙ୍କୁ ଚିଠା ଦେଇଛନ୍ତି। ଶ୍ରୀମନ୍ଦିର ସେବକ ମାନଙ୍କ ପାଇଁ ଗୁରୁକୁଳ ପ୍ରକଳ୍ପକୁ ଓବିସିସି ଠିକ୍ ସମୟରେ ଶେଷ ନକଲେ ଅନ୍ୟ ସଂସ୍ଥାକୁ ଦିଆଯିବ। ବାହାର ରତ୍ନଭଣ୍ଡାରରେ ୬ଟି ତାଲା ପଡ଼ିଥାଏ। ଭଣ୍ଡାର ମେକାପ ଯେଉଁ ତାଲା ବ୍ୟବହାର କରୁଛନ୍ତି ତାହା ପୁରୁଣା ହୋଇଯାଇଛି। ନୂତନ ତାଲା ପାଇଁ ପରିଚାଳନା କମିଟି ଅନୁମତି ଦେଇଛି। ଶ୍ରୀମନ୍ଦିର ସୁରକ୍ଷା ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଆଗାମୀ ସ୍ନାନଯାତ୍ରା ଠାରୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପନ୍ନ ହେବ ବୋଲି ଆଶା ରଖିଛି ପରିଚାଳନା କମିଟି।

## ■ ଅଗ୍ରସର ହେଉଛି ମୌସୁମୀ

# ଛ' ଜିଲ୍ଲାକୁ ଅରେଞ୍ଜ ଆଲର୍ଟ

ଭୁବନେଶ୍ୱର, ୫।୬: ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳମ୍ ଛୁଇଁଥିବା ବେଳେ ରାଜ୍ୟରେ ଲାଗି ରହିଛି ଅସହ୍ୟ ଗ୍ରୀଷ୍ମ ପ୍ରବାହ । ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ସହ ଗରମ ଓ ଗୁଳୁଗୁଳି ସ୍ଥିତି ଲାଗି ରହିବ ।

ଭୁବନେଶ୍ୱର: ଦିନରେ ଜାଳୁଛି, ସନ୍ଧ୍ୟାରେ ଢାଳୁଛି । ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳମ୍ ଛୁଇଁଥିବା ବେଳେ ରାଜ୍ୟରେ ଲାଗି ରହିଛି ଅସହ୍ୟ ଗ୍ରୀଷ୍ମ ପ୍ରବାହ । ଗୁରୁବାର ଦିନ ୧୧ଟା ସୁଦ୍ଧା ରାଜଧାନୀ ଭୁବନେଶ୍ୱରରେ ପାରଦ ୩୮ ଡିଗ୍ରୀ ରହିଥିବା ବେଳେ ଦିନ ସାଢ଼େ ୨ଟାରେ ୪୧ ଡିଗ୍ରୀ ରେକର୍ଡ ହୋଇଛି । ତେବେ ଦିନ ୧୧ଟାରେ ଆଦ୍ରତା ୪୭ ପ୍ରତିଶତ ଥିବାରୁ ୪୭ ଡିଗ୍ରୀ ଭଳି ତାତି ଅନୁଭୂତ ହେଉଥିଲା । ସେହିଭଳି ଦିନ ସାଢ଼େ ୧୧ଟାରେ ଆଦ୍ରତା ୩୮ ପ୍ରତିଶତ ରହିବାରୁ ୫୦ ଡିଗ୍ରୀ ଭଳି ଗରମ ଅନୁଭୂତ ହୋଇଛି । ପାଣିପାଗ ବିଭାଗ ଅନୁସାରେ, ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ଅଗ୍ରସର ହେଉଛି । ଆଜି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କର୍ଣ୍ଣାଟକ, ତାମିଲନାଡୁ ସମେତ ଆରବ ସାଗର କିଛି ଅଞ୍ଚଳକୁ ଅଗ୍ରସର ହୋଇଛି ।


ଆଗକୁ କେନ୍ଦ୍ରୀୟ ଆରବ ସାଗର, ଗୋଆ, ମହାରାଷ୍ଟ୍ରର କିଛି ଅଞ୍ଚଳ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁର ଅନ୍ୟ ଅଞ୍ଚଳ ସହ ବଙ୍ଗୋପସାଗରର ଅନ୍ୟ ପାର୍ଶ୍ୱକୁ ମୌସୁମୀ ଅଗ୍ରସର ହେବା ଲାଗି ପାଗ ଅନୁକୂଳ ରହିଛି । ଆଗାମୀ ୨ରୁ ୩ ଦିନ ମଧ୍ୟରେ ଉତ୍ତରପୂର୍ବ ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ଅଛି ।

ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ଭୁବନେଶ୍ୱର ଅନୁସାରେ, ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ କାଳବୈଶାଖୀ ସହ ଗରମ ଓ ଗୁଳୁଗୁଳି ସ୍ଥିତି ଲାଗି ରହିବ । ଗୁରୁବାର କାଳବୈଶାଖୀ ନେଇ ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ରହିଛି । ଏହି ସମୟରେ ଘଣ୍ଟା ପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ ।

ସେହିଭଳି କାଳବୈଶାଖୀ ସହ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପବନ ନେଇ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଅନୁଗୁଳ, ଢେଙ୍କାନାଳ, ବୌଦ୍ଧ, ନୂଆପଡ଼ା, ବଲାଙ୍ଗିର, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଜିଲ୍ଲାକୁ ୟେଲୋ ଆଲର୍ଟ ଦିଆଯାଇଛି ।

## ଭାରତରେ ପ୍ରଥମ

# ୪ ହାଇକୋର୍ଟର ମୁଖ୍ୟ ବିଚାରପତି ଆସନରେ ମହିଳା



ନୂଆଦିଲ୍ଲୀ, ୫।୬: ଭାରତୀୟ ସମ୍ବିଧାନ ଏବଂ ନ୍ୟାୟପାଳିକା ଇତିହାସରେ ଶୁକ୍ରବାର (୫ ଜୁନ୍, ୨୦୨୬) ଏକ ସ୍ମରଣୀୟ ତଥା ଗୌରବମୟ ଦିନ ଭାବେ ଲିପିବଦ୍ଧ ହୋଇଯାଇଛି। ଦେଶର ନ୍ୟାୟିକ ଇତିହାସରେ ପ୍ରଥମ ଥର ପାଇଁ ଏକାସଙ୍ଗେ ଚାରୋଟି ଭିନ୍ନ ଭିନ୍ନ ରାଜ୍ୟର ଉଚ୍ଚ ନ୍ୟାୟାଳୟ (ହାଇକୋର୍ଟ) ର ମୁଖ୍ୟ ବିଚାରପତି ପଦବୀରେ ମହିଳାମାନେ ଅଧିଷ୍ଠିତ ହୋଇଛନ୍ତି। ସିକିମ୍ ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ମୀନାକ୍ଷୀ ମଦନ ରାୟଙ୍କୁ ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବରେ ନିଯୁକ୍ତି ମିଳିବା ପରେ ଏହି ଅଭୂତପୂର୍ବ ରେକର୍ଡ ସୃଷ୍ଟି ହୋଇଛି। ଜଷ୍ଟିସ୍ ମୀନାକ୍ଷୀ ମଦନ ରାୟ: ପାଟନା ହାଇକୋର୍ଟ (ପୂର୍ବରୁ ସିକିମ୍ ହାଇକୋର୍ଟରେ ଥିଲେ) । ଜଷ୍ଟିସ୍ ସୁନୀତା ଅଗ୍ରଓ୍ୱାଲ: ଗୁଜରାଟ ହାଇକୋର୍ଟ (ସେ ଜୁଲାଇ ୨୦୨୩ ରୁ ଏହି ପଦବୀରେ କାର୍ଯ୍ୟରତ, ପୂର୍ବରୁ ଆହ୍ଲାବାଦ ହାଇକୋର୍ଟରେ ଥିଲେ)। ଜଷ୍ଟିସ୍ ରେବତୀ ମୋହିତେ ଡେରେ: ମେଘାଳୟ ଉଚ୍ଚ ନ୍ୟାୟାଳୟ (୨୦୨୬ ଜାନୁଆରୀରେ ନିଯୁକ୍ତି ପାଇଛନ୍ତି, ପୂର୍ବରୁ ବମ୍ବେ ହାଇକୋର୍ଟରେ ଥିଲେ)।ଜଷ୍ଟିସ୍ ଲିସା ଗିଲ୍: ଆନ୍ଧ୍ରପ୍ରଦେଶ ହାଇକୋର୍ଟ ( ଚଳିତବର୍ଷ ଏପ୍ରିଲ୍ ମାସରେ ଦାୟିତ୍ୱ ଗ୍ରହଣ କରିଛନ୍ତି, ପୂର୍ବରୁ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ଥିଲେ)। ଏହା ପୂର୍ବରୁ ୨୦୧୮ ମସିହାରେ ଦେଶର ୪ଟି ହାଇକୋର୍ଟର ମୁଖ୍ୟ ବିଚାରପତି ମହିଳା ଥିଲେ । କିନ୍ତୁ ସେମାନଙ୍କ ମଧ୍ୟରୁ ଜଣେ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବରେ ଦାୟିତ୍ୱ ତୁଲାଉଥିଲେ। କିନ୍ତୁ ଏଥର ଜଷ୍ଟିସ୍ ମୀନାକ୍ଷୀ ମଦନ ରାୟଙ୍କ ନିଯୁକ୍ତି ପରେ ଏକାସଙ୍ଗେ ୪ ଜଣ ମହିଳା ଉଚ୍ଚ ନ୍ୟାୟାଳୟର ସର୍ବୋଚ୍ଚ ଆସନ ଅଳଙ୍କୃତ କରିଛନ୍ତି ।ଏହି ଐତିହାସିକ ସଫଳତା ସତ୍ତ୍ୱେ, ଦେଶର ଉଚ୍ଚ ନ୍ୟାୟପାଳିକାରେ ମହିଳାମାନଙ୍କ ପ୍ରତିନିଧିତ୍ୱ ବେଶ୍ କମ୍ ରହିଛି। ସରକାରୀ ତଥ୍ୟ ଏହି ଅସନ୍ତୁଳନକୁ ସ୍ପଷ୍ଟ କରୁଛି । ଚଳିତ ବର୍ଷ ଫେବୃଆରୀ ମାସରେ ସଂସଦରେ ଉପସ୍ଥାପିତ ହୋଇଥିବା ସରକାରୀ ରିପୋର୍ଟ ଅନୁସାରେ, ସମଗ୍ର ଦେଶର ବିଭିନ୍ନ ହାଇକୋର୍ଟରେ କାର୍ଯ୍ୟରତ ଥିବା ମୋଟ ୭୮୧ ଜଣ ବିଚାରପତିଙ୍କ ମଧ୍ୟରୁ ମହିଳାଙ୍କ ସଂଖ୍ୟା ମାତ୍ର ୧୧୬। ପ୍ରତିଶତ ହିସାବରେ ଦେଖିଲେ, ଉଚ୍ଚ ନ୍ୟାୟାଳୟଗୁଡ଼ିକରେ ମହିଳା ବିଚାରପତିଙ୍କ ସଂଖ୍ୟା ମୋଟ କ୍ଷମତାର ମାତ୍ର ୧୫ ପ୍ରତିଶତ ପାଖାପାଖି ରହିଛି।

## ଅଣ୍ଡର ୧୮ ଏସିଆ କପ୍ ହକି

# ପାକିସ୍ତାନକୁ ହରାଇ ଫାଇନାଲ୍‌ରେ ଭାରତ

ଭୁବନେଶ୍ବର: ଭାରତ ଶନିବାର ସ୍ବର୍ଣ୍ଣ ପଦକ ପାଇଁ ଜାପାନର କାକାମିଗାହାରାରେ ଚାଲିଥିବା ୧୮ ବର୍ଷରୁ କମ୍ ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ଫାଇନାଲ୍‌ରେ ଭାରତ ପ୍ରବେଶ କରିଛି। ଶୁକ୍ରବାର ସେମିଫାଇନାଲ୍‌ରେ ଭାରତ ୫-୩ ଗୋଲ୍‌ରେ ଚୀରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ପରାସ୍ତ କରି ଏହି ସଫଳତା ପାଇଛି। ପାନକୁ ଭେଟିବା ପ୍ରଥମ ସେମିଫାଇନାଲ୍‌ରେ ଜାପାନ୍ ୮-୧ ଗୋଲ୍‌ରେ ମାଲେସିଆକୁ ମାତ୍ ଦେଇଥିଲା। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ୍‌ର ଦ୍ୱାଦଶ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍‌ଟି ଷ୍ଟ୍ରୋକ୍‌କୁ ଆଶିଷ ତାନି ପୂର୍ତ୍ତି ଗୋଲ୍‌ରେ ପରିଣତ କରି ଦଳକୁ ପ୍ରଥମ କ୍ବାର୍ଟରରେ ଆଗରେ ରଖିଥିଲେ। ତେବେ ଦ୍ୱିତୀୟ କ୍ବାର୍ଟରରେ ପାକିସ୍ତାନର ଆଦିଲ୍ (୨୭ ମିନିଟ୍) ଗୋଲ୍‌ଟି ଶୁଝି ସ୍ଥିତି ସମାନ କରି ଦେଇଥିଲେ। ତୃତୀୟ କ୍ବାର୍ଟରରେ ଶାହରୁଖ ଖାନ୍ (୩୫ ମିନିଟ୍)ଙ୍କ ଗୋଲ୍‌ରେ ଭାରତ ପୁଣି ଆଗୁଆ ହୋଇଯାଇଥିଲା। ଏହାପରେ ଅସ୍‌ଲାନ୍ ମହମ୍ମଦ ଫରାନ (୩୭ ମିନିଟ୍) ଓ ଉଜୈର ଅହମ୍ମଦ କ୍ୟୁରେସୀ (୪୨ ମିନିଟ୍) ଗୋଟିଏ ଲେଖାଏଁ ଗୋଲ୍ ଦେଇ ପାକିସ୍ତାନକୁ ତୃତୀୟ କ୍ବାର୍ଟର ସୁଦ୍ଧା ୩-୨ରେ ଆଗରେ ରଖିଥିଲେ। ତେବେ ଶେଷ କ୍ବାର୍ଟରରେ ଭାରତ ସଫଳ ପ୍ରତ୍ୟାବର୍ତ୍ତନ କରି ୩ ଗୋଲ୍ ଲଦି ଫାଇନାଲ୍ ସ୍ଥାନ ନିଶ୍ଚିତ କରିଥିଲା। ଦଳକୁ ମିଳିଥିବା ୩ଟି ପେନାଲ୍‌ଟି କର୍ଣ୍ଣରକୁ ଆଶିଷ ତାନି ପୂର୍ତ୍ତି ଲଗାତାର ଗୋଲ୍‌ରେ ପରିଣତ କରି ଭାରତକୁ ୫-୩ରେ ବିଜୟ ଭେଟି ଦେଇଥିଲେ। ସେ ୪୯, ୫୩ ଓ ୫୬ ମିନିଟ୍‌ରେ ଏହି ଗୋଲ୍ ତ୍ରୟ ଦେବା ସହ ମୋଟ ଉପରେ ୪ ଗୋଲ୍ କରି ପାକିସ୍ତାନର ପରାଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ।

# ବସ୍ ଧର୍ମଘଟ ୩୦ ପର୍ଯ୍ୟନ୍ତ ଘୁଞ୍ଚିଲା

ଭୁବନେଶ୍ବର, ୫।୬ : ୧୦ ତାରିଖରେ ହେବାକୁ ଥିବା ବସ୍ ଧର୍ମଘଟକୁ ସ୍ଥଗିତ ରଖିଲା ଘରୋଇ ମାଲିକ ସଂଘ। ଶୁକ୍ରବାର ରାଜ୍ୟ ପରିବହନ ପ୍ରାଧିକରଣ କମିଶନରଙ୍କ ସହିତ ଆଲୋଚନା ପରେ ପ୍ରସ୍ତାବିତ ବସ୍ ଧର୍ମଘଟକୁ ସ୍ଥଗିତ ରଖିଛି ଘରୋଇ ବସ୍ ମାଲିକ ସଂଘ। ସରକାରଙ୍କୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦେଇଛି ଘରୋଇ ବସ୍ ମାଲିକ ସଂଘ। ଯଦି ସରକାର ଦାବି ନ ଶୁଣନ୍ତି, ତା'ହେଲେ ଜୁଲାଇ ୧ ତାରିଖରେ ସଂଘର ବୈଠକ ବସିବ। ସେଥିରେ ପୁଣି ଥରେ ବସ୍ ଧର୍ମଘଟ ହେବ କି ନାହିଁ, ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ। ସେ କହିଛନ୍ତି, ଆଶା କରୁଛୁ ସରକାର ସକାରାତ୍ମକ ପଦକ୍ଷେପ ନେବେ ଓ ଆମ ଦାବି ପୂରଣ କରିବେ। ଅନ୍ୟପକ୍ଷରେ ଏସ୍‌ଟିଏ ସମ୍ପାଦକ ଶିବ ଟପୋ କହିଛନ୍ତି, ୧୪ଟି ପାରାମିଟର ନେଇ ବସ୍ ଭଡ଼ା ବୃଦ୍ଧି କରିବା ପାଇଁ ପ୍ରସ୍ତାବ ରଖିବ ଏସଟିଏ। ଏହାପରେ ଭଡ଼ା ବୃଦ୍ଧି ନେଇ ନିଷ୍ପତ୍ତି ନେବେ ରାଜ୍ୟ ସରକାର।

ସୂଚନାଯୋଗ୍ୟ, ତୈଳ ଦର ବୃଦ୍ଧି ଯୋଗୁ ଜୁନ୍ ୨ ତାରିଖରେ ପୁଣି ବସ୍ ଭଡ଼ା ବଢ଼ାଇଥିଲେ ରାଜ୍ୟ ସରକାର। ଅର୍ଡିନାରୀ ଓ ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୨ ପଇସା ଲେଖାଏ ବଢ଼ିଛି। ପୂର୍ବରୁ ଅର୍ଡିନାରୀ ବସ୍ ଭଡ଼ା କିଲୋମିଟର ପିଛା ୯୦ ପଇସା ଥିବା ବେଳେ ଏହା ୯୨ ପଇସାକୁ ବୃଦ୍ଧି ପାଇଛି। ଏକ୍ସପ୍ରେସ୍ ବସ୍ ଭଡ଼ା କିଲୋମିଟର ପିଛା ୯୪ ପଇସା ଥିଲା ବେଳେ ଏବେ ୯୬ ପଇସାକୁ ବୃଦ୍ଧି ପାଇଛି। ଡିଲକ୍ସ ବସ୍‌ର ଭଡ଼ା ପୂର୍ବରୁ କିଲୋମିଟର ପିଛା ୧୩୧ ପଇସା ଥିବା ବେଳେ ଏବେ ୪ ପଇସା ବଢ଼ି ୧୩୫ ପଇସାରେ ପହଞ୍ଚିଛି। ଏସି ଡିଲକ୍ସ ବସ୍ ଭଡ଼ା ମଧ୍ୟ ବୃଦ୍ଧି ପାଇଛି। ପୂର୍ବରୁ ଏହି ବର୍ଗର ବସ୍ ସେବା ପାଇଁ ଯାତ୍ରୀମାନଙ୍କୁ କିଲୋମିଟର ପିଛା ୧୫୯ ପଇସା ଦେବାକୁ ପଡୁଥିବା ବେଳେ ଏବେ ୧୬୩ ପଇସାକୁ ଦେବାକୁ ହେବ। ଅର୍ଥାତ୍ ଏହି ବସ୍‌ର ଭଡ଼ା ମଧ୍ୟ କିମି ପିଛା ୪ ପଇସା ବଢ଼ିଛି। ସୁପର ଡିଲକ୍ସ ବସ୍ ଭଡ଼ା କିଲୋମିଟର ପିଛା ୬ ପଇସା ବଢ଼ିଛି। ପୂର୍ବରୁ ଏହି ବର୍ଗର ବସ୍‌ରେ ଯାତ୍ରା କରିବା ପାଇଁ ଯାତ୍ରୀମାନଙ୍କୁ କିଲୋମିଟର ପିଛା ୨୪୭ ପଇସା ଦେବାକୁ ପଡୁଥିଲା। ଏବେ ସେମାନଙ୍କୁ କିମି ପିଛା ୨୫୩ ପଇସା ଦେବାକୁ ପଡ଼ିବ।

ମେ' ୨୫ ତାରିଖରେ ପେଟ୍ରୋଲର ଲିଟର ପିଛା ଦାମ ୨.୬୧ ଟଙ୍କା ଓ ଡିଜେଲର ଲିଟର ପିଛା ଦାମ ୨.୭୧ ଟଙ୍କା ବଢ଼ିଥିଲା। ଏହାକୁ ମିଶାଇ ୧୧ ଦିନ ଭିତରେ ତୈଳ ଦର ୪ର୍ଥ ଥର ପାଇଁ ବୃଦ୍ଧି ପାଇଥିଲା। ଏହି ୧୧ ଦିନ ଭିତରେ ସମଗ୍ର ଦେଶରେ ପେଟ୍ରୋଲ ଲିଟର ପିଛା ୭.୫୦ ଟଙ୍କା ଓ ଡିଜେଲ ଦର ପ୍ରାୟ ୮ ଟଙ୍କା ମହଙ୍ଗା ହୋଇଥିଲା। ମେ' ୨୫ ତାରିଖରେ ପୁନର୍ବାର ତେଲ ଦର ବଢ଼ିବା ପରେ ବସ୍ ଭଡ଼ା ବୃଦ୍ଧି କରିବାକୁ ଦାବି କରିଥିଲା ଘରୋଇ ବସ୍ ମାଲିକ ସଂଘ। ଭଡ଼ା ନ ବଢ଼ିଲେ ବସ୍ ଗଡ଼ିବନି ବୋଲି କହିଥିଲା ସଂଘ। ସଂଘ ତରଫରୁ କୁହାଯାଇଥିଲା ଯେ ବସ ଭଡ଼ା ବୃଦ୍ଧି ପାଇଁ ସରକାର ସ୍ପଷ୍ଟ ନୀତି ଆପଣାନ୍ତୁ।

# ବଢ଼ିପାରେ ସ୍କୁଲ ଛୁଟି

ଭୁବନେଶ୍ବର: ରାଜ୍ୟରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଆସିଛି ଏକ ବଡ଼ ଖବର। ବଢୁଥିବା ତାତି ଓ ଅସ୍ୱାଭାବିକ ପାଣିପାଗକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଖରାଛୁଟିର ଅବଧି ବୃଦ୍ଧି କରିପାରନ୍ତି। ଏନେଇ ସ୍ପଷ୍ଟ ସଙ୍କେତ ଦେଇଛନ୍ତି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ବର୍ତ୍ତମାନ ଖରାର ପ୍ରଭାବ ଓ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନକୁ ସରକାର ଗୁରୁତ୍ୱର ସହ ଅନୁଧ୍ୟାନ କରୁଛନ୍ତି। ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ସରକାରଙ୍କ ପ୍ରଥମ ପ୍ରାଥମିକତା ହୋଇଥିବାରୁ ପରିସ୍ଥିତି ଅନୁଯାୟୀ ଖରାଛୁଟି ବୃଦ୍ଧି ନେଇ ନିଷ୍ପତ୍ତି ନିଆଯିବ।ସେ କହିଛନ୍ତି, ''ଖରାଛୁଟି ବଢ଼ିବ କି ନାହିଁ, ତାହା ସମୟ କହିବ। ସେହି ସମୟରେ ରାଜ୍ୟର ପାଣିପାଗ ପରିସ୍ଥିତି କେମିତି ରହିବ, ତାହାକୁ ଦେଖି ସରକାର ନିଷ୍ପତ୍ତି ନେବେ। ଯଦି ତାତିର ପ୍ରକୋପ କମିବ ନାହିଁ, ତେବେ ଖରାଛୁଟି ବଢ଼ାଇବା ନେଇ ବିଚାର କରାଯିବ।'' ଉଲ୍ଲେଖଯୋଗ୍ୟ, ପୂର୍ବରୁ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା ଯେ ଜୁନ୍? ୨୨ ତାରିଖରେ ରାଜ୍ୟର ସ୍କୁଲଗୁଡ଼ିକ ପୁଣି ଖୋଲିବ। କିନ୍ତୁ ଏବେ ବି ରାଜ୍ୟର ଅନେକ ଜିଲ୍ଲାରେ ତାପମାତ୍ରା ଉଚ୍ଚ ସ୍ତରରେ ରହିଛି। ଦିନ ବେଳା ଘରୁ ବାହାରିବା କଷ୍ଟକର ହୋଇପଡୁଥିବା ବେଳେ ସ୍କୁଲ ଖୋଲିଲେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିପାରେ ବୋଲି ଅଭିଭାବକମାନେ ମଧ୍ୟ ଚିନ୍ତା ପ୍ରକାଶ କରୁଛନ୍ତି।ଏଭଳି ସ୍ଥିତିରେ ଗଣଶିକ୍ଷା ମନ୍ତ୍ରୀଙ୍କ ବୟାନ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ନୂଆ ଆଶା ସୃଷ୍ଟି କରିଛି। ଏବେ ସମସ୍ତଙ୍କ ନଜର ସରକାରଙ୍କ ପରବର୍ତ୍ତୀ ଘୋଷଣା ଉପରେ ରହିଛି। ଖରା କମିବ ନା ଖରାଛୁଟି ବଢ଼ିବ, ତାହା ଆଗାମୀ କିଛି ଦିନର ପାଣିପାଗ ସ୍ଥିତି ହିଁ ନିର୍ଣ୍ଣୟ କରିବ।

# ନାମାଙ୍କନ ଦାଖଲ କଲେ ବିଜେପି ପ୍ରାର୍ଥୀ ଦେବାଶିଷ

ଭୁବନେଶ୍ୱର, ୫।୬: ରାଜ୍ୟସଭା ଉପନିର୍ବାଚନ ପାଇଁ ନାମାଙ୍କନ କଲେ ଦେବାଶିଷ ସାମନ୍ତରାୟ । ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କଲେ ଦେବାଶିଷ । ବିଧାନସଭା ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ନାମାଙ୍କନ ଦାଖଲ କରିଛନ୍ତି । ନାମାଙ୍କନ ଦାଖଲ ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିଲେ । ଗୁରୁବାର ରାଜ୍ୟସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଘୋଷଣା କରିଥିଲା ବିଜେପି। ନିକଟରେ ବିଜୁ ଜନତା ଦଳ ଛାଡ଼ି ବିଜେପିରେ ମିଶିଥିବା ବରିଷ୍ଠ ନେତା ଦେବାଶିଷ ସାମନ୍ତରାୟଙ୍କୁ ପ୍ରାର୍ଥୀ କରିଥିଲା ଦଳ। ଦେବାଶିଷ ବିଜେଡି ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେବା ପରେ ଆସନ ଖାଲି ପଡ଼ିଥିଲା। ଏହା ସହିତ ସେ ବିଜେଡିରୁ ଇସ୍ତଫା ଦେଇଥିଲେ। ଦେବାଶିଷଙ୍କୁ ପ୍ରାର୍ଥୀ କରାଯିବା ନେଇ କେନ୍ଦ୍ରୀୟ ବିଜେପି ପକ୍ଷରୁ ସୂଚନା ଦିଆଯାଇଥିଲା। ଉଲ୍ଲେଖନୀୟ ଦେବାଶିଷ ସାମନ୍ତରାୟ ବିଜେଡି ଛାଡ଼ିବା ସହ ରାଜ୍ୟସଭା ପଦରୁ ଇସ୍ତଫା ଦେଇଥିଲେ। ଏହା ପରେ ଏହି ଆସନ ପାଇଁ ଦେବାଶିଷଙ୍କ ସହ ବିଜେପିର ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା ଦୌଡ଼ରେ ଥିବା କୁହାଯାଉଥିଲା। ହେଲେ ପାର୍ଟି ତାର ପୁରୁଣା ଫର୍ମୁଲା ଅନୁସାରେ ଦେବାଶିଷଙ୍କୁ ସଂସଦର ଉଚ୍ଚସଦନ ପାଇଁ ପ୍ରାର୍ଥୀ କରିଥିଲା। ଏହା ପୂର୍ବରୁ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇ ପୁଣି ଥରେ ରାଜ୍ୟସଭା ଯାଇଥିଲେ ମମତା ମହାନ୍ତ । ନିକଟରେ ସୁଜିତ କୁମାର ପୁନର୍ବାର ରାଜ୍ୟସଭାକୁ ନିର୍ବାଚିତ ହୋଇଛନ୍ତି। ସେ ମଧ୍ୟ ବିଜେଡି ଛାଡ଼ି ବିଜେପିରେ ମିଶିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଦେବାଶିଷ ସାମନ୍ତରାୟ ବିଜେଡି ଛାଡ଼ିବା ସହ ରାଜ୍ୟସଭା ପଦରୁ ଇସ୍ତଫା ଦେଇଥିଲେ । ଏହାପରେ ଏହି ଆସନ ପାଇଁ ଦେବାଶିଷଙ୍କ ସହ ବିଜେପିର ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା ଦୌଡ଼ରେ ଥିବା କୁହାଯାଉଥିଲା । ହେଲେ ପାର୍ଟି ତାର ପୁରୁଣା ଫର୍ମୁଲା ଅନୁସାରେ ଦେବାଶିଷଙ୍କୁ ସଂସଦର ଉଚ୍ଚସଦନ ପାଇଁ ପ୍ରାର୍ଥୀ କରିଥିଲା ।

# ଚାଳିଶି ଲକ୍ଷ ଟଙ୍କାର କଫ ସିରଫ ଜବତ, ଦୁଇ ଗିରଫ

ପଦ୍ମପୁର, ୫।୬ (ଆନିସ): ପଦ୍ମପୁର ପୋଲିସକୁ ଏକ ବଡ଼ ସଫଳତା ମିଳିଛି। ପୋଲିସ ଚଢ଼ାଉ କରି ପ୍ରାୟ ୪୦ ଲକ୍ଷ ଟଙ୍କା ମୂଲ୍ୟର ବିପୁଳ ପରିମାଣର କଫ ସିରଫ ଜବତ କରିବା ସହ ଦୁଇଜଣ ଚାଲାଣକାରୀଙ୍କୁ ଗିରଫ କରିଛି। ଆସନ୍ତା ଶୀତଳଷଷ୍ଠୀ ପର୍ବକୁ ଲକ୍ଷ୍ୟ କରି ଏହି କଫ ସିରଫ ପଦ୍ମପୁର ଅଞ୍ଚଳକୁ ଚାଲାଣ କରାଯାଉଥିବା ତଦନ୍ତରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ପଦ୍ମପୁର ଉପଖଣ୍ଡ ପୋଲିସ ଅଧିକାରୀ (ଏସଡିପିଓ) ପାଣ୍ଡବ ଶବରଙ୍କ ନିର୍ଦ୍ଦେଶକ୍ରମେ ପଦ୍ମପୁର ଥାନା ଅଧିକାରୀ କ୍ରିସେନସିଆ ସେମରିଆ ଓ ତାଙ୍କ ଟିମ୍ ପଦ୍ମପୁର-ଗାଇସିଲେଟ ରାସ୍ତାର କୁଡାସିଂହା ଛକ ନିକଟରେ ଯାନବାହନ ଯାଞ୍ଚ କରୁଥିଲେ। ଏହି ସମୟରେ ସନ୍ଦେହଜନକ ଭାବେ ଯାଉଥିବା ଏକ ପିକଅପ ଭ୍ୟାନକୁ ଅଟକାଇ ତଲାସି କରାଯାଇଥିଲା। ତଲାସି ବେଳେ ଗାଡ଼ି ଭିତରୁ ପ୍ରାୟ ୮ ହଜାର ବୋତଲ କଫ ସିରଫ ମିଳିଥିଲା। ଜବତ ହୋଇଥିବା ଏହି କଫ ସିରଫର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୪୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ତୁରନ୍ତ ଗାଡ଼ିକୁ ଜବତ କରିବା ସହ ଏହାରେ ଥିବା ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା।ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଏହି କଫ ସିରଫ ଭୁବନେଶ୍ୱରର ନୟାପଲ୍ଲୀ ଅଞ୍ଚଳରୁ ପଦ୍ମପୁରକୁ ଚାଲାଣ କରାଯାଉଥିଲା। ଶୀତଳଷଷ୍ଠୀ ଅବସରରେ ଏହାକୁ ବିକ୍ରି କରିବା ଉଦ୍ଦେଶ୍ୟ ଥିବା ପୋଲିସ ସନ୍ଦେହ କରୁଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଭୁବନେଶ୍ୱର ନୟାପଲ୍ଲୀର ଶରତ ଚନ୍ଦ୍ର ତୁଙ୍ଗ ଓ ପଦ୍ମପୁର ଥାନା ଅନ୍ତର୍ଗତ ଝାଙ୍କରପାଲି ଗ୍ରାମର ମାନସ ପାଣ୍ଡେଙ୍କୁ ଗିରଫ କରାଯାଇଛି। ପଦ୍ମପୁର ତହସିଲଦାର ମାନସ ରଞ୍ଜନ ପଣ୍ଡାଙ୍କ ଉପସ୍ଥିତରେ କଫ ସିରଫ ଜବତ ହୋଇଛି । ପୋଲିସ ଉଭୟ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ଏହି ଚାଲାଣ ପଛରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି ଏବଂ କଫ ସିରଫ କେଉଁଠି ବିକ୍ରି ହେବାକୁ ଥିଲା ସେନେଇ ପୋଲିସ ଖୋଳତାଡ଼ ଜାରି ରଖିଛି। ଏହି ଚଢ଼ାଉକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବାବେଳେ ନିଶା କାରବାର ବିରୋଧରେ ପଦ୍ମପୁର ପୋଲିସର ଏହା ଏକ ବଡ଼ ସଫଳତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।



# ବ୍ରହ୍ମାକୁମାରୀ ସେବାକେନ୍ଦ୍ରରେ ବିଶ୍ୱ ପରିବେଶ ଦିବସ

ଖୋର୍ଦ୍ଧା, ୫।୬ (ଆନିସ): ଶୁକ୍ରବାର ଖୋରଧା ସହରର ମଂଗଳାନଗର ଠାରେ ଅବସ୍ଥିତ ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପରିସରରେ ସକାଳ ୫ ଘଟିକା ରୁ ୮ଘଟିକା ପର୍ଯ୍ୟନ୍ତ ବିଶ୍ୱ ପରିବେଶ ଦିବସଏହାର ସଞ୍ଚାଳିକା ବ୍ରହ୍ମାକୁମାରୀ ଅନୁରାଧା ଭଉଣୀଙ୍କ ସଭାପତିତ୍ୱରେ ପାଳନ କରାଯାଇଥିଲା। ଏହି ସଂସ୍ଥାର କୃଷି ଓ ଗ୍ରାମ ବିକାଶ ପ୍ରଭାଗ ମାଧମରେ ଆୟୋଜିତ ଏହି ବିଶେଷ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଗ୍ରାମରେ ଥିବା ବ୍ରହ୍ମାକୁମାରୀ ପାଠଶାଳା ରୁ ଶତାଧିକ ଭାଇଭଉଣୀମାନେ ଧାନଯୋଗ ମାଧମରେ ନିଜ ମନର ସକରାତ୍ମକ ଶକ୍ତି ଦ୍ୱାରା ପ୍ରକୃତି ପରିବର୍ତ୍ତନ ପାଇଁ ପରମାତ୍ମାଙ୍କୁ ମନେ ପକାଇ ପରିବେଶ ସୁରକ୍ଷା ନିମନ୍ତେ ଏଠାରେ ବୃକ୍ଷରୋପଣ କରିଥିଲେ।

ବ୍ରହ୍ମା କୁମାର ଜୟକୃଷ୍ଣ ଭାଇ ଗଛରୁ ଅମ୍ଳଜାନ, ଖାଦ୍ୟ, ଫୁଲ, ଫଳ, ଛାୟାଓ କାଠ ମିଳୁ ଥିବାରୁ ବୃକ୍ଷ ଉପକାରୀ କହି ସମସ୍ତଙ୍କୁ ଗଛ ବାଣ୍ଟିଥିଲେ ଓ ପରିବେଶ ସ୍ୱଚ୍ଛ ରଖିବାକୁ ପରାମର୍ଶ ଦେଇଥିଲେ।ଖୋର୍ଦ୍ଧା ପତଞ୍ଜଳୀ ଯୋଗ ସମିତି ର ଯୋଗ ଶିକ୍ଷକ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ନାୟକ ଓ ୧୭ ନମ୍ବର ୱାର୍ଡର କାଉନସିଲର ଶ୍ରୀମତୀ ଲୀନା ସ୍ୱାଇଁ ଅତିଥି ଭାବରେ ଯୋଗଦାନ କରି ମଙ୍ଗଳାନଗର ବ୍ରହ୍ମାକୁମାରୀ ସେବାକେନ୍ଦ୍ର ପରିସରରେ ଆମ୍ବ, ଅଁଳା, ବେଲ, ଚେରି, ଅମୃତଭଣ୍ଡା, ଭୃସୁଙ୍ଗା,ତୁଳସୀ ଇତ୍ୟାଦି ବୃକ୍ଷ ରୋପଣ କରି ଜଳ ସିଞ୍ଚନ କରିଥିଲେ। ଶେଷରେ ବ୍ରହ୍ମାକୁମାରୀ ଉପ-ସେବାକେନ୍ଦ୍ର ସୀମରର ସଞ୍ଚାଳିକା ରଶ୍ମୀଭଉଣୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଦେବକନ୍ୟା ହୋଟେଲରେ ବିଶ୍ୱ ପରିବେଶ ଦିବସ ପାଳିତ




ଢେଙ୍କାନାଳ,୫।୬ (ଆନିସ): ବିଶ୍ୱ ପରିବେଶ ଦିବସ ସ୍ଥାନୀୟ ଦେବ କନ୍ୟା ହୋଟେଲ ରେ ଉଫୁନାର ଉପ ସଭାପତି ଆଡ଼ଭୋକେଟ ମନୋରଞ୍ଜନ ମହାନ୍ତି ଙ୍କ ଅଧକକ୍ଷ ତା ରେ ଅନୁଷ୍ଠିତ ହୋଇଯାଇଛି ଏଥିରେ ମୁଖ୍ୟ ଅତିଥି ଭାବରେ ପୂର୍ବ ତନ ମନ୍ତ୍ରୀ ଶଶୀଭୁଷଣ ବେହେରା, ପୂର୍ବ ତନ ସବିଆଇ ଜଜ ଭିକାରି ରାଉତ, ଡାକ୍ତର ତୁଷାର କାନ୍ତି ନାୟକ, ଦୀପାୟନ ପଟ୍ଟନାୟକ, ପ୍ରମୋଦ କୁମାର ମହାପାତ୍ର, କବି ବହାଦୁର ପାଟଶାହାଣି,ଡକ୍ଟର ପ୍ରମୋଦ କୁମାର ନାୟକ, ପ୍ରମୁଖ ଯୋଗ ଦେଇ ବିଶ୍ୱ ପରିବେଶ ସାମ୍ପର୍କରେ ଆଲୋଚନା କରିଥିଲେ

# ବିଶ୍ୱ ପରିବେଶ ଦିବସ: ଓଡ଼ଗାଁରେ ପଥ ପାର୍ଶ୍ୱବୃକ୍ଷ ରୋପଣ

ଓଡ଼ଗାଁ ୦୫/୦୬ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି) ରେ ସହରାଞ୍ଚଳ ପଥ ପାର୍ଶ୍ୱ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁନ୍ ୦୫ ତାରିଖ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶ ପାଇଁ ଜନଜାଗରଣ ଏବଂ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଓଡ଼ଗାଁ ଠାରେ ବିଜେ ଶ୍ରୀ ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣ ଠାରୁ ଏକ ଶୋଭାଯାତ୍ରା ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଓଡ଼ଗାଁ ଥାନା ପର୍ଯ୍ୟନ୍ତ ପହଞ୍ଚି ଥିଲା।ଥାନା ସାମନା ରାସ୍ତାପାର୍ଶ୍ୱରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା କୁଣ୍ଡ ଗୁଡ଼ିକରେ ଓଡ଼ଗାଁ ତହସିଲଦାର ଡ.ମାନସ ରଞ୍ଜନ ଭୋଇ,ବିଡିଓ ପ୍ରିତିବାଳା ରଣା,ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା,ଆଇଆଇସି ସତ୍ୟନାରାୟଣ ବାରିକ,ଏଏସ୍ଆଇ ଚକ୍ରଧର ସିଂ, ବନପାଳ ସରିତା ବରାଳ ପ୍ରମୁଖଙ୍କ ସହିତ ଏନ୍ଏସି ଇଂ ସତ୍ୟନାରାୟଣ ସାହୁ,ଏମ୍ ଶୁଭମ୍,ବରଦା ପ୍ରସନ୍ନ ଦାସ, ସୂର୍ଯ୍ୟ ପଟ୍ଟନାୟକଙ୍କ ସହିତ ଶାନ୍ତନୁ ବିଶୋଇ,ଅଚ୍ୟୁତ ପଣ୍ଡା,ବରେନ୍ଦ୍ର ନନ୍ଦ,ସୁଶାନ୍ତ ସାହୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସୂଚନା ଥାଉକି ଓଡ଼ଗାଁ ଏନ୍ଏସିକୁ ସବୁଜ ସହର,ସୁନ୍ଦର ଓଡ଼ଗାଁରେ ରୂପାନ୍ତରିତ କରିବାକୁ ସ୍ଥିର କରାଯାଇଥିବା ବେଳେ ବର୍ଷାର ଆଗମନ ପରେ ବହୁ ପରିମାଣରେ ବୃକ୍ଷ ରୋପଣ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ନିର୍ବାହୀ ଅଧିକାରୀଙ୍କ ଠାରୁ ପ୍ରକାଶ।




# ଗ୍ରୀଷ୍ମକାଳୀନ ଯୋଗ ଶିବିର ଉଦ୍‌ଘାଟିତ



କେନ୍ଦ୍ରାପଡ଼ା, ୫।୬ (ଆନିସ): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରୟାସ ଏବଂ ଜିଲ୍ଲା ପ୍ରଶାସନ (କ୍ରୀଡ଼ା ବିଭାଗ), କେନ୍ଦ୍ରାପଡ଼ାଙ୍କ ସହଯୋଗରେ ସାମଗୁଡ଼ିଆସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍ ଠାରେ ଏକ ସପ୍ତାହବ୍ୟାପୀ ଗ୍ରୀଷ୍ମକାଳୀନ ଯୋଗ ଶିବିର ଆଜି ଉଦ୍ଘାଟିତ ହୋଇଛି। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଯୋଗ ଅନୁଷ୍ଠାନରୁ ଶତାଧିକ ଛାତ୍ରଛାତ୍ରୀ ଓ ଯୋଗପ୍ରେମୀ ଅଂଶଗ୍ରହଣ କରିଛନ୍ତି। ଶିବିରଟି ପ୍ରତିଦିନ ସକାଳ ୭ଟାରୁ ୮ଟା ଏବଂ ସନ୍ଧ୍ୟା ୫ଟାରୁ ୬ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଉଦ୍ଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବୀନ୍ଦ୍ର କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ସେ ଯୋଗ ଅଭ୍ୟାସର ଶାରୀରିକ ଓ ମାନସିକ ଉପକାରିତା ଉପରେ ଆଲୋକପାତ କରି ଯୁବପିଢ଼ୀଙ୍କୁ ନିୟମିତ ଯୋଗାଭ୍ୟାସ ପାଇଁ ପ୍ରେରିତ କରିଥିଲେ।ଶିବିରରେ ଯୋଗାସନ, ପ୍ରାଣାୟାମ, ବନ୍ଧ, ମୁଦ୍ରା ଏବଂ ବିଭିନ୍ନ ଯୋଗ କ୍ରିୟା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଜିଲ୍ଲା କ୍ରୀଡ଼ା ଅଧିକାରୀ ତଥା ଆନ୍ତର୍ଜାତୀୟ ଯୋଗ ବିଚାରକ 'ଯୋଗ ରତ୍ନ' ଶ୍ରୀ ଲୋକନାଥ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହେଉଛି। ତାଙ୍କ ସହ ଖେଲୋ ଇଣ୍ଡିଆ ସେଣ୍ଟରର ଯୋଗ ପ୍ରଶିକ୍ଷକ ଶ୍ରୀ ଟୁଲୁ ମଲିକ ଏବଂ ଶ୍ରୀ ସଞ୍ଜୟ ମଥାନ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିବେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ପାଣିଗ୍ରାହୀ ଅଧିକରୁ ଅଧିକ ଯୁବକ ଓ ଯୁବତୀଙ୍କୁ ଏହି ଶିବିରରେ ଅଂଶଗ୍ରହଣ କରିବା ପାଇଁ ଆହ୍ୱାନ ଜଣାଇଛନ୍ତି। ଏହି ଶିବିର ମାଧ୍ୟମରେ ଯୋଗ କ୍ଷେତ୍ରରେ ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରାଯାଇ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ପ୍ରତିଯୋଗିତା ପାଇଁ ମନୋନୀତ କରାଯିବ।

# ବିଶ୍ୱ ପରିବେଶ ଦିବସରେ ସେବକ ପକ୍ଷରୁ ଜିଲ୍ଲା ସ୍ତରୀୟ ଦେଶୀ ବିହନ ସମ୍ମିଳନୀ

ସୁନ୍ଦରଗଡ଼,୦୫/୦୬(ଆନିସ): ପ୍ରକୃତି ଆମର ଜୀବନର ଆଧାର। ଜଳ, ଜଙ୍ଗଲ, ଜନ୍ତୁ, ମାଟି ଓ ବିହନକୁ ସୁରକ୍ଷା କଲେ ଆମର ଭବିଷ୍ୟତ ସୁରକ୍ଷିତ ରହିପାରିବ। ଯଦି ବିହନ ସୁରକ୍ଷିତ ରହେ, ତେବେ ଖାଦ୍ୟ ସୁରକ୍ଷା ନିଶ୍ଚିତ ହେବ, ଯଦି ଜଙ୍ଗଲ ଓ ପରିବେଶ ସୁସ୍ଥ ରହିବ, ତେବେ ଆଗାମୀ ପିଢ଼ୀ ସୁସ୍ଥ ଓ ସୁରକ୍ଷିତ ଜୀବନ ବ୍ୟତୀତ କରିପାରିବ। ଆଜିର ଦିନରେ ଜଳବାୟୁ ପରିବର୍ତ୍ତନ, ରାସାୟନିକ କୃଷିର ବୃଦ୍ଧି ଓ ବାଣିଜ୍ୟିକ ବିହନ ଉପରେ ନିର୍ଭରଶୀଳତା ଆମ ପାରମ୍ପରିକ କୃଷି ପ୍ରଣାଳୀକୁ ଚ୍ୟାଲେଞ୍ଜ ଦେଉଛି। ଏପରି ସମୟରେ ଦେଶୀ ବିହନର ସଂରକ୍ଷଣ କେବଳ କୃଷି ସହିତ ସୀମିତ ନୁହେଁ, ଏହା ଆମ ସଂସ୍କୃତି, ପରମ୍ପରା, ଆତ୍ମନିର୍ଭରତା ତଥା ଚିରସ୍ଥାୟୀ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ବୋଲି ବିଶ୍ୱ ପରିବେଶ ଦିବସ ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ତରଫରୁ ଆୟୋଜିତ ଦେଶୀ ବିହନ ସଂରକ୍ଷଣ ଉପରେ ଜିଲ୍ଲା ସ୍ତରୀୟ ସମ୍ମିଳନୀରେ ଉପସ୍ଥିତ ଚାଷୀ ମାନେ ମତାମତ ରଖିଛନ୍ତି। ଆଜି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ତରଫରୁ ରୁରାଲ ରିସୋର୍ସ ସେଣ୍ଟର-ସେବକ ଠାରେ ଆୟୋଜିତ ବିଶ୍ୱ ପରିବେଶ ଦିବସ ଅବସରରେ ଦେଶୀ ବିହନ ସଂରକ୍ଷଣ ଉପରେ ଜିଲ୍ଲା ସ୍ତରୀୟ ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ସନ୍ତୋଷ ଅମାତ ଦେଶୀ ବିହନର ସଂପ୍ରସାରଣ ଉପରେ ଗୁରୁତ୍ୱ ଦେଇ ଏହି ବିହନ ସଂରକ୍ଷଣ ଓ ସଂପ୍ରସାରଣ ଅଭିଜାନକୁ ବ୍ୟବସାୟିକ ରୂପ ଦେବାକୁ ଆହ୍ୱାନ ଦେଇଥିଲେ।

ସମ୍ମାନିତ ଅତିଥି ଭାବରେ ଯୋଗଦାନ କରି ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ପଟେଲ ଜୈବ ବିବିଧତା ସୁରକ୍ଷା ସଙ୍ଗେ ସଙ୍ଗେ ପରିବେଶ ସନ୍ତୁଳନ ରକ୍ଷା ନିମନ୍ତେ ଗୋଷ୍ଠୀ ସହଭାଗିତାର ଆବଶ୍ୟକ ଅଛି ବୋଲି ମତପ୍ରଦାନ କରିଥିଲେ। କୃଷି ବିଶେଷଜ୍ଞ ଭାବରେ ଯୋଗଦାନ କରି ଅବସରପ୍ରାପ୍ତ କୃଷି ଅଧିକାରୀ ଉଦିତ କୁମାର ନାଏକ ବିହନ ସଂରକ୍ଷଣ ଆଇନ, କୃଷକ ଅଧିକାର ଆଇନ ଉପରେ ଆଲୋଚନା କରିବା ସହ ଦେଶୀ ବିହନ ସଂରକ୍ଷଣ ପ୍ରକ୍ରିୟା ପ୍ରାକୃତିକ କୃଷି ପାଇଁ ଅପରିହାର୍ଯ୍ୟ ବୋଲି ମତ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦାନ କରି ଦେଶୀ ବିହନ ସଂରକ୍ଷକ ସୂରଥ ରାମ କିଶାନ ଓ ଗୀତାଞ୍ଜଳି ନାଏକ ନିଜ ନିଜର ଅନୁଭୂତି ବର୍ଣ୍ଣନା କରିବା ସଙ୍ଗେ ସଙ୍ଗେ ଗାଁ ଗାଁ ରେ କୃଷି ବୈଜ୍ଞାନିକ ତିଆରି କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସେବକର ଅଧକ୍ଷ ଅମିୟକାନ୍ତ ନାଏକ ଦେଶୀ ବିହନ ସଂରକ୍ଷଣ ପ୍ରକ୍ରିୟାରେ ଅଧିକରୁ ଅଧିକ ଚାଷୀଙ୍କୁ ସାମିଲ ହେବାପାଇଁ ଆହ୍ୱାନ ଦେଇଥିଲେ। ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧାୟ ବିଶ୍ୱ ପରିବେଶ ଦିବସ ଉପରେ ବିସ୍ତୃତ ଆଲୋଚନା କରିବା ସହ ଗ୍ରୀନ ମେମୋରୀ କ୍ୟାମ୍ପେନ, ବୃକ୍ଷ ରକ୍ଷା ବନ୍ଧନ, ବିହନ ବଲ ଅଭିଜାନ, ପକ୍ଷୀ ମାନଙ୍କ ନିମନ୍ତେ ଜଳପାତ୍ର ବ୍ୟବସ୍ଥା ଉପରେ ଉପସ୍ଥାପନା ରଖିଥିଲେ। ନ୍ୟାସନାଲ କୋଆଲିସନ ଫର ନ୍ୟାଚୁରାଲ ଫାର୍ମିଙ୍ଗର ରାଜ୍ୟ ସଂଯୋଜକ ଡ. ଇମ୍ରାନ ଅଲି ଭିଡ଼ିଓ କନଫରେନସିଙ୍ଗ ମାଧମରେ ଯୋଗଦେଇ ବିଷମୁକ୍ତ କୃଷି ଉପରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ, ସ୍ଥାୟୀ ଏବଂ ରାସାୟନିକ ମୁକ୍ତ କୃଷି ପଦ୍ଧତିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଜଙ୍ଗଲ ବିଭାଗର ସହଯୋଗରେ ସେବକ କମ୍ୟୁଟର ସେଣ୍ଟର ତରଫରୁ ବିଶ୍ୱ ପରିବେଶ ଦିବସ ଅବସରରେ ଆୟୋଜିତ ପ୍ରବନ୍ଧ ଲିଖନ, ପ୍ରଶ୍ନୋତ୍ତରୀ ଓ ଝୋଟି ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସେବକର ବରିଷ୍ଠ କର୍ମୀ ବେଦବ୍ୟାସ ଧୃଆ ସଭା ସଞ୍ଚାଳନ କରିଥିବା ବେଳେ ଚକ୍ରଧର ପୃଷେଠ, ବର୍ଷା ସାହୁ ପ୍ରମୁଖ ବିଭିନ୍ନ ଅଧିବେଶନ ପରିଚାଳନା କରିଥିଲେ। ଶେଷରେ ସ୍ନିଗ୍ଧାରାଣୀ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ବ୍ଲକରୁ ୮୦ ରୁ ଉର୍ଦ୍ଧ ଚାଷୀ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀର ଶେଷରେ ଅଂଶଗ୍ରହଣକାରୀ ଚାଷୀ, ବିଶେଷଜ୍ଞ ଓ ଅତିଥିମାନେ ଦେଶୀ ବିହନ ସଂରକ୍ଷଣ, ପ୍ରାକୃତିକ କୃଷି ଓ ପରିବେଶ ସୁରକ୍ଷାକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ସଂକଳ୍ପ ନେଇଥିଲେ। ଏହି ସମ୍ମିଳନୀ କେବଳ ଏକ ଆଲୋଚନା ମଞ୍ଚରେ ସୀମିତ ନ ରହି, ଚାଷୀମାନଙ୍କ ମଧ୍ୟରେ ଦେଶୀ ବିହନ ପ୍ରତି ଆସ୍ଥା, ଆତ୍ମନିର୍ଭରତା ଓ ପରିବେଶ ସଚେତନତାକୁ ସୁଦୃଢ଼ କରିବାରେ ଏକ ନୂତନ ଦିଗନ୍ତ ସୃଷ୍ଟି କରିଥିଲା। ଆଗାମୀ ଦିନରେ ଜଳବାୟୁ ସହନଶୀଳ କୃଷି, ଖାଦ୍ୟ ସୁରକ୍ଷା ଓ ବିଷମୁକ୍ତ ପୃଥିବୀ ଗଠନ ଦିଗରେ ଏଭଳି ସାମୂହିକ ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବ ବୋଲି ଅଂଶଗ୍ରହଣ କାରୀ ମାନେ ମତ ପ୍ରକାଶ କରିଥିଲେ ।




## କଦଳୀବନ୍ଧ ବିଦ୍ୟାଳୟକୁ ମିଳିଲା ପ୍ରକୃତିମିତ୍ର

# କୋମଣ୍ଡ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ମିଳିଲା ପ୍ରକୃତି ବନ୍ଧୁ



ଓଡ଼ଗାଁ ୦୫/୦୬ (ଆନିସ):ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍ଏସିର ସରକାରୀ ପ୍ରାଥମିକ ବିଦ୍ୟାଳୟ,କଦଳୀବନ୍ଧ ଶିକ୍ଷାନୁଷ୍ଠାନକୁ ପ୍ରକୃତିମିତ୍ର ପୁରସ୍କାର ପାଇଁ ସାର୍ଟିଫିକେଟ ସହିତ କୋଡ଼ିଏ ହଜାର ଟଙ୍କାର ଚେକ୍ ପୁରସ୍କାର ପ୍ରଧାନ ଶିକ୍ଷକ ପ୍ରକୃତିବନ୍ଧୁ ରଞ୍ଜନ କୁମାର ଦାଶ ଏବଂ ଓଡ଼ଗାଁ ବ୍ଲକ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ,କୋମଣ୍ଡର ପ୍ରଧାନ ଶିକ୍ଷକ ଭାବଗ୍ରାହୀ ମହାପାତ୍ରଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପାଇଁ ସାର୍ଟିଫିକେଟ ସହିତ ଦଶ ହଜାର ଟଙ୍କାର ଚେକ୍ ପୁରସ୍କାର ଉଭୟେ ଜିଲ୍ଲାପାଳ ମଧୁମିତା ରଥ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିରଞ୍ଜନ ସାମନ୍ତରାଙ୍କ ଠାରୁ ଗ୍ରହଣ କରିଥିଲେ।ନୟାଗଡ଼ ଜିଲ୍ଲା ବନଖଣ୍ଡ ବିଶ୍ରାମାଗାର ସଭାକକ୍ଷରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ବନଖଣ୍ଡ ଅଧିକାରୀ ଦେବାର୍ଚ୍ଚନ ବେହେରାଙ୍କ ସଭାପତିତ୍ୱରେ ଶୁକ୍ରବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା।ଏଥିରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଏବଂ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜ୍ୟୋତିରଞ୍ଜନ ସାମନ୍ତରା ଯୋଗଦେଇ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ମନୋନୀତ ହୋଇଥିବା ଜିଲ୍ଲାରୁ ୫ ଟି ଅନୁଷ୍ଠାନକୁ ପ୍ରକୃତିମିତ୍ର ଏବଂ ୪ ଜଣଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟ ତଥା ଶିକ୍ଷକଙ୍କ ଉଦ୍ୟମ ଏବଂ ଏହାର ସଫଳତା ପାଇଁ ଉଭୟଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିଛି।

# ପ୍ରଜାପିତା ବ୍ରହ୍ମାକୁମାରୀ ବାଲୁଗାଁର ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳିତ

ବାଲୁଗାଁ, ୫।୬ (ଆନିସ): ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ଥାନା ଅନ୍ତର୍ଗତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଶିବ ଜ୍ୟୋତି ଧାମ,ବାଲୁଗାଁ ଶାଖା ତରଫ ରୁ ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳନ କରାଯାଇଛି। ଯେଉଁ ଦିବସ କି ମିଳିତ ଜାତି ସଙ୍ଗ ରେ ୧୯୭୨ ମସିହା ରେ ଉପସ୍ଥାପିତ କରାଯାଇ ୧୯୭୩ ମସିହା ଜୁନ୍ ମାସ ୫ ତାରିଖରେ ପାଳନ କରାଯାଇଥିଲା । ସେହି ଦିନ ଠାରୁ ପ୍ରତି ବର୍ଷ ଆଜିର ଦିନ ଟିକୁ ସାରା ବିଶ୍ୱରେ ପାଳନ କରାଯାଉଛି। ଏହାର ମୁଖ୍ୟ ଉଦ୍ଦେଶ୍ୟ କି ଯେଉଁଭଳି ବିଶ୍ୱ ପରିବେଶ ଦିନ କୁ ଦିନ ଦୂଷିତ ହୋଇ ସବୁଜ ଗୃହ ପରିସ୍ଥିତି ସୃଷ୍ଟି ହେବା ସହ ଜଳ ବାୟୁ ର ଅହେତୁକ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହାର ମୁଖ୍ୟ କାରଣ ଜଙ୍ଗଲ ର ଦ୍ରୁତ ଅବକ୍ଷୟ ଏବଂ ସହରୀ କରଣ ତେଣୁ ଏହି ସମସ୍ୟା ର ସମାଧାନ ହେଉଛି ନୂତନ ଜଙ୍ଗଲ ସୃଷ୍ଟି କରିବା ସହ ବୃକ୍ଷ ସଂଖ୍ୟା ବୃଦ୍ଧି କରିବା। ସେଥି ପାଇଁ ଆଜିର ଦିନରେ ବୃକ୍ଷ ରୋପଣ କରି ସାମଜିକ ସଚେତନତା ର ବାର୍ତ୍ତା ଦେବା ଅପରିହାର୍ଯ୍ୟ ହୋଇପଡିଛି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ବ୍ରହ୍ମା କୁମାରୀ ଆଶ୍ରମ ର ବଡ଼ ଭଉଣୀ ବି.କେ ସରିତା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଭଉଣୀ ବି.କେ ଲତା, ଭଉଣୀ ବି. କେ ପୂଜା ଏବଂ ଭାଇ ବି.କେ ଯୁଧିଷ୍ଠିର ଙ୍କ ସହ ଆଶ୍ରମ ର ଅନ୍ୟାନ୍ୟ ଭାଇ ଭଉଣୀ ଙ୍କ ସହଯୋଗରେ ଗତକାଲି ଆଶ୍ରମ ପରିସର ରେ ବାଲୁଗାଁ ବନାଞ୍ଚଳ ଅଧିକାରୀ ଶ୍ରୀମତି ରଶ୍ମୀତା ଜେନା ଙ୍କ ପ୍ରଚେଷ୍ଟା ରେ ବୃକ୍ଷ ରୋପଣ କାର୍ଯକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆଜି ପ୍ରାତଃ ସମୟରେ ବଡକୁଳ ସ୍ଥିତ ଚିଲିକା ଉଚ୍ଚ ବିଦ୍ୟାଳୟ ପରିସର ରେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସାହୁ ଙ୍କ ପ୍ରଚେଷ୍ଟାରେ ବୃକ୍ଷ ରୋପଣ କରାଯାଇଥିଲା। ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ର ଉଦ୍ଦେଶ୍ୟ କି ସାରା ବିଶ୍ୱରେ ଭାତୃ ଭାବ ଶାନ୍ତି ସ୍ଥାପନା ସହ ସୁସ୍ଥ ଶାରୀରିକ, ସୁସ୍ଥ ମାନସିକତା ଏବଂ ସୁସ୍ଥ ସମାଜ ଗଠନରେ ମୁଖ୍ୟ ବ୍ରତୀ ହୋଇ ଆଗକୁ ସମସ୍ତ ପ୍ରକାର କାର୍ଯକ୍ରମ ଜାରୀ ରହିବ ବୋଲି ଉପସ୍ଥିତ ସମସ୍ତ ସଦସ୍ୟ ମତ ବ୍ୟକ୍ତ କରିଥିଲେ। ଏତା ଦୃଶ୍ୟ କାର୍ଯକ୍ରମ କୁ ସ୍ଥାନିୟ ବାସିନ୍ଦା ପ୍ରଶଂଶା କରିବା ସହ ସ୍ୱାଗତ କରିଥିଲେ।



## ବ୍ରହ୍ମପୁର ସିଭିଲ କୋର୍ଟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ

# ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଆମର ସାମୂହିକ ଦାୟିତ୍ୱ

ବ୍ରହ୍ମପୁର, ୫।୬ (ଆନିସ): ବିଶ୍ୱ ପରିବେଶ ଦିବସ-୨୦୨୬ ଅବସରରେ ଆଜି ବ୍ରହ୍ମପୁର ସିଭିଲ କୋର୍ଟ ପରିସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ (ଡିଏଲଏସଏ), ଗଞ୍ଜାମ ପକ୍ଷରୁ ଏକ ବୃକ୍ଷରୋପଣ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜିଲ୍ଲା ଓ ଦୌରା ଜଜ୍-ତଥା -ଅଧ୍ୟକ୍ଷ,ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଗଞ୍ଜାମ ବିବସ୍ୱତ ଗୌତମ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାର ଆବଶ୍ୟକତା ଓ ସବୁଜ ପରିବେଶ ଗଠନରେ ପ୍ରତ୍ୟେକ ନାଗରିକଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଶ୍ରୀ ଗୌତମ ନିଜେ ବୃକ୍ଷରୋପଣର ଶୁଭାରମ୍ଭ କରି କହିଥିଲେ ଯେ ବୃକ୍ଷରୋପଣ କେବଳ ଗୋଟିଏ ଦିନର କାର୍ଯ୍ୟକ୍ରମ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସୁରକ୍ଷିତ ପରିବେଶ ସୃଷ୍ଟି କରିବାର ସାମୂହିକ ଦାୟିତ୍ୱ



। ସେ ଆହୁରି ମଧ କହିଥିଲେ ଯେ ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଓ ପରିବେଶ ପ୍ରଦୂଷଣ ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି,ଏହାର ମୁକାବିଲା ପାଇଁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ବୃକ୍ଷରୋପଣ ସହ ପରିବେଶ ସଂରକ୍ଷଣରେ ସକ୍ରିୟ ଭୂମିକା ଗ୍ରହଣ କରିବା ଆବଶ୍ୟକ ।

ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ,ଗଞ୍ଜାମର ସଚିବ ବ୍ୟୋମକେଶ ନାୟକ ଉପସ୍ଥିତ ରହି ବିଶ୍ୱ ପରିବେଶ ଦିବସର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ ପରିବେଶ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ନୈତିକ କର୍ତ୍ତବ୍ୟ, ସବୁଜ ପରିବେଶ ଗଠନ ଦ୍ୱାରା ହିଁ ଆଗାମୀ ପିଢ଼ି ପାଇଁ ଏକ ସୁସ୍ଥ ଓ ସୁରକ୍ଷିତ ଭବିଷ୍ୟତ ସୁନିଶ୍ଚିତ କରାଯାଇପାରିବ । ଏହି ଅବସରରେ ସିଭିଲ କୋର୍ଟ, ବ୍ରହ୍ମପୁରର ବିଚାରକ ଓ ଅଧିକାରୀ, ବନ ବିଭାଗର ଅଧିକାରୀ, ଡିଏଲଏସଏ ଏବଂ କୋର୍ଟ କର୍ମଚାରୀମାନେ ଯୋଗଦେଇ ବିଭିନ୍ନ ଫଳ ଓ ଫୁଲ ଗଛର ଚାରା ରୋପଣ କରିଥିଲେ । ବନ ବିଭାଗ ପକ୍ଷରୁ ପ୍ରଦତ୍ତ ଚାରାଗୁଡ଼ିକୁ କୋର୍ଟ ପରିସରର ବିଭିନ୍ନ ସ୍ଥାନରେ ରୋପଣ କରାଯାଇଥିଲା ।

କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତେ ପରିବେଶ ସୁରକ୍ଷା,ବୃକ୍ଷରୋପଣ ଏବଂ ପ୍ରାକୃତିକ ସମ୍ପଦର ସଂରକ୍ଷଣ ପାଇଁ ସଚେତନ ରହିବା ଓ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ଶପଥ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ସିଭିଲ କୋର୍ଟ ପରିସରରେ ଏକ ସବୁଜ, ସୁନ୍ଦର ଏବଂ ପରିବେଶ ଅନୁକୂଳ ପରିବେଶ ଗଠନ ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ଭାବେ ସମସ୍ତଙ୍କ ଦ୍ୱାରା ସ୍ୱାଗତ କରାଯାଇଥିଲା । ସଚିବ ଶ୍ରୀ ନାୟକ ସମସ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

## ଗଞ୍ଜାମ ଜିଲ୍ଲା ନାଟକ ମହୋତ୍ସବ ଉଦଯାପିତ

# ଆମ ଅସ୍ମିତା ଉପରେ ଆଧାରିତ ନାଟକ 'ବଦଳି ଯାଉଥିବା ସମୟ' ଦର୍ଶକଙ୍କ ହୃଦୟକୁ ସ୍ପର୍ଶ କଲା

ଗଞ୍ଜାମ,୫।୬ (ଆନିସ): ଆଜି ଆମେ ଆଧୁନିକତାର ଶୀର୍ଷରେ ପହଂଚି ଯାଇଛେ ସତ, ହେଲେ ଆମ ପରମ୍ପରା ଓ ସଂସ୍କୃତି ଲିଭିଗଲାଣି ଯେଉଁ ଯୁବବର୍ଗ ଆମ ସଂସ୍କୃତି ଏବଂ ଅସ୍ମିତା ପାଇଁ ଚିନ୍ତା କରିବା କଥା ସେମାନେ ସମ୍ପ୍ରତି ବିଦେଶୀ ଢାଞ୍ଚାରେ ପଡି ଗାଁ ପରମ୍ପରାକୁ ଦେଖିଲେ ନାକ ଟେକୁଛନ୍ତି । ସକାଳେ ଏବଂ ସନ୍ଧ୍ୟାରେ ଆଉ ଗାଁ ପିଣ୍ଡାରେ ସଂକୀର୍ତ୍ତନ କି ଭାଗବତ ଟୁଙ୍ଗି ଦେଖିବାକୁ ମିଳୁନି । ସତରେ କଣ ଆମେ ଆଉ ଆମ ଅସ୍ମିତାକୁ ବଞ୍ଚେଇ ପାରିବାନି, ଏମିତି କିଛି ଘଟଣା ବସ୍ତୁକୁ ନେଇ ଡ୍ରାମା ଲଭର କୃଷ୍ଣ ପଣ୍ଡାଙ୍କ ରଚିତ ଏବଂ ନିର୍ଦ୍ଦେଶିତ ଆମ ଅସ୍ମିତାକୁ ବହନ କରୁଥିବା ନାଟକ ବଦଳି ଯାଉଥିବା ସମୟ ପରିବେଷଣ ହୋଇଥିଲା । ଗଞ୍ଜାମ ଜିଲ୍ଲା କଳାକାର ସଂଘ ଦ୍ୱାରା ଆୟୋଜିତ ୧ମ ଗଞ୍ଜାମ ଜିଲ୍ଲା ସ୍ତରୀୟ ନାଟକ ମହୋତ୍ସବର ଉଦଯାପନୀ ସନ୍ଧ୍ୟାରେ ନାଳନ୍ଦାଶ୍ରୀ ମହାବିଦ୍ୟାଳୟରେ ଅଧକ୍ଷ କାଳିଚରଣ ସାହୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା



ପ୍ରଦୀପ ପ୍ରଜ୍ୱଳନ କରିଥିବା ବେଳେ ବ୍ରହ୍ମପୁର ମହାନଗର ନିଗମର ୱାର୍ଡ ନଂ ୨୬ର କର୍ପୋରେଟର ଧୀରେଶ ରାଉତ, ଓଡିଶା ନାଟ୍ୟ ସଂଘର ଉପସଭାପତି ଭବାନୀ ଶଙ୍କର ମିଶ୍ର, ବସ୍ତୁବିତ ଡ ସନ୍ୟାସୀ ମହାରଣା, ବିଶିଷ୍ଟ ଅଭିନେତା ପ୍ରଶାନ୍ତ ମହାରଣା ଏବଂଗଙ୍ଗାଧର ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସଂଘର ସାଧାରଣ ସମ୍ପାଦକ ଡ ମିହିର କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ ସଭାପତି ଶଙ୍କର୍ଷଣ ସାବତ ମଂଚାସୀନ ଥିବାବେଳେ ସଭାକୁ ଅଧକ୍ଷତା କରିଥିଲେ ସଂଘର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ବିଘ୍ନେଶ୍ୱର ସାହୁ ସହ ସମ୍ପାଦକ ଅଜିତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । ତାପସ ପାଣିଗ୍ରାହୀ ଏବଂ ସୁନନ୍ଦା ରାଣୀ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଉପଦେଷ୍ଟା ସ୍ୱର୍ଣ୍ଣପ୍ରଭା ପାଢ଼ୀ, ନାଟ୍ୟକାର ତ୍ରିପତି ନାୟକ, ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ନାଟ୍ୟ ପ୍ରଦୀପ ମଦନ ମିଶ୍ର, ପ୍ରଚାର ପ୍ରସାର ସମ୍ପାଦକ ସୁଦିପ ସାହୁ, ମନୋଜ ଦଣ୍ଡପାଟ, ଗିରିଜା ଶଙ୍କର ଦାଶ, କୈଳାଶ ଚନ୍ଦ୍ର ପାଣିଗ୍ରାହୀ, ରବୀନ୍ଦ୍ର କୁମାର ନାୟକ, ସରୋଜ କୁମାର ବାରିକ, ସରୋଜ କୁମାର ପଣ୍ଡା, ସନ୍ଦୀପ ପଟ୍ଟନାୟକ, ସଦସ୍ୟ ଅରୁଣ କୁମାର ଶତପଥୀ, ଆଇନ ପରାମର୍ଶଦାତା ବିଘ୍ନେଶ୍ୱର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ବିଶ୍ୱ ପରିବେଶ ଦିବସ:ବୁଗୁଡ଼ା ବ୍ଲକର ୨୧ ପଞ୍ଚାୟତରେ ବ୍ୟାପକ ସଫେଇ ଓ ସଚେତନତା



ବୁଗୁଡ଼ା, ୫।୬ (ଆନିସ): ବିଶ୍ୱ ପରିବେଶ ଦିବସ ଅବସରରେ ବୁଗୁଡ଼ା ବ୍ଲକର ସମସ୍ତ ୨୧ଟି ପଞ୍ଚାୟତରେ ବ୍ୟାପକ ସଫେଇ ଅଭିଯାନ ଓ ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଗ୍ରାମର ରାସ୍ତାଘାଟ, ସର୍ବସାଧାରଣ ସ୍ଥାନ କୁ ସଫା କରାଯିବା ସହ ପରିବେଶ ସୁରକ୍ଷା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା।

ଏହି ଅବସରରେ ଜନପ୍ରତିନିଧି, ସରକାରୀ କର୍ମଚାରୀ, ମିଶନ ଶକ୍ତି ସଦସ୍ୟା, ସ୍ୱୟଂସେବୀ ସଂଗଠନ, ଛାତ୍ରଛାତ୍ରୀ ଏବଂ ସାଧାରଣ ଜନତା ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ। ପ୍ଲାଷ୍ଟିକ ବ୍ୟବହାର କମାଇବା, ବୃକ୍ଷରୋପଣ କରିବା ଏବଂ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସମସ୍ତଙ୍କୁ ଶପଥ ପାଠ କରାଯାଇଥିଲା।ପ୍ରତ୍ୟେକ ପଂଚାୟତରେ ଜଣେ ଜଣେ ନୋଡାଲ ଅଫିସର ଉପସ୍ଥିତ ରହି ସଫେଇ କାର୍ଯ୍ୟ କୁ ତଦାରଖ କରିଥିବାବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁତିକୃଷ୍ଣ ପାତ୍ର, ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ପରିଡା ତାକରଡ଼ା ପଞ୍ଚାୟତ ର ମତାଝରି ଗ୍ରାମରେ ଉପସ୍ଥିତ ରହିସଫେଇ କରିବାସହ ପରିବେଶର ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ କର୍ତ୍ତବ୍ୟ। ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଓ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଥିବା ବେଳେ ସମସ୍ତଙ୍କ ସହଯୋଗ ଦ୍ୱାରା ଏକ ସୁସ୍ଥ ଓ ସବୁଜ ପରିବେଶ ଗଠନ ସମ୍ଭବ ବୋଲିସଚେତନ କରାଇ ''ସ୍ୱଚ୍ଛ ଗାଁ, ସୁସ୍ଥ ପରିବେଶ'' ବାର୍ତ୍ତା ଦେଇଥିଲେ। ବୁଗୁଡ଼ା ବ୍ଲକରେ ଏହି ଅଭିଯାନ ଜନସାଧାରଣଙ୍କ ମଧ୍ୟରେ ପରିବେଶ ସୁରକ୍ଷା ପ୍ରତି ଏକ ସକାରାତ୍ମକ ସଚେତନତା ସୃଷ୍ଟି କରିଛି।

## ବିଶ୍ୱ ପରିବେଶ ଦିବସ :ସବୁଜ ପୃଥିବୀ ଗଠନ ପାଇଁ ସମସ୍ତଙ୍କୁ ଆହ୍ୱାନ

ବୁଗୁଡ଼ା,୫।୬ (ଆନିସ): ବିଶ୍ୱ ପରିବେଶ ଦିବସ ଅବସରରେ ଆଜି ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପରିବେଶ



ସୁରକ୍ଷା, ବୃକ୍ଷରୋପଣ, ପ୍ଲାଷ୍ଟିକ ବର୍ଜନ ଓ ପରିଷ୍କାର-ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦେଇ ରାଲି, ଶପଥ ପାଠ ଓ ସଚେତନତା ସଭା ଅନୁଷ୍ଠିତ ହୋଇଛି। ବୃଦ୍ଧି ପାଉଥିବା ପ୍ରଦୂଷଣ, ଜଙ୍ଗଲ ନଷ୍ଟ ଏବଂ ଜଳବାୟୁ ପରିବର୍ତ୍ତନ ମାନବ ସମାଜ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇଛି। ତେଣୁ ପରିବେଶର ସନ୍ତୁଳନ ରକ୍ଷା ପାଇଁ ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ଭୂମିକା ଆବଶ୍ୟକ। ଏହି ଅବସରରେ ବୁଗୁଡ଼ା ବ୍ଲକ ଗୋଲାମୁଣ୍ଡୁଳା ଗ୍ରାମରେ ମାନ୍ୟବର ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ,ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ବିଭୁତି ଭୂଷଣ ବେହେରା, ନଗର ପାଳ ଚିତ୍ରସେନ ପ୍ରଧାନ ଉପସ୍ଥିତ ରହି ଚାରାରୋପଣ କରିଥିବା ବେଳେ ବୁଗୁଡ଼ା ବ୍ଲକ ସମସ୍ତ ପଞ୍ଚାୟତ ରେ ମଧ ବୃକ୍ଷ ରୋପଣ ସହ ପ୍ଲାଷ୍ଟିକ ବ୍ୟବହାର କମାଇବା ଏବଂ ସବୁଜ ପରିବେଶ ଗଠନ ପାଇଁ ଆହ୍ୱାନ ଦିଆଯାଇଥିଲା।ଗଛ କେବଳ ଅମ୍ଳଜାନ ଯୋଗାଇ ନଥାଏ, ବରଂ ପରିବେଶର ସନ୍ତୁଳନ ରକ୍ଷା, ମାଟି କ୍ଷୟ ରୋକିବା ଓ ଜୈବ ବିବିଧତା ସଂରକ୍ଷଣରେ ମଧ ସହାୟକ ହୋଇଥାଏ।ତେଣୁ

ସମସ୍ତେ ପ୍ରତିବର୍ଷ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନେବା ପାଇଁ ସଚେତନ କରାଯାଇଥିଲା !

## 'ପ୍ରକୃତି ମିତ୍ର' ସମ୍ମାନରେ ସମ୍ମାନିତ ହେଲେ ସାରଦା ପ୍ରସାଦ ଦାସ

ଗଞ୍ଜାମ, ୫।୬ (ଆନିସ): ବିଶ୍ୱ ପରିବେଶ ଦିବସ ଅବସରରେ ଗଞ୍ଜାମ ଅଷ୍ଟମ ବାଟାଲିୟନର ଦୁର୍ଗପତି ସାରଦା ପ୍ରସାଦ ଦାସଙ୍କୁ ଜିଲ୍ଲା ସ୍ତରୀୟ 'ପ୍ରକୃତି ମିତ୍ର' ପୁରସ୍କାର ପ୍ରଦାନ କରାଯାଇଛି। ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ କ୍ଷେତ୍ରରେ ତାଙ୍କର ନିରନ୍ତର ଅବଦାନକୁ ସ୍ୱୀକୃତି ଦେଇ ଏହି ସମ୍ମାନ ପ୍ରଦାନ କରାଯାଇଛି।

ଗୋଟିଏ ପଟେ ସେ ନିଜର ପ୍ରଶାସନିକ ଦାୟିତ୍ୱକୁ ଦକ୍ଷତାର ସହ ତୁଲାଉଥିବା ବେଳେ, ଅନ୍ୟପଟେ ପରିବେଶ ସୁରକ୍ଷା ପ୍ରତି ତାଙ୍କର ନିଷ୍ଠା ଓ ସମର୍ପଣ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ତାଙ୍କ ନେତୃତ୍ୱ ଓ ପ୍ରେରଣାରେ ୩୦୦୦ରୁ ଅଧିକ ବୃକ୍ଷ ରୋପଣ କରାଯାଇଥିବା ବେଳେ ସେ ଯୁବପିଢ଼ିଙ୍କ ପାଇଁ ଏକ ଅନୁକରଣୀୟ ଉଦାହରଣ ସାଜିଛନ୍ତି। କେବଳ ବୃକ୍ଷରୋପଣ ନୁହେଁ, ବରଂ ସେଗୁଡ଼ିକର ସୁରକ୍ଷା ଓ ରକ୍ଷଣାବେକ୍ଷଣ ଉପରେ ମଧ ସେ ବିଶେଷ ଗୁରୁତ୍ୱ ଦେଇଆସୁଛନ୍ତି।

ଏହି ସମ୍ମାନ ପାଇବା ପରେ ଅଷ୍ଟମ ବାଟାଲିୟନ ଓ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଉଥିବା ବେଳେ ସ୍ଥାନୀୟ ଲୋକେ ଏହାକୁ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କହିଛନ୍ତି।

## ଆସିକା ଶାନ୍ତିଶକ୍ତି ଭବନରେ ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳିତ

ଆସିକା,୫।୬ (ଆନିସ):ଗଞ୍ଜାମ ଜିଲ୍ଲା ଆସିକା ସହର ଉପକଣ୍ଠ ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତି ଶକ୍ତି ଭବନ ଆସିକା ଶାଖା ପକ୍ଷରୁ ଆଜି ବିଶ୍ୱ ପର୍ଯ୍ୟାବରଣ ଦିବସ ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମ ଆସିକା ଶାନ୍ତି ଶକ୍ତି ଭବନ ସଂଚଳିକା ରାଜ ଯୋଗିନୀ ବ୍ରହ୍ମକୁମାରୀ ପ୍ରଭାତି ଭଉଣୀଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଆସିକା ବିଧାୟକ ସରୋଜ କୁମାର ପାଢୀ,ସମ୍ମାନୀୟ ଅତିଥି ଭାବେ



ବାବନପୁର ସରପଚଂ ତଥା ମୋକ୍ଷର ଧାମ ପ୍ରକୃତି ମାତା ପୀଠ ପ୍ରତିଷ୍ଠାତା ସଞ୍ଜୟ କୁମାର ନାୟକ, ବିଧାୟକ ପ୍ରତିନିଧି ସଙ୍ଗୀତ ପାଢୀ ପ୍ରମୁଖ ଯୋଗ ଦେଇଛନ୍ତି । ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଧାରାବାହିକ ଭାବେ ଆୟୋଜିତ ବହୁମୁଖୀ କାର୍ଯ୍ୟକ୍ରମ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପ୍ରଦାନ କରୁଛି । ଏଥିପାଇଁ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସାଧୁବାଦ ଜଣାଯାଇଥିଲା । ଆସିକା ଶାନ୍ତି ଶକ୍ତି ଭବନ ସେବା କେନ୍ଦ୍ର ସଂଚାଳିକା ରାଜଯୋଗିନୀ ବ୍ରହ୍ମକୁମାରୀ ପ୍ରଭାତୀ ଭଉଣୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ପର୍ଯ୍ୟାବରଣ ସୁରକ୍ଷା, ସମ୍ବଳ ପରିଚାଳନା ଓ ରକ୍ଷଣାବେକ୍ଷଣକୁ ଦୃଷ୍ଟିରେ ରଖି ବିଗତ ନବେ ବର୍ଷ ଧରି ମୁଖ୍ୟାଳୟ ମାଉଟଂ ଆବୁ ଠାରେ ଯେଉଁ ସବୁ ଯୋଜନା କାର୍ଯ୍ୟକାରୀ ହେଉଛି ତାହା ଆଜି ସମଗ୍ର ବିଶ୍ୱରେ ଦକ୍ଷତା ବିକାଶ ଓ ପର୍ଯ୍ୟାବରଣ ସୁରକ୍ଷା ପାଇଁ ଉଦ୍ୟମ କରୁଥିବା ବିଭିନ୍ନ ସରକାରୀ, ବେସରକାରୀ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କୁ ମାର୍ଗଦର୍ଶନ କରୁଛି । ଏହି କାର୍ଯ୍ୟକ୍ରମରେ ପର୍ଯ୍ୟାବରଣର ସୁରକ୍ଷା ଦ୍ୱାରା ବିଶ୍ୱର କଲ୍ୟାଣ କାମନା କରି ପରମାତ୍ମା ଶିବ ପିତାଙ୍କ ଉଦ୍ଦେଶ୍ୟରେ ପ୍ରଦୀପ ପ୍ରଜ୍ୱଳନ କରି ସମସ୍ତେ ବ୍ୟକ୍ତିଗତ ସ୍ତରରେ ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ ହେବା ପାଇଁ ସଙ୍କଳ୍ପ କରିଥିଲେ । ଏହି କାର୍ଯ୍ୟକ୍ରମରେ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶତାଧିକ ଭାଇ ଓ ଭଉଣୀ, ସହରର ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜୀବୀ ପ୍ରମୁଖ ଯୋଗ ଦେଇଥିଲେ ।

## ଛତ୍ରପୁର ଡ୍ରାମା ଅନୁଷ୍ଠାନ ପକ୍ଷରୁ ଯାତ୍ରା କଳାକାର ଗୌର ଦାସଙ୍କୁ ସମ୍ବର୍ଦ୍ଧନା

ଛତ୍ରପୁର,୫।୬ (ଆନିସ): ଛତ୍ରପୁର ଡ୍ରାମା ଅନୁଷ୍ଠାନ ଜଗନ୍ନାଥ ଡ୍ରାମା କ୍ରିଏସନ ପକ୍ଷରୁ ଓଡ଼ିଆ ଯାତ୍ରା ଜଗତର ସୁପରିଚିତ କଳାକାର ଗୌର ଦାସ ଙ୍କୁ ଅନୁଷ୍ଠାନ ପରିସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ୧୯୯୪ ମସିହାରୁ ମଞ୍ଚ ଅଭିନୟ କ୍ଷେତ୍ରରେ ପାଦ ଥାପି ଥିବା ଗୌର ଦାସ ଆଜି ପର୍ଯ୍ୟନ୍ତ ଯାତ୍ରା ନାଟକରେ ମୁଖ୍ୟ ଚରିତ୍ର ତଥା ହିରୋ ଭୂମିକାରେ ଅଭିନୟ କରି ଯାତ୍ରା ଦର୍ଶକଙ୍କ ହୃଦୟରେ ସ୍ଥାନ ପାଇଛନ୍ତି ଏଂ ତାଙ୍କ ଅଭିନୟ କଳା ରେ ଅନେକ ପ୍ରଶଂସକ ସୃଷ୍ଟି କରିପାରିଛନ୍ତି । ଏଣୁ ଅନୁଷ୍ଠାନ



ପକ୍ଷରୁ ସଭାପତି ସୁମନ ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ଜିଲ୍ଲା ସଂସ୍କୃତି ପରିଷଦ ସଦସ୍ୟ ଓ ସାଂସ୍କୃତିକ ସଂଗଠକ ଅରୁଣ ଶତପଥି, ନାଟ୍ୟ ନିର୍ଦ୍ଦେଶକ ଦେବେନ୍ଦ୍ର ନାଥ ଶର୍ମା, ମଞ୍ଚ କଳାକାର ରାମେଶ୍ୱର ପଣ୍ଡା, କଳା ସଂଗଠକ ପ୍ରଶାନ୍ତ ପଟ୍ଟନାୟକ, ନାଟ୍ୟକାର ଦୁର୍ଗା ପ୍ରସାଦ ମାର୍ଥା ଓ ଅନୁଷ୍ଠାନର ଛାତ୍ରଛାତ୍ରୀ ,ଅଭିଭାବକ ପ୍ରମୁଖ ଶ୍ରୀଯୁକ୍ତ ଗୌର ଦାସ ଙ୍କୁ ଉପଢୌକନ,ପୁଷ୍ପଗୁଚ୍ଛ ଓ ପ୍ରସଂଶାପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ବୁଲା କୁକୁର କାମୁଡ଼ାରେ ଜଣେ ଶିଶୁ ସମେତ ୭ ଜଣ ଗୁରୁତର

ମୁନିଗୁଡା,୫।୬ (ଆନିସ):ରାୟଗଡା ଜିଲ୍ଲା ଅମ୍ବାଦଳା ଅଞ୍ଚଳରେ ବୁଲା କୁକୁର ଆତଙ୍କ ଦେଖାଦେଇଛି। ଏକ ବୁଲା କୁକୁର କାମୁଡ଼ାରେ ମୋଟ ୭ ଜଣ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତମାନଙ୍କ ମଧ୍ୟରୁ ଜଣେ ଇନ୍ଦିରା ସାହିର ବାସିନ୍ଦା ହୋଇଥିବା ବେଳେ ହାଟପଦା ସାହି ଓ ସାହୁ କଲୋନୀର ୬ ଜଣ ରହିଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ଶିଶୁ ମଧ ଥିବା ସୂଚନା ମିଳିଛି।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବୁଲା କୁକୁରଟି ହଠାତ୍? ଉତ୍ୟକ୍ତ ହୋଇ ରାସ୍ତାରେ ଯାଉଥିବା ଓ ଘର ସମ୍ମୁଖରେ ଥିବା ଲୋକଙ୍କୁ ଆକ୍ରମଣ କରିଥିଲା। ଫଳରେ ଅଳ୍ପ ସମୟ ମଧ୍ୟରେ ୭ ଜଣ ଆହତ ହୋଇଥିଲେ। ଆହତମାନଙ୍କୁ ତୁରନ୍ତ ଅମ୍ବାଦଳା ଓ ମୁନିଗୁଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବା ବେଳେ ସମସ୍ତେ ସୁସ୍ଥ ଥିବା ଜଣାପଡିଛି।ଘଟଣା ପରେ ଅଞ୍ଚଳରେ ଭୟ ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଥିବା ବେଳେ ବୁଲା କୁକୁରଙ୍କ ଉପଦ୍ରବ ନିୟନ୍ତ୍ରଣ ପାଇଁ ପ୍ରଶାସନ ଓ ପଶୁପାଳନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକ ଦାବି ।

## ଋଷିକୂଲ୍ୟା ବ୍ରାହ୍ମଣ ମହାସଂଘର ସାଧାରଣ ସଭା




ଆସିକା, ୫।୬ (ଆନିସ): ଋଷିକୂଲ୍ୟା ବ୍ରାହ୍ମଣ ମହାସଂଘର ସାଧାରଣ ସଭା ଅନୁଷ୍ଠିତ ହୋଇଛି । ଆସିକା ଲାଲାଶାସନସ୍ଥିତ ଶ୍ରୀଶ୍ରୀ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଗଙ୍ଗାଧର ଶତପଥୀଙ୍କ ଅଧକ୍ଷରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମହାସଂଘର ବହୁ ସଦସ୍ୟ ଓ କର୍ମକର୍ତ୍ତା ଯୋଗଦେଇ ସାଂଗଠନିକ ପୁନର୍ବିନ୍ୟାସ ସହ ବ୍ରାହ୍ମଣ ବାଳକଙ୍କ ସାମୁହିକ ବ୍ରତୋପନୟନ କରିବା ନେଇ ଆଲୋଚନା ହୋଇଥିଲା । ସଂଘର ପୁରୋହିତ କର୍ମକାଣ୍ଡ, ସୁପକାର ଓ ପୂଜକ କାର୍ଯ୍ୟରେ ନିୟୋଜିତ ବ୍ରାହ୍ମଣଙ୍କର ବହୁବିଧ ସମସ୍ୟା ଉପରେ ଆଲୋଚନା କରାଯାଇ ଆର୍ଥିକ ନାଟକ ମଧ୍ୟରେ ଏହି ଶ୍ରେଣୀର ବ୍ରାହ୍ମଣ ମାନେ ସ୍ୱ-କୌଳିକ ବୃତ୍ତି ପ୍ରତି ଅନାଗ୍ରହ ପୋଷଣ କରୁଥିବା ଓ ଏଥିରୁ ବିରତ ରହି ଗାଁ ଭିଟାମାଟି ଛାଡି ଦାଦନ ଖଟିବା ପାଇଁ ବାହାରକୁ ଯିବା ସୃଷ୍ଟି ହୋଇଥିବାରୁ ସରକାରୀ ସ୍ତରରେ ସହାୟତା ଏହି ୩ ଶ୍ରେଣୀର ବ୍ରାହ୍ମଣଙ୍କ ଦାବୀ ଉପସ୍ଥାପନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ମେଧାକୁ ସ୍ଥାନ ଦେଇ ଆର୍ଥିକ ସ୍ଥିତିକୁ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରୀ କରିବା ପାଇଁ ସଭାରେ ଦୃଢ ଦାବି କରାଯାଇଥିଲା । ସାମୁହିକ ବ୍ରତୋପନୟନ ମାର୍ଚ୍ଚ ମାସରେ ଏହି ପୀଠରେ ଅନୁଷ୍ଠିତ କରାଇବାକୁ ସ୍ଥିର କରାଗଲା । ଏଥି ପାଇଁ ବ୍ରତୋପନୟନ କମିଟି ଓ ପଣ୍ଡିତ କମିଟି ଗଠନ କରାଯାଇ ଉପଯୁକ୍ତ ବ୍ରତୋପନୟନ ପ୍ରାର୍ଥୀଙ୍କୁ ଚୟନ କରିବାକୁ ନିଷ୍ପତ୍ତି ହେଲା । ଏହି କମିଟିରେ ପଣ୍ଡିତ ସୁରେନ୍ଦ୍ରନାଥ ମିଶ୍ର ଅଧକ୍ଷ, ମିନକେତନ ଶତପଥୀ, ବଳରାମ ଦାଶ, ଦେବୀ ପ୍ରସାଦ ଶତପଥୀ, ଦିଲ୍ଲୀପ କର, ସୀତାରାମ ଦାଶ, ମୃତ୍ୟୁଞ୍ଜୟ ଆଚାର୍ଯ୍ୟ, ସୁଧିରକାନ୍ତ ଦାଶ, କୈଳାସ ଚନ୍ଦ୍ର ମହାପାତ୍ର, ତାରିଣୀ ଚରଣ ସାହୁ, ମୀନକେନତନ ରଥ, ପଣ୍ଡିତ ରାମେଶ୍ୱର ଶତପଥୀ, ପଣ୍ଡିତ ରତ୍ନାକର ଦାଶଙ୍କୁ ଚୟନ କରାଯାଇଥିଲା ବେଳେ ଗଙ୍ଗାଧର ମିଶ୍ରଙ୍କୁ ଆସିକା ବ୍ଲକ୍? ସୁପକାର କମିଟି ସଭାପତି ଭାବେ ମନୋନିତ କରାଯାଇଥିଲା ।

କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ରଥଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଛବିଳରା ମିଶ୍ର, ଦିଲ୍ଲୀପ ପାଣିଗ୍ରାହୀ, ପ୍ରସନ୍ନ ତ୍ରିପାଠୀ, ଶକ୍ତି ପ୍ରସାଦ କର, ନିରୋଜ କୁମାର ପାଢୀ, ଉପେନ୍ଦ୍ର ନାଥ ମିଶ୍ର, ସୁକାନ୍ତ ମିଶ୍ର, ନିରଞ୍ଜନ ପଣ୍ଡା, ଶିବ ପ୍ରସାଦ ଶତପଥୀ, ନିଳମାଧବ ଦାଶ ପ୍ରମୁଖ ଯୋଗଦେଇଥିଲେ । ଆଇନଜୀବି ସନ୍ତୋଷ କୁମାର ପାଣିଗ୍ରାହୀ ଧନ୍ୟବାଦ ପ୍ରଦାନ କରିଥିଲେ ।

## ▶ ଅଫିସ ଖୋଲା ବାବୁ ବାବୁଆଣୀଙ୍କ ଚେୟାର ଫାଙ୍କା

# ଲୋକଙ୍କ ପାଇଁ ସକାଳୁଆ ଅଫିସ ,ଅଧିକାରୀ ମାନଙ୍କର ଦେଖା ନାହିଁ

ହିଞ୍ଜିଳିକାଟୁ,୫।୬ (ଆନିସ):ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଏପ୍ରିଲ ମାସ ୧୧ ତାରିଖରୁ ସମସ୍ତ ସରକାରୀ କାର୍ଯ୍ୟାଳୟ ସକାଳୁଆ ଖୋଲିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଥିବା ବେଳେ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ସକାଳ ୯ ଟା ସୁଦ୍ଧା ବାବୁ ବାବୁଆଣୀ ମାନଙ୍କର ଦେଖା ମିଳୁନି , ଅନ୍ୟ କେଉଁଠି ସକାଳ ୮ ଟା ସୁଦ୍ଧା କାର୍ଯ୍ୟାଳୟ ସମ୍ମୁଖରେ ତାଲା ଝୁଲୁଥିବାର ଦେଖିବାକୁ ମିଳୁଛି। ତେବେ ସକାଳୁଆ ଅଫିସ କେବଳ ନାମ ମାତ୍ରକୁ ଖୋଲାଯାଉଥିବା ନେଇ ଜନ ସାଧାରଣ ଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି । ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ସରକାରୀ କାର୍ଯ୍ୟାଳୟ ସକାଳ ୭ ଘଣ୍ଟା ସମୟରୁ ଅଫିସ କାର୍ଯ୍ୟ ଆରମ୍ଭ ହୋଇ ଅପରାହ୍ନ ୧ ଘଣ୍ଟା ପର୍ଯ୍ୟନ୍ତ ଖୋଲା ଯିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ସରକାରୀ କାର୍ଯ୍ୟାଳୟକୁ ବହୁ ଦୂର ଦୂରାନ୍ତରୁ ଲୋକେ ନିଜର ମୂଲ୍ୟବାନ ସମୟ



ବାହାର କରି ନିଜର ସମସ୍ୟା ଅଥବା ଅଭିଯୋଗ ନେଇ ସରକାରୀ କାର୍ଯ୍ୟାଳୟକୁ ଆସୁଥିବାବେଳେ କାର୍ଯ୍ୟାଳୟରେ ବାବୁ ବାବୁଆଣୀ ଚୌକି ଖାଲି ପଡ଼ିଥିବା ଦେଖି ବହୁ ସମୟଧରି ଅପେକ୍ଷା କରି ଶେଷରେ ନିରାଶ ହୋଇ ଘରକୁ ଫେରୁଛନ୍ତି । ଏହଲି କିଛି ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ରେ ସକାଳ ୮ ଟା ସୁଦ୍ଧା ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟରେ ଅଧିକାରୀ ବାବୁଙ୍କ ଦେଖିନଥିଲା । ତେବେ ଏଭଳି ଘଟଣା ହିଞ୍ଜିଳିକାଟୁ ଅଞ୍ଚଳରେ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରେ ଯେପରି ସିଡିପିଓଙ୍କ ପ୍ରକୋଷ୍ଠ,ରାଜସ୍ବ ନିରୀକ୍ଷକ କାର୍ଯ୍ୟାଳୟ ,କୃଷି ସୂଚନା କେନ୍ଦ୍ର, ଉପ କୋଷାଗାର ଅଫିସ ଓ ପ୍ରାଣୀ ଚିକିତ୍ସାଳୟ କାର୍ଯ୍ୟାଳୟରେ ବିଭିନ୍ନ ସମୟରେ ସକାଳ ୯ ଟା ସୁଦ୍ଧା ବାବୁ ବାବୁଆଣୀ ମାନଙ୍କ ଦେଖା ମିଳୁନି । କାର୍ଯ୍ୟାଳୟ ଖୋଲାଥିଲେ ମଧ ଚୌକି ଟେବୁଲ ଫାଙ୍କା ପଡିଥିବାର ଦେଖିବାକୁ ମିଳୁଛି । କେବଳ ସେତିକି ନୁହଁ, କିଛି ଅଫିସ ଆଗରେ ସାଢେ ୮ ଅଥବା ୯ଟା ପର୍ଯ୍ୟନ୍ତ ତାଲା ଝୁଲୁଥିବାର ଚିତ୍ର ଅନେକ ସମୟରେ ଦେଖିବାକୁ ମିଳୁଛି। ତେବେ ଏନେଇ ପୂର୍ବରୁ ମଧ ହିଞ୍ଜିଳିକାଟୁ ସିଡିପିଓ କାର୍ଯ୍ୟାଳୟକୁ ବିଳମ୍ବରେ ଆସିବାକୁ ନେଇ ଏକ ବିବାଦ ସୃଷ୍ଟି ହୋଇଥିଲା ଯାହାର ଭିଡିଓ ବିଭିନ୍ନ ସୋସିଆଲ ମିଡିଆ ରେ ଭାଇରାଲ ମଧ ହୋଇଥିଲା ଏବଂ ଏହାକୁ ନେଇ ବିଭିନ୍ନ ଖବର କାଗଜରେ ଖବର ପ୍ରସାରଣ ହୋଇଥିଲା। ସାଧାରଣ ଲୋକେ ସିଡିପିଓ ଅଧିକାରିଣୀ ଙ୍କୁ କାର୍ଯ୍ୟାଳୟକୁ ବିଳମ୍ବରେ ଆସିବାର କାରଣ ପଚାରିଥିଲେ ଏବଂ ସେ କହିଥିଲେ କୌଣସି ଫିଲଡ଼ କାମରେ ବାହାରକୁ ଯାଇଥିବା କହିଥିଲେ । ତେବେ ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ମାନେ ଅଫିସ କୁ ଠିକ୍? ସମୟରେ ଆସୁନଥିବାର କାରଣ ପଚାରିଲେ କେହି କେହି ଅଫିସରେ ବାବୁ ଫିଲଡ଼ କାମରେ .

ବାହାରକୁ ଯାଇଥିବା ଉତ୍ତର ଆସୁଛି ଅନ୍ୟପକ୍ଷରେ ଅଧିକାଂଶ କର୍ମଚାରୀ ମୁଖ୍ୟାଳୟ ଛାଡ଼ି ବ୍ରହ୍ମପୁରରୁ ଯିବା ଆସିବା କରୁଥିବାବେଳେ ସକାଳ ୭ ଟା ସୁଦ୍ଧା କାର୍ଯ୍ୟାଳୟରେ ଆସିବା ସମ୍ଭବ ହୋଇପାରୁନି ବିଭିନ୍ନ ସମୟରେ କେଉଁ ଅଧିକାରୀ ମାନେ ଅଫିସରେ ଉପସ୍ଥିତ ରହୁଛନ୍ତି ଏବଂ କେଉଁ ଅଧିକାରୀ ମାନେ ଟୁର ରେ ଯାଉଛନ୍ତି ଏ ନେଇ କାର୍ଯ୍ୟାଳୟ ସମ୍ମୁଖରେ ସୂଚନା ମରାଯିବାର ନିୟମ ରହିଛି ହେଲେ ତାହା ମଧ ମରା ଯାଉନି । ତେବେ ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ମାନଙ୍କ ଏଭଳି ମନମୁଖୀ କାର୍ଯ୍ୟ ଚାଲି ଆସୁଥିବାବେଳେ ସମସ୍ତ ସରକାରୀ କାର୍ଯ୍ୟାଳୟ ରେ ବାୟୋମେଟ୍ରିକ ବ୍ୟବସ୍ଥା ସହ ଫେସ ଆଇଡି ଉପସ୍ଥାନ କୁ ନେଇ ସମସ୍ତ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି । ଅନ୍ୟପକ୍ଷରେ ସ୍ୱତନ୍ତ୍ର ଟିମ୍? ଗଠନ କରି ସମସ୍ତ ସରକାରୀ ଅଫିସକୁ ଅଚାନକ ପରିଦର୍ଶନ କରିବାକୁ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଦେଖିବାକୁ ରହିଲା ଜିଲ୍ଲା ପ୍ରଶାଶନ ଏହା ଉପରେ କେତେ ଗୁରୁତ୍ୱ ଦେଉଛନ୍ତି ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜନ ବରାର୍ଜିତଂ ।
ସର୍ବବୁଦ୍ଧମୟଂ ସିଦ୍ଧି ବ୍ୟାପିନଂ ଗଗନୋପମମ୍ ॥

# ସମାଜ ଏବଂ ଭାଷା ସାହିତ୍ୟ ଉପରେ ପ୍ରବାଦର ପ୍ରଭାବ

ମାନବ ସଭ୍ୟତାର ବିକାଶ ସହିତ, ଭାଷା ମଧ ପରିବର୍ତ୍ତନ ହୋଇଛି। ଭାଷା କେବଳ ଯୋଗାଯୋଗର ଏକ ମାଧ୍ୟମ ହୋଇ ରହିଲା ନାହିଁ, ବରଂ ଅଭିଜ୍ଞତା, ଭାବନା ଏବଂ ଜୀବନର ଗଭୀର ସତ୍ୟକୁ ସଂକ୍ଷିପ୍ତ ଭାବରେ ପ୍ରକାଶ କରିବାର ଏକ ମାଧ୍ୟମ ହୋଇଗଲା। ଏହି କାରଣରୁ ପ୍ରବାଦର ଜନ୍ମ ହୋଇଥିଲା। ପ୍ରବାଦଗୁଡ଼ିକ ସମାଜର ସାମୂହିକ ଚେତନାର ଉତ୍ପାଦ, ପିଢ଼ି ପରେ ପିଢ଼ି ଅଭିଜ୍ଞତାର ସାର ବହନ କରେ। ପ୍ରବାଦର ଶକ୍ତି ଜୀବନର ଗଭୀର ସତ୍ୟକୁ ଗୋଟିଏ ବାକ୍ୟରେ ପ୍ରକାଶ କରିବାରେ ନିହିତ। ପ୍ରବାଦ ସମାଜ ପାଇଁ ଏକ ଦର୍ପଣ ଭାବରେ କାର୍ଯ୍ୟ କରେ। ସେମାନେ ଏକ ଘଟଣା କିମ୍ବା ଆଚରଣର ପରିଣାମ ଦେଖାନ୍ତି। ଉଦାହରଣ ସ୍ୱରୂପ, ଯେପରି ବୁଣ, ସେହିପରି ଅମଳ କରିବ କେବଳ ଶବ୍ଦ ଉପରେ ଏକ ନାଟକ ନୁହେଁ, ବରଂ, ଏହା ଜଣେ ବ୍ୟକ୍ତିଙ୍କୁ ସେମାନଙ୍କର କାର୍ଯ୍ୟ ବିଷୟରେ ସଚେତନ କରାଏ। ଏହି ପ୍ରବାଦ ସମାଜରେ ନୈତିକତା ଏବଂ ଦାୟିତ୍ୱର ଭାବନାକୁ ସୁଦୃଢ଼ କରେ। ସେହିପରି, ଚାଲି ନଜାଣି ବାଟରେ ଦୋଷ ମାନବ ସ୍ୱଭାବକୁ ବ୍ୟଙ୍ଗ କରେ ଏବଂ ଆତ୍ମନିରୀକ୍ଷଣକୁ ପ୍ରେରଣା ଦିଏ।ସମାଜ ଉପରେ ପ୍ରବାଦର ପ୍ରଭାବ ଏତେ ଗଭୀର ଯେ ଏହା ଶିକ୍ଷାର ଏକ ମାଧ୍ୟମ ହୋଇଯାଏ। ଗ୍ରାମୀଣ ଜୀବନରେ, ବୟସ୍କମାନେ ପ୍ରାୟତଃ ପ୍ରବାଦ ମାଧ୍ୟମରେ ପିଲାମାନଙ୍କୁ ଜୀବନ ଶିକ୍ଷା ଦିଅନ୍ତି। ଏହି ଶିକ୍ଷା ଆନୁଷ୍ଠାନିକ ନୁହେଁ, କିନ୍ତୁ ଜୀବନର ସଂଘର୍ଷରେ ଏହା ସବୁଠାରୁ ଉପଯୋଗୀ ପ୍ରମାଣିତ ହୁଏ। ଟୋପାଏ ଟୋପାଏ ପାଣିରୁ ଲୋଟା ପୂରଣ ହୋଇଥାଏ ପରି ପ୍ରବାଦ ଧୈର୍ଯ୍ୟ ଏବଂ ନିରନ୍ତର ପ୍ରୟାସର ଗୁରୁତ୍ୱ ବୁଝାଏ। ଏହା ସମାଜକୁ ଜଣାଇଥାଏ ଯେ ଛୋଟ ଛୋଟ ପ୍ରୟାସ ମିଳିତ ଭାବରେ ବଡ଼ ପରିବର୍ତ୍ତନ ଆଣିପାରେ।

ପ୍ରବାଦ କେବଳ ନୈତିକ ଶିକ୍ଷା ପ୍ରଦାନ କରେ ନାହିଁ ବରଂ ସାମାଜିକ ସମ୍ପର୍କକୁ ମଧ ମାର୍ଗଦର୍ଶନ କରେ। ଏକତା ହେଉଛି ଶକ୍ତି ପରି ପ୍ରବାଦ ସମାଜକୁ ସାମୂହିକତା ଆଡ଼କୁ ପ୍ରେରଣା ଦିଏ। ଯେତେବେଳେ ଲୋକମାନେ ଅସୁବିଧାର ସମ୍ମୁଖୀନ ହୁଅନ୍ତି, ଏହି ପ୍ରବାଦ ସେମାନଙ୍କୁ ମନେ ପକାଇ ଦିଏ ଯେ କେବଳ ଏକାଠି ହୋଇ ସେମାନେ ସଙ୍କଟର ସମ୍ମୁଖୀନ ହୋଇପାରିବେ। ସେହିପରି, ଘର କି ମୁର୍ଗି ଡାଲ୍? ବରାବର ପ୍ରାୟତଃ ସେମାନଙ୍କ ନିକଟତର ଲୋକଙ୍କ ମୂଲ୍ୟକୁ ହ୍ରାସ କରିବାର ମାନବ ପ୍ରବୃତ୍ତିକୁ ଉଜ୍ଜ୍ୱଳ କରିଥାଏ। ଏହା ସମାଜକୁ ଆତ୍ମନିରୀକ୍ଷଣ ଆଡ଼କୁ ନେଇଯାଏ।ପ୍ରବାଦର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଅଛି – ସେମାନେ ଏକ ସମାଜର ସଂସ୍କୃତି ଏବଂ ପରମ୍ପରାକୁ ଜୀବନ୍ତ ରଖନ୍ତି। ପ୍ରତ୍ୟେକ ଅଞ୍ଚଳର ନିଜସ୍ୱ ପ୍ରବାଦ ଅଛି, ଯାହା ସେହି ଅଞ୍ଚଳର ଜୀବନ, ସଂଘର୍ଷ ଏବଂ ଅଭିଜ୍ଞତାକୁ ପ୍ରତିଫଳିତ କରେ। ଓଡ଼ିଶା, ବିହାର କିମ୍ବା ରାଜସ୍ଥାନର ପ୍ରବାଦଗୁଡ଼ିକ ବିଭିନ୍ନ ଜୀବନ ପରିସ୍ଥିତି ପ୍ରକାଶ କରନ୍ତି, କିନ୍ତୁ ସେମାନଙ୍କର ସାର ସମାନ – ମାନବ ଜୀବନର ସତ୍ୟ। ଏହିପରି, ପ୍ରବାଦଗୁଡ଼ିକ ସାଂସ୍କୃତିକ ବିବିଧତାକୁ ମଧ ସଂଯୋଗ କରନ୍ତି ଏବଂ ସମାଜ ପାଇଁ ଏକ ସାଧାରଣ ଅଭିଜ୍ଞତା ପ୍ରଦାନ କରନ୍ତି। ପ୍ରବାଦଗୁଡ଼ିକ ସମାଜରେ ବ୍ୟଙ୍ଗ ଏବଂ ସମାଲୋଚନାର ଏକ ମାଧ୍ୟମ ଭାବରେ ମଧ କାର୍ଯ୍ୟ କରନ୍ତି। ନାମ ବଡ଼ ଦର୍ଶନ ଛୋଟ ଭଳି ଏକ ପ୍ରବାଦ ବେଶ ଏବଂ ଆଡ଼ମ୍ବରକୁ ଆକ୍ରମଣ କରେ। ଏହା ସମାଜକୁ ବାହ୍ୟ ଚମକ ଦ୍ୱାରା ପ୍ରଭାବିତ ନ ହୋଇ ବାସ୍ତବତାକୁ ଚିହ୍ନିବାକୁ ଚେତାବନୀ ଦିଏ। ସେହିପରି, ଯେଉଁ ଗଗରାରେ ଅଧା ଜଳ ଥାଏ ତାହା ଶବ୍ଦ ଅଧିକ କରେ ଅପୂର୍ଣ୍ଣ ଜ୍ଞାନ ଏବଂ ଅହଂକାରକୁ ବ୍ୟଙ୍ଗ କରେ। ତେଣୁ, ପ୍ରବାଦ ସମାଜରେ ସନ୍ତୁଳନ ବଜାୟ ରଖିବା ପାଇଁ କାର୍ଯ୍ୟ କରେ।ପ୍ରବାଦର ପ୍ରଭାବ କେବଳ ବ୍ୟକ୍ତିଗତ ଜୀବନରେ ସୀମିତ ନୁହେଁ ଏହା ସାମୂହିକ ନିଷ୍ପତ୍ତିକୁ ମଧ ପ୍ରଭାବିତ କରେ। ଯେତେବେଳେ ପଞ୍ଚାୟତରେ ବିବାଦ ଉପୁଜେ, ପ୍ରାଚୀନ ବ୍ୟକ୍ତିମାନେ ପ୍ରାୟତଃ ପ୍ରବାଦର ଆଶ୍ରୟ ନିଅନ୍ତି। ଏହା କେବଳ ବିବାଦର ସମାଧାନ କରିବାରେ ସାହାଯ୍ୟ କରେ ନାହିଁ ବରଂ ସମାଜକୁ ନ୍ୟାୟ ଏବଂ ସନ୍ତୁଳନ ଆଡ଼କୁ ନେଇଯାଏ। ଏହିପରି ପ୍ରବାଦ ସମାଜର ନ୍ୟାୟ ବ୍ୟବସ୍ଥାର ଅଂଶ ହୋଇଯାଏ।

ଆଜିର ଆଧୁନିକ ଯୁଗରେ ମଧ ପ୍ରବାଦର ଗୁରୁତ୍ୱ ହ୍ରାସ ପାଇନାହିଁ। ଯଦିଓ ପ୍ରଯୁକ୍ତିବିଦ୍ୟା ଏବଂ ବିଜ୍ଞାନ ଜୀବନକୁ ପରିବର୍ତ୍ତନ କରିଛି, ପ୍ରବାଦ ଆଜି ମଧ ସେତେ ପ୍ରାସଙ୍ଗିକ ରହିଛି। ସମୟ ଟଙ୍କା ଭଳି ପ୍ରବାଦ ଆଜିର ବ୍ୟବସାୟିକ ଜୀବନରେ ପୂର୍ବ ପରି ଉପଯୋଗୀ। ଏହା ଲୋକଙ୍କୁ ସମୟର ଗୁରୁତ୍ୱ ଶିଖାଏ ଏବଂ ସେମାନଙ୍କୁ ଶୃଙ୍ଖଳା ଆଡ଼କୁ ନେଇଯାଏ। ପ୍ରବାଦ ହେଉଛି ସମାଜର ସାମୂହିକ ସ୍ମୃତି। ସେମାନେ ଆମକୁ ମନେ ପକାଇ ଦିଅନ୍ତି ଯେ ଜୀବନର ପ୍ରତ୍ୟେକ ଅଭିଜ୍ଞତାର ପରିଣାମ ଥାଏ। ଏମାନେ ଆମକୁ ସତର୍କ କରନ୍ତି, ପ୍ରେରଣା ଦିଅନ୍ତି, ଏବଂ କେତେକ ସମୟରେ, ହସ ମାଧ୍ୟମରେ, ଜୀବନର ସତ୍ୟକୁ ଗ୍ରହଣ କରିବାକୁ ସାହସ ଦିଅନ୍ତି। ପରିଶେଷରେ, ପ୍ରବାଦଗୁଡ଼ିକ କେବଳ ସମାଜର ଭାଷାର ଏକ ଅଂଶ ନୁହେଁ ଏମାନେ ଜୀବନକୁ ମାର୍ଗଦର୍ଶନ କରନ୍ତି। ସଂକ୍ଷେପରେ, ପ୍ରବାଦଗୁଡ଼ିକ ଜୀବନର ସାର। ଏମାନେ ଆମକୁ ଶିଖାନ୍ତି ଯେ ଶବ୍ଦରେ ଶକ୍ତି ଅଛି, ଏବଂ ସଠିକ୍? ସମୟରେ ସଠିକ୍? ପ୍ରବାଦ ଜଣେ ବ୍ୟକ୍ତିଙ୍କୁ ମାର୍ଗଦର୍ଶନ କରିପାରିବ। ସମାଜରେ ପ୍ରବାଦଗୁଡ଼ିକର ପ୍ରଭାବ ସ୍ଥାୟୀ କାରଣ ଏଗୁଡ଼ିକ ଅଭିଜ୍ଞତାର ସଂଗୃହିତ ଜ୍ଞାନ, ଯାହା ପ୍ରତ୍ୟେକ ପିଢ଼ିକୁ ଜୀବନ ଶିକ୍ଷା ଦିଏ। ସାହିତ୍ୟରେ ପ୍ରବାଦର କାର୍ଯ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ବହୁମୁଖୀ। ଏଗୁଡ଼ିକ କେବଳ ଭାଷାର ଅଳଙ୍କାର ନୁହେଁ, ବରଂ ସାହିତ୍ୟକୁ ଜୀବନର ଗଭୀରତା ଏବଂ ଜନମନର ସତ୍ୟ ସହିତ ସଂଯୋଗ କରୁଥିବା ଏକ ମାଧ୍ୟମ। ସାହିତ୍ୟରେ ପ୍ରବାଦ ସଂକ୍ଷିପ୍ତତା ଏବଂ ପ୍ରଭାବଶାଳୀତାର ଏକ ଚମତ୍କାର ଉଦାହରଣ। ଯେତେବେଳେ ଜଣେ ଲେଖକ କୌଣସି ଚରିତ୍ରର ପରିସ୍ଥିତି କିମ୍ବା ସମାଜର ଧାରା ପ୍ରକାଶ କରିବାକୁ ଚାହାଁନ୍ତି, ପ୍ରବାଦ ସେମାନଙ୍କର ସବୁଠାରୁ ଶକ୍ତିଶାଳୀ ଉପକରଣ ହୋଇଯାଆନ୍ତି। ଉଦାହରଣ ସ୍ୱରୂପ, ପ୍ରେମଚାନ୍ଦ ତାଙ୍କ କାହାଣୀରେ ଗ୍ରାମୀଣ ଜୀବନର ସତ୍ୟକୁ ଚିତ୍ରଣ କରିବା ପାଇଁ ପ୍ରବାଦ ବ୍ୟବହାର କରିଥିଲେ। ଏହା କେବଳ ଚରିତ୍ରଗୁଡ଼ିକର ଭାଷାକୁ ଜୀବନ୍ତ କରିନଥିଲା, ବରଂ ପାଠକଙ୍କୁ ଅନୁଭବ କରାଇଥିଲା ଯେ କାହାଣୀଟି ସେମାନଙ୍କ ନିଜ ଜୀବନ ସହିତ ଜଡ଼ିତ।

ପ୍ରବାଦ ସାହିତ୍ୟକୁ ସାଧାରଣ ଲୋକଙ୍କ ନିକଟତର କରିଥାଏ। ଏଗୁଡ଼ିକ ଲୋକ ଜୀବନରୁ ଉତ୍ପନ୍ନ ଏବଂ ପ୍ରତିଫଳିତ କରିଥାଏ। ଯେତେବେଳେ ଜଣେ କବି କିମ୍ବା ଲେଖକ ପ୍ରବାଦ ବ୍ୟବହାର କରନ୍ତି, ସେମାନଙ୍କର କାର୍ଯ୍ୟ ଅଧିକ ପ୍ରାକୃତିକ ଏବଂ ଘନିଷ୍ଠ ହୋଇଯାଏ। ଏହା ସାହିତ୍ୟକୁ କେବଳ ବିଦ୍ୱାନମାନଙ୍କ ମଧ୍ୟରେ ସୀମିତ କରେ ନାହିଁ ବରଂ ସାଧାରଣ ପାଠକଙ୍କ ପାଇଁ ସୁଗମ କରିଥାଏ। ସାହିତ୍ୟରେ ପ୍ରବାଦ ମଧ ବ୍ୟଙ୍ଗ ଏବଂ ସମାଲୋଚନାର ଏକ ମାଧ୍ୟମ ଭାବରେ କାର୍ଯ୍ୟ କରେ। ଯେତେବେଳେ ଜଣେ ବ୍ୟଙ୍ଗକାର ସମାଜର ଅସଙ୍ଗତି ଉପରେ ଆକ୍ରମଣ କରନ୍ତି, ପ୍ରବାଦ ସେମାନଙ୍କର ଭାଷାକୁ ତୀକ୍ଷ୍ଣ କରିଥାଏ। ବାହାରକୁ ପାଟ ଭିତରକୁ ଖାଲି ଫାଟ ଭଳି ପ୍ରବାଦ ଯେକୌଣସି ଆଡ଼ମ୍ବରପୂର୍ଣ୍ଣ ପରିସ୍ଥିତିକୁ ବାହାରର ଆଡମ୍ବର କିନ୍ତୁ ଭିତରେ ସବୁ ଖାଲିକୁ ପ୍ରକାଶ କରିଥାଏ। ତେଣୁ, ପ୍ରବାଦଗୁଡ଼ିକ ସାହିତ୍ୟରେ ସାମାଜିକ ସମାଲୋଚନାକୁ ଅଧିକ ପ୍ରଭାବଶାଳୀ କରିଥାଏ।

ପ୍ରବାଦଗୁଡ଼ିକ ସାହିତ୍ୟରେ ସାଂସ୍କୃତିକ ବିବିଧତାକୁ ମଧ ପରିଚିତ କରାନ୍ତି। ପ୍ରତ୍ୟେକ ଅଞ୍ଚଳର ନିଜସ୍ୱ ପ୍ରବାଦ ଅଛି, ଏବଂ ଯେତେବେଳେ ଲେଖକମାନେ ସେଗୁଡ଼ିକୁ ସେମାନଙ୍କ କୃତିରେ ସାମିଲ କରନ୍ତି, ସେମାନେ ସେହି ଅଞ୍ଚଳର ସଂସ୍କୃତି ଏବଂ ଜୀବନଶୈଳୀକୁ ମଧ ପ୍ରତିନିଧିତ୍ୱ କରନ୍ତି। ଏହିପରି, ସାହିତ୍ୟରେ ପ୍ରବାଦଗୁଡ଼ିକ କେବଳ ଭାଷାର ଏକ ଅଂଶ ନୁହେଁ, ବରଂ ସାଂସ୍କୃତିକ ଦଲିଲ୍? ହୋଇଯାଆନ୍ତି।ସଂକ୍ଷେପରେ, ସାହିତ୍ୟରେ ପ୍ରବାଦଗୁଡ଼ିକ ଜୀବନର ସତ୍ୟ, ସମାଜର ସମାଲୋଚନା, ସଂସ୍କୃତିର ବିବିଧତା ଏବଂ ଭାଷାର ସରଳତାକୁ ମିଶ୍ରଣ କରିଥାଏ। ସେମାନେ ସାହିତ୍ୟକୁ ଅଧିକ ସ୍ପନ୍ଦନଶୀଳ, ପ୍ରଭାବଶାଳୀ ଏବଂ ଜନସାଧାରଣଙ୍କ ପାଇଁ ସୁଗମ କରିଥାଏ। ଏହି କାରଣରୁ ପ୍ରବାଦଗୁଡ଼ିକୁ ସାହିତ୍ୟର ଆତ୍ମା କୁହାଯାଏ। ସାହିତ୍ୟରେ ପ୍ରବାଦଗୁଡ଼ିକ ଭାଷାକୁ ପ୍ରାଣବନ୍ତ, ପ୍ରଭାବଶାଳୀ ଏବଂ ଜନସାଧାରଣଙ୍କ ସହିତ ସମ୍ପର୍କୀୟ କରିଥାଏ। ପ୍ରେମଚାନ୍ଦ, ସୁରଦାସ ଏବଂ ତୁଳସୀଦାସଙ୍କ ପରି ଲେଖକମାନେ ସେମାନଙ୍କର କୃତିଗୁଡ଼ିକୁ ଲୋକଜୀବନ ସହିତ ସଂଯୋଗ କରିବା ଏବଂ ପାଠକଙ୍କ ଉପରେ ଗଭୀର ଛାପ ଛାଡ଼ିବା ପାଇଁ ପ୍ରବାଦ ବ୍ୟବହାର କରିଥିଲେ।

**ଅସିତ ମହାନ୍ତି**
**ସ୍ତମ୍ଭକାର ଏବଂ ଆବାହକ , ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ,ସୁଜନପୁର, ଯାଜପୁର**

# ଗୁପ୍ତ ରାଜିନାମା

କାମବାଲୀ କାଲିଠାରୁ ଆଉ କାମକୁ ଆସିବନି ଶୁଣି ଆଶ୍ଚର୍ଯ୍ୟ ହୋଇଗଲା ପୁରବୀ । କାହିଁକି କଣ ପାଇଁ କିଛି ତ ତାକୁ କହିନି ପୁରବୀ କି ତା କାମରେ ଅନୁପସ୍ଥିତ ରହିଲେ କେବେ ଦରମା ବି କାଟିନି କି ଅସନ୍ତୁଷ୍ଟ ବି ହୋଇନି, ତେବେ କଣ ପାଇଁ ସେ ଅକସ୍ମାତ୍ ଏପରି ନିଷ୍ପତ୍ତି ନେଲା ବେଡ଼ରୁମ୍ କୁ ଯାଇ ପଚାରିଲା ଅନିଶ୍ ତୁମେ କିଛି କହିଲ କି ରାଧା ମାନେ କାମବାଲୀ କୁ ହଠାତ୍ କାହିଁକି ସିଏ କାଲିଠାରୁ କାମକୁ ଆସିବନି କହିଲା । ଶୁଣି ନ ଶୁଣିଲା ପରି ଅନିଶ୍ ଚୁପ୍ ରହିବାର ଅଭିନୟ କଲେ । ପାଖକୁ ଯାଇ ଦେହକୁ ଟିକେ ହଲାଇ ପୁଣି ପଚାରିଲା ପୁରବୀ.. ଅନିଶ୍ ମୁଁ ତୁମକୁ ପଚାରୁଛି ମୋ ଅନୁପସ୍ଥିତିରେ ତୁମେ ରାଧାକୁ କିଛି କହିଛ କି ଟିକେ ହସିଦେଇ କଡ଼ ଲେଉଟାଇ ପେପର୍ ପଢିବାରେ ଲାଗିଗଲେ ଅନିଶ୍ । ପୁରବୀର ମନ ଭାରି ଗୋଳେଇ ଘାଣ୍ଟି ହେଲା, କାଲିଠାରୁ ରାଧା କାମକୁ ଆସିବନି ସେଥିପାଇଁ ନୁହେଁ, କିନ୍ତୁ ସେ କାମ ଛାଡ଼ିଦେବ ବୋଲି ଅଚାନକ କହିବାର କାରଣ କଣ ଅନ୍ଧକାରରେ ରହିଯିବ ଏଇ ସୂର୍ଯ୍ୟ ପଶ୍ଚିମ ଆକାଶରେ ଦିଶୁଥିଲେ ବୁଡିଗଲେ, ଆଉ ତା ପରେ ଅନ୍ଧକାର ଭିତରେ କଥାଟି ରହସ୍ୟ ହୋଇ କଣ ରହି ଯିବ ଏହି ଭାବନାରେ ବିଚଳିତ ହୋଇ ଯାଉଥିଲା ପୂରବୀ । ସୋଫା ଉପରେ ଚାହା କପେ ସ୍ୱାମୀ ହାତକୁ ବଢ଼େଇ ଦେଇ ନିଜେ ବି ଚାହା ପିଇବାକୁ ଲାଗିଲେ । ଏଇ କିଛିଦିନ ରୋଗରେ ପଡ଼ି ଟିକେ ଅସୁସ୍ଥ ହୋଇ ପଡ଼ିଥିଲେ , ଔଷଧ ଖାଇବା ପରେ ଟିକେ ସୁସ୍ଥ ଅନୁଭବ କରୁଥିଲେ ପୁରବୀ । ମନରେ ଅନେକ ଦୁଃଖ ଥିଲା କାରଣ ଦଶ ବର୍ଷ ହେଲା ବିବାହ ହେଲେ କୋଳରେ ନ ଥିଲା ଛୁଆ ଟିଏ । ମରିଚି କୁଣ୍ଡ ପାଣି, ଅତ୍ରି ଉଷ୍ଣପ୍ରସବଣରେ ମକରକୁ ଯାଇ ଗୁଆ ଖୋଜି ଖାଇବା, ଡାକ୍ତରଙ୍କ ପାଖକୁ ଦୌଡ଼ି ଦୌଡ଼ି ଟଙ୍କା ଖର୍ଚ୍ଚ କରି କିଛି ଲାଭ ହେଲାନାହିଁ । ଖାଲି ଔଷଧ ଇଞ୍ଜେକସନ, ଗୁଡ଼ାଏ ଟେଷ୍ଟ ସ୍ୱାମୀ ସ୍ତ୍ରୀ ଙ୍କୁ ନେଇ ହେଲା, ହେଲେ କିଛି ଲାଭ ହେଲାନାହିଁ । ସାହିପଡିଶା, ଶାଶୁଘର, ବାପଘର ସମସ୍ତଙ୍କର ଚିନ୍ତାର କାରଣ ପୁରବୀ, ତାକୁ ଯିଏ ଯାହା କହିଲା ସେ ପୂଜା ସେ କଲା । ଆଣ୍ଠୁଆ ଗୋପାଳଙ୍କୁ ଖାସ୍ ସାଙ୍ଗରେ ଧରି ବୁଲିଲା । ଜଡ଼ି ବୁଟି ଔଷଧ ଯିଏ ଯାହା କହିଲା ସବୁ ଖାଇଲା ପରେ ବି କୋଳ ତାର ଶୂନ୍ୟ । କିଏ କହିଲା ବନ୍ଧୁ ବାନ୍ଧବଙ୍କ ଛୁଆ ଆଣି ପାଖରେ ରଖ ଯେତେବେଳେ ନିଜର ଛୁଆଟେ ହେବ ପଛକେ ତାଙ୍କୁ ଫେରାଇ ଦେବା କେତେ ପୂଜା, ଓଷା, ବ୍ରତ ସବୁ କରିକି ବି ବିଶ୍ୱାସ ଭରସା ତୁଟିଗଲା ଠାକୁରଙ୍କ ଉପରୁ ।

ହଠାତ୍ କାହିଁକି ପୁରବୀର ମନକୁ ପାପ ଛୁଇଁଲା । ସେଦିନ ରାଧା କହୁଥିଲା ତାର ଗୋଟେ ପୁଅ ଅଛି ବୋଲି । ଯେତେ ପଚାରିଲେ ବି ତା ମରଦ କିଏ ଆଉ କଣ କରେ, କୋଉଠି ରୁହେ ରାଧା କେବେ କୁହେନାହିଁ । ପୁରବୀ କେତେଥର କହିଛି ରାଧାକୁ ତୁ କାମକୁ ଆସିଲା ବେଳେ ସାଙ୍ଗରେ ପୁଅଟିକୁ ଆଣି ଆସୁଥିବୁ ଏଇଠି ସେ ଖେଳିବ, ଖାଇବ ପୁଣି ତୁ ଘରକୁ ଗଲା ବେଳକୁ ସାଙ୍ଗରେ ନେଇଯିବୁ। ରାଧା କହିଲା ନାଇ ଗୋ ମା ସେନ୍ତା ହେବ ନାହିଁ ତୋର ବାବୁ ଛୁଆକୁ ଦେଖିଲେ ରାଗିବେ। କାହିଁକି ରାଗିବେ ପଚାରିଲେ ଆଉ ଉତ୍ତର ଦେଲାନି ରାଧା । ଏଇ କିଛି ଦିନ ହେବ ଲକ୍ଷ୍ୟ କରୁଛି ପୁରବୀ, ରାଧାର ମତି ଗତିକୁ । ଭଲିକି ଭଲି ଜାମା ପଟା ପିନ୍ଧିକି ଆସିଲେ ପଚାରେ ପୁରବୀ । ଏତେ ଲୁଗା ତୋତେ କିଏ ଦେଉଛି ଲୋ ରାଧା ତୁ ପରା କହୁଥିଲୁ ତୋ ମରଦ କଲିକତା ରେ ଫେରି କରେ। କେବେ ତୋ ପାଖକୁ ଆସେ ନା ନାଇ ହସିଦେଲା ରାଧା ଆଉ ସେ ହସ ପଛରେ ଥିଲା ଏକ ପ୍ରତାରଣାର କାହାଣୀ ବୋଲି ପୁରବୀ ଜାଣିନି । ଜାଣିବ ବା କେମିତି ଅନିଶ୍ କୁ ଭଲପାଇ ବାହା ହେଲା ବୋଲି ବାପା ଘର ଶାଶୁଘର ଦୂରେଇ ଗଲେ, କେହି ବି ନିଜର ବୋଲି ଆଦରିଲେନି ସେଥିରେ ପୁଣି ନିଃସନ୍ତାନ ଯୋଗୁଁ କିଏ କେତେ ପ୍ରକାର କୁହନ୍ତି ତାକୁ ସହିବାକୁ ହୁଏ । ଯେତେ ପାଠ ପଢି ଚାକିରି କର, ମନ ପସନ୍ଦରେ ବାହା ହୁଅ ହେଲେ କୋଳରେ ସନ୍ତାନ ଟିଏ ଯଦି ନ ହେଲା ତେବେ ସବୁ ପରିଶ୍ରମ ବୃଥାରେ ଗଲା ଜାଣ ।

ଶରୀର ଅସୁସ୍ଥ ହେତୁ ପୁରବୀର ବାପା ଆସି ଝିଅକୁ ନେଇକି ଗଲେ । ଯିବାର ଦୁଇଦିନ ପରେ ଫୋନ୍ କରିଥିଲା ପୁରବୀ ଅନିଶ୍ କୁ ମୁଁ ଏଠାରେ ଦୁଇ ଚାରିଦିନ ରହିକି ଫେରିଯିବି ତୁମେ ହୋଟେଲ୍ କିମ୍ବା ଅଫିସ୍ କ୍ୟାଣ୍ଟିନ୍ ରେ ଖାଇନେବ । ହେଲେ ଅନିଶ କହିଥିଲେ ଉତ୍ତର ରେ ତୁମେ ଯେତେ ଦିନ ରୁହ ମୋର ଅସୁବିଧା କିଛି ନାହିଁ ମୁଁ ମ୍ୟାନେଜ୍ କରିଦେବି। ତୁମେ ଖୁସିରେ ବୁଲା ବୁଲି କରି କିଛି ଦିନ ସେଠାରେ କଟାଇ ଆସ ।

ଗୋଟେ ଡଉଲ ଡାଉଲ ଗର୍ଭିଣୀ ଗାଈ ପରି ରାଧାର ଦେହ । କେବେ କେମିତି ଅଜାଣତରେ ଦୁର୍ବଳତା ବଢିଛି ଅନିଶ୍ ର ରାଧା ପ୍ରତି। ରାଧାର ମରଦ ସୁଦୂର କଲିକତାରେ ଫେରି ବିକେ। ବର୍ଷକରେ ଥରେ ଦୁଇଥର ଆସି ରାଧାକୁ ଦେଖି କିଛିଦିନ ରହି ପୁଣି ଫେରିଯାଏ । କିଛି ବର୍ଷ ଗଲା ଅନ୍ତେ ଆଉ ସେ ଫେରିଲା ନାହିଁ । କୋଉଠି ରହୁଛି ସ୍ୱାମୀ ବୋଲି ରାଧା କେବେ ପଚାରି ବୁଝିନି ବିଶ୍ୱାସ ଭରସା ଥାଏ ବୋଲି ସମ୍ପର୍କ ରେ । ସେ ଯେଉଁ ଫୋନ୍ ନମ୍ବର୍ ଦେଇଥିଲା ସେଇଟା ସୁଇଚ୍ ଅଫ୍ ଦେଖାଏ । ଆସିବ ଆସିବ କହି ଅପେକ୍ଷା ରେ କଟିଗଲା ଦୁଇ ବରଷ । କେତେଦିନ ମାଆ ଘର ଉପରେ ବୋଝ ହେବ କହି ଦିନେ 'କାମବାଲୀ ଦରକାର ' ଏହି ବିଜ୍ଞପ୍ତି ଦେଖି କାଗଜ ପକାଇଥିଲା । ଅନ୍ୟ କାମବାଲୀ ପ୍ରାର୍ଥୀ ମାନଙ୍କ ସହିତ ସାକ୍ଷାତକାର ପରୀକ୍ଷାରେ ବଛା ହୋଇ କାମରେ ଯୋଗ ଦେଇଥିଲା ରାଧା । ଧିରେ ଧିରେ ପୁରବୀ ଓ ଅନିଶ୍ ଙ୍କ ମନ କିଣିନେଲା ।

ପୁରବୀ କେବେ କେମିତି ମାଆ ଘରକୁ ଗଲେ ରାଧା ଘର ସଫା, ଲୁଗାପଟା ସଫା କରିବା ସହିତ ଦି ମୁଠା ରୋଷେଇ କରି ଅନିଶ୍ ପାଇଁ ଥୋଇ ଦେଇ ଯାଏ ।

ସେଦିନ ସକାଳେ ଘର ଝାଡୁ କରିଦେଇ ଅନିଶ୍ ରହୁଥିବା ରୁମ୍ କୁ ଚାହା ନେଇ ଗଲା ରାଧା ଯେହେତୁ ପୁରବୀ ମାଆ ଘରକୁ ଯାଇଥିଲା । ଅନିଶ୍ ରାଧାକୁ ପାଖରେ ପାଇ ନିଜ ଦୁର୍ବଳତା ପ୍ରକାଶ କଲେ ଆଉ କହିଲେ –ଆମେ ନିଃସନ୍ତାନ, ତୁମେ ତ ଦେଖୁଛ ଆମେ କେତେ ଆଡ଼େ ଯାଇ ଚେଷ୍ଟା କରି ସନ୍ତାନ ଲାଭରୁ ବଞ୍ଚିତ ହେଲୁ । ତୁମେ ଆମର ବିଶ୍ୱସ୍ତ ଆଉ ତୁମ ଆଗରେ ମୋ ମନକଥା ଖୋଲି କହିବାକୁ ଉଚିତ୍ ମନେ କଲି । ରାଧା ସବୁ କଥା ବୁଝିପାରିଲା, ଆଉ ସଙ୍କୋଚ ପ୍ରକାଶ କରି କହିଲା –ବାବୁ ଏହା କେମିତି ସମ୍ଭବ ମୁଁ ଜଣେ କାମାଲୀ । ଅନିଶ୍ ଟିକେ ହସି କରି କହିଲେ –କାମବାଲୀ କଣ ମଣିଷ ନୁହେଁ ମୁଁ ଚାହେଁ ତୋ ପାଖରୁ ସନ୍ତାନ ଟିଏ, ଯିଏ ମୋର କୂଳ ରକ୍ଷା କରିବ,

ଉତ୍ତରାଧିକାରୀ ହେବ। ସେଥିପାଇଁ ମୁଁ ଟିକେ ସ୍ୱାର୍ଥପର ହୋଇପାରେ ହେଲେ ନିଃସନ୍ତାନ ହେବାର ଦୁଃଖ ତ ଦୂରେଇ ଯିବ। ମୁଁ ସେ ସନ୍ତାନ କୁ ନିଜର କରିବି, ପାଠ ପଢ଼େଇବି, କୋଳକୁ ନେବି। ତୁମ ପାଖରେ ଛୁଆଟି ବଢୁଥିବା ବେଳେ ତାର ଯତ୍ନ ନେବି ପାଠ ପଢ଼ିବା ବୟସରେ ମୁଁ ତାକୁ ମୋ ପାଖକୁ ତୁମ ଛୁଆକୁ ଆଣିଲା ପରି ନେଇ ଆସିବି। କେବଳ ତୁମ ମୋ ବ୍ୟତୀତ ତୃତୀୟ ବ୍ୟକ୍ତି, ମୋ ସ୍ତ୍ରୀ ପୁରବୀ ମଧ୍ୟ ଜାଣି ପାରିବନି ଏ କଥା । ଭଗବାନଙ୍କ ନିକଟରେ ଶପଥ କରି ମୁଁ କହୁଛି , ତୁ ମୋର ଏହି ଅନୁରୋଧ ରକ୍ଷା କର ରାଧା, ମୋର ବଂଶ ରକ୍ଷା କର ରାଧା ଆଉ କିଛି ଅଧୀକ ଆଶା ମୋର ନାହିଁ । ତାପରେ ରାଧା ଅନିଶ୍ କଥାକୁ କେବେ ତଳେ ପକାଇ ନାହିଁ, ଅନିଶ ନିକଟରେ ନିଜକୁ ସମର୍ପି ଦେଇଛି । ସତକୁ ସତ ଅନିଶ୍ ସନ୍ତାନର ମା ହେଲା ରାଧା । ସେ ବିବାହିତା, ତା ମରଦ ବି ଥିଲା, ପ୍ରଥମ ପୁଅ ବି ଥିଲା । ତା ପୁଅକୁ କେବେ ଆଣେ ନାହିଁ ସାଙ୍ଗରେ, ପଡିଶା ଘରେ ରଖି କାମକୁ ଆସେ ତେଣୁ ପୁରବୀ ସନ୍ଦେହ କରିବାର କିଛି କାରଣ ନ ଥିଲା । ଏଥର ପୁଅଟି ଜନ୍ମ ହେଲାପରେ ତାର ମେଡିକାଲ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇଲେ ଅନିଶ୍ । ରାଧା ତାର ଦେଖା ରଖା କରେ । ଛୁଆଟି ବଡ଼ ହେଲା ପରେ ଅନିଶ୍ ଓ ପୁରବୀ ସେ ଛୁଆଟିକୁ ଦେଇ ଦେବାକୁ କହିଲେ। ରାଧାର ବାତ୍ସଲ୍ୟ ମମତା ସେ ପୁଅଟି ଉପରୁ ତୁଟି ନ ଥିଲା ତଥାପି ପ୍ରତିଶୃତି ପାଳନ କରି ବାଧ୍ୟ ହୋଇ ଟେକି ଦେଇଥିଲା କୁନି ପୁଅ ଟିକୁ ଅନିଶ୍ ଓ ପୁରବୀ ହାତକୁ । ହଠାତ୍ ଦିନେ ଖବର ଆସିଲା କଲିକତାରୁ ରାଧାର ସ୍ୱାମୀ ଆସୁଛନ୍ତି, ସାଙ୍ଗରେ ରାଧାକୁ ନେଇ କଲିକତା ଫେରିଯିବାକୁ। କାଳେ ରାଧାର ସ୍ୱାମୀ ଦ୍ୱିତୀୟ ସନ୍ତାନର ବାପା କିଏ ଏକଥା ପଚାରିବ, ତା ଆଗରୁ ରାଧା ମନସ୍ଥ କଲା କାମବାଲୀ ଚାକିରି ଛାଡି ଘରେ ରହିବାକୁ। ପୁରବୀ ଯଦି କେବେ କଥା ପ୍ରସଙ୍ଗରେ ସ୍ୱାମୀକୁ କହିଦେବେ କି ରାଧାର ଦ୍ୱିତୀୟ ଛୁଆକୁ ଆମେ ନେଇଛୁ ଯୋଉ ସନ୍ତାନର ବାପା ଖୋଦ ଅନିଶ୍ ବୋଲି ପୁରବୀ ସମ୍ପୂର୍ଣ୍ଣ ଅଜ୍ଞ । ରାଧା ମନରେ ଏକଥା ବେଳେ ବେଳେ ଝଡ଼ ସୃଷ୍ଟି କରେ । ପ୍ରକୃତରେ ଛୁଆ କାହାର ରାଧା ଜାଣେ ଆଉ ଅନିଶ୍ ମଧ । କିନ୍ତୁ କିଛି ଗଣ୍ଡଗୋଳ ହୋଇ ସତ୍ୟ ଘଟଣା କଣ ଧରା ପଡିବା ଆଗରୁ ରାଧା କାମବାଲୀ ଚାକିରି ଛାଡ଼ିଦେବା ତା ପକ୍ଷେ ଖୁବ ମଙ୍ଗଳ ହେବ ଭାବି ପୁରବୀ କୁ ଜଣେଇ ଦେଇଥିଲା ଯେ ମୋ ମରଦ କାହା ଘରେ ପତ୍ନୀ କାମ କରୁ ବୋଲି ପସନ୍ଦ କରନ୍ତିନି । ତେଣୁ ସେ ଆସୁଛନ୍ତି ମୋତେ କଲିକତା ନେଇ ଯିବାକୁ। ଆପଣଙ୍କୁ ନୂଆ କାମବାଲୀ ମିଳିଯିବ ମାଡାମ୍ । ପୁରବୀ କାମ ଛାଡିବାର କାରଣ ଖୋଜୁଥିଲା ଆଉ ଅନିଶ୍ ମନେ ମନେ ହସି କାମବାଲୀ

ରାଧାକୁ କହିଲା ଆମେ ଜନ୍ମ ଜନ୍ମ ତୁମ ଋଣରେ ବୁଡି ରହିଲୁ । ଯେବେ ନିଜର ଭାବିବ ସ୍ୱାମୀ ସହ ଆସି ଥରେ ବୁଲି ଦେଇ ଯିବ ଆମ ଘର । ଯିବାର ଇଚ୍ଛା ନଥିଲେ ବି ରୁମାଲରେ ଲୁହ ପୋଛିଲା ରାଧା, ଟିକି ପୁଅ ଆଡ଼େ ଅନେଇ ଟିକେ ଗେଲ କରି ସେଇଠୁ ବାହାରି ଗଲା । ପୁରବୀ ବି କାନ୍ଦୁଥିଲା ଆଉ ଅନିଶ୍ ସେ ଯାଉ ନା ପୁରବୀ ତାକୁ ଯିବାକୁ ଦିଅ ଆମେ ଆଉ ଜଣେ କାମବାଲୀକୁ ତା ସ୍ଥାନରେ ରଖିଦେବା କହି ସାନ୍ତ୍ୱନା ଦେଉଥିଲା । ମନେ ମନେ ଭଗବାନଙ୍କୁ ଅନେକ ଧନ୍ୟବାଦ୍ ଜଣାଉଥିଲା ଅନିଶ୍ ।

ଜୟଶ୍ରୀ ପଟ୍ଟନାୟକ
ଗଙ୍ଗନଗର, ଭୁବନେଶ୍ୱର

# ନିଜ ଛାଇ ନୁହଁ ନିଜର

ନିଜ ଛାଇ ଆଜି ତାଙ୍କୁ ମିଛ ଲାଗୁଥିଲା । ବାର୍ଦ୍ଧକ୍ୟ ଆସିଗଲାଣି ବୋଲି ଛାଇ ମାନୁନଥିଲା ବନମାଳିଙ୍କର ବୋଲି ରାସ୍ତା ସାରା ଛୋଟେଇ ଛୋଟେଇ ପଛକୁ ଅନେଇ ଅନେଇ ସେ ବାଟ ଚାଲୁଥାଆନ୍ତି । ଦିନେ ସେ ବହୁତ ପରାକ୍ରମୀ ଥିଲେ ନିଶ୍ଚୟ । ତାଙ୍କୁ ଦେଖିଲେ ଝିଅ ବୋହୁଙ୍କୁ ଘର ଭିତରକୁ ଭିଡି ନେଇ ଦାଣ୍ଡ କବାଟ କିଳି ନେଉଥିଲେ ମାଆ ମାଉସୀ ଓ ଶାଶୁ ବୋଲାଉଥିବା ଅଧିକାଂଶ ନାରୀ । ନିଶ ଦୁଇହଳ ଏବେବି ଜଣେଇ ଦେଉଛି ଅତୀତର ରାଜକୀୟ ଠାଣି । ମୁହଁ ହାତ ଗୋଡ଼ ଥୁରୁ ଥୁରୁ, ଚମ ଧୁଡୁ ଧୁଡୁ । ପାଦ ପଡୁଛି ବଙ୍କା । ପଛରୁ କେହି ସାଇକେଲରେ ଆସିଲେ ଆଡେଇ ଯାଉଛନ୍ତି । ପଛରୁ କେହି ବାଇକ ବା ଲୁନାରେ ଆସିଲେ ଦଣ୍ଡେ ଚାହୁଁଛନ୍ତି । ନା ଚିହ୍ନା ଜଣା କେହି ନୁହଁ ତ ହାତ ଦେଖାଇ ପାରୁନାହାଁନ୍ତି । ସମୟ ଥିଲା ବୟସ ବେଳେ ରହ କହିଲେ କାହାର ବାଟ ଭାଙ୍ଗି ଚାଲିଯିବାର ସାହାସ ନଥିଲା । କୁକୁର ଗୁଡାକ ମଧ ଡରୁନାହାଁନ୍ତି ଆଜିକାଲି । ଆଗେ କୁକୁରଙ୍କୁ ଟେକା ମାରି ଆମ୍ବ ଝଡ଼େଇଲା ପରି ଖଞ୍ଜା ଖସେଇଦେଉଥିଲେ ସେ । ଏବେ ତାଙ୍କ ନିଜ ଖଞ୍ଜା ସମୟ ସହିତ ବୟସ ମିଶି ରୋଗ ଓ ବାର୍ଦ୍ଧକ୍ୟକୁ ସାଲିସ କରିଯିବାରୁ କୁକୁର ବି ମଜ୍ଜା ଦେଖୁଛି । ଭୁ ଭୁ ହୋଇ ଭୁକି ଲାଗିଆସୁଛି ପାଖକୁ ପାଖକୁ ତ ବିଭିର୍ଣ୍ଣ ବାଇକରେ ଯାଉଥିବା ଟୋକା ଟୋକାଳିଆ କେତେଟା ହେଁ ହେଁ ହୋଇ ଦାନ୍ତ ଦେଖାଉଛନ୍ତି । ବୁଢ଼ୀଟା ଆଗ ଭଳି କିଛି ସୁଆଦିଆ କରିପାରୁନି ବୋଲି ଛୋଟେଇ ଛୋଟେଇ ଚାଲି ଚାଲି ବଜାର ଗଳି ମୁଣ୍ଡ ବରା ଦୋକାନ ଯାଏଁ ଆସିବା କଥା । ଜୀବନ ସାରା ପୁଅ ଝିଅଙ୍କୁ ପାଠ ପଢ଼େଇ ମଣିଷ ପରି ମଣିଷ କରୁ କରୁ ଦୂର ଚଢେଇ ପରି ଦୁରକୁ ଉଡିଗଲେ କିଏ କୁଆଡେ ।ସେମାନେ ଯେତେ ଡାକିଲେ ମଧ ପ୍ରକୃତ କଥା ଏବେ ଉଡ଼ାଜାହାଜରେ ବସିବାକୁ ଡର ଭାରି ।ବୁଢ଼ୀ ହାତ ଧରି ଟ୍ରେନରେ ଉଠିବା ମଧ କଷ୍ଟ ।ପେଁ ପେଁ କରି ବାଇକ ସବୁ ଯାଉଛି ।ଚିହ୍ନା ଅଚିହ୍ନା ବାରୁ ବାରୁ ଉଡିଯାଉଛନ୍ତି କିଏ କୁଆଡେ ।କୁକୁର ଦିଟା ବରା ପୁଡିଆ ଦେଖି ଦେହ ମିଶା ହୋଇଆସୁଛନ୍ତି ।ଏଇ ଗାଁ ପିଲାଟା ବାଇକ ଉଡେଇ ନେଉ ନେଉ କହୁଛି ବ ।ନା ।ନା ।(ବନମାଳୀ ନନା ) ।କାଲି ବାପ ତାର ହାତ ଦେଇ ବାଟ ଚାଲୁଥିଲା ଆଜି ପୁଅ ଡାକୁଛି ବନା ନନାକୁ ଅପଭ୍ରଂଶ କରି ବନାନା । ତାକୁ ଦେଖାଇଥିବା ହାତ ପଛକୁ ବୁଲି ଗଲାଣି ମିଶ୍ରେଙ୍କର କିନ୍ତୁ ଛାଇ ମାନିବାକୁ ନାରାଜ ।ଏଥର କେମିତି ଏତେବାଟ ଯିବେ ସେଇ ଚିନ୍ତା କରି ଲାଭ ନାହିଁ । ଡୁକେଇ ଡୁକେଇ ଚାଲୁଥିଲେ । ଏଇ ଗଛ, ନଈ, ପୋଖରୀ, ମାଛ ମଧ ଦିନେ ତାଙ୍କୁ ଗର୍ଭିଣୀ ଗାଈ ପରି ବାଟ ଛାଡିଦେଉଥିଲେ । ଆଜି ପାଦ ପକେଇବାକୁ ବଳ ପାଉନି ଦେହରେ । ଔଷଧ ଖାଇଲେ ନଖାଇଲେ ମଧ ଲାଭ ନାହିଁ । ଏଇ ମଣିଷ ନବେ ବୟସରେ ସକ୍ଷମ ତ ଏଇ ମଣିଷ ପଚାଶରୁ ମଧ ବୁଢା । ସହଜେ ତ ତାଙ୍କୁ ଅଶୀ ଛୁଇଁବ । କେତେ ବାଇକ ଉଡି ଯାଉଛି ପାଖ ଦେଇ । ଗୋଟେ ବାଇକ ଅଟକିଗଲା । ବନମାଳୀ ମିଶ୍ରଙ୍କୁ ଲାଗିଲା ସେ କଣ ଆଉ ବାଇକ ଦେହରେ ବାଡେଇ ହୋଇଗଲେ କି?ନା କେହି ତାଙ୍କୁ ଡାକୁଛି ଆ ବନମାଳୀ ବସିଯା ମୋ ଗାଡିରେ । ପିଲାଦିନୁ ସାଙ୍ଗ । କେତେ ଦୁଃଖ ସୁଖ ଓ ଅଙ୍ଗେଲିଭା କଥା ଏ ହୃଦୟରେ ସାଇତା । ତୋର ତ ସମସ୍ତେ ଥାଇ ଏତେ କଷ୍ଟ ପାଉଛୁ ମୁଁ ତ ଅଭିଆଡା ମଣିଷଟା । ବୁଲି ଚାହିଁଲେ ବନମାଳୀ ହଁ ଇଏ ତ ଚୈତନ୍ୟ ଭୋଇ । ତାଙ୍କ ସାଙ୍ଗରେ ପଢେ । ନଡିଆ, ଗୁଆ ତାଳ ଗଛରେ ଚଢେ, ଖଜୁରୀ କୋଳି ପାରେ । ସମସ୍ତେ ଖାଆନ୍ତିନି କିନ୍ତୁ ବନମାଳୀ ଖାଆନ୍ତି । ସାଙ୍ଗ ଚୈତନ୍ୟ ସଙ୍ଗେ କେତେ ସୁଖ ଦୁଃଖ ହୁଅନ୍ତି । ବସିଲେ ଚୈତନ୍ୟ ପଛରେ । ବାଇକରୁ ଦୁଆରେ ହାତ ଧରି ଓଲ୍ହାଇ ଦେଇ ଚୈତନ୍ୟ ଯାଉ ଯାଉ ବନମାଳି କହୁଥିଲେ ମଝିରେ ମଝିରେ ଟିକେ ଆସୁଥାଅ ଚୈତନ୍ୟ । ଚୈତନ୍ୟ ମୁଣ୍ଡ ଟୁଙ୍ଗାରି ଚାଲିଯିବା ପରେ କିଛି ଗୋଟେ ହଜାଇ ଦେଲା ପରି ଲାଗୁଥିଲା । ବୁଢ଼ୀ ହାତକୁ ଶ୍ରଦ୍ଧାରେ ବଢ଼େଇଦେବାକୁ ଆଣି ଥିବା ବରା ପୁଡିଆଟା ନଥିଲା ସାଙ୍ଗରେ ବନମାଳୀ ମିଶ୍ରଙ୍କର ।ସୁକାନ୍ତି କିନ୍ତୁ ଚିତଉ ପିଠା କରିଥାନ୍ତି ବନମାଳୀବାବୁଙ୍କ ପାଇଁ । ଖାଲି କଣ ଚିତଉ!ମନ ଜାଣି କୋଉଦିନ ପୁଳି ତ କୋଉଦିନ ପୁରି ସାଙ୍ଗକୁ କ୍ଷୀରି । ଆଉ ସେସବୁ ସମ୍ଭବ ଏଇ ସଞ୍ଜୁ ଯୋଗୁଁ । କଟା ବଟା ମଜା ଧୁଆ କରିଦିଏ ବୋଲି ସିନା ସବୁ!ଏବେ କିନ୍ତୁ ସୁକାନ୍ତି ନାଁହାନ୍ତି ବନମାଳୀ ବାବୁଙ୍କ ଛାଇ ହୋଇ ।ସେହି ସଞ୍ଜୁ କହେ ମୁଁ ଦେଖୁଛି ବାବୁ ତୁମର କେମିତି ହସିବ ପୁଣି ନୂଆ ସଂସାର । ବନମାଳୀ ମିଶ୍ର ଯେବେ କୁହନ୍ତି ଆଉ କଣ ବୟସ ଅଛି ବାନ୍ଧିବି ସଂସାର! ସଂସାର ବାନ୍ଧିବାକୁ ବୟସ ନୁହେଁ ବାବୁ ଟୋପେ ପ୍ରେମ ନଜର ଦରକାର । ହସୁଥାଆନ୍ତି ଚୈତନ୍ୟ ଭୋଇ, ବନମାଳୀମିଶ୍ରଙ୍କ ସାଙ୍ଗ ।କହୁଥାନ୍ତି ହଁ ସଞ୍ଜୁ ବୁଝୁଥା ବସିଯାଉ ମୋ ସାଙ୍ଗର ସଂସାର ପୁଣି ।

ଘର ଘରର ଝିଅ ବୋହୁ ମାଆ ମାନେ ସଞ୍ଜବତୀ ଗଡ଼ିଯିବା ପୂର୍ବରୁ ସ୍ୱାମୀ, ପୁଅ, ଝିଅ, ବୋହୁ,ନାତି ନାତୁଣୀଙ୍କ ମଙ୍ଗଳ ମନାସୀ ଯାହାର ଯିଏ ସବୁ ଅଛନ୍ତି ତାଙ୍କ ସୁଖ ସୌଭାଗ୍ୟ ସମୃଦ୍ଧି ମନାସୀ ସଞ୍ଜ ଗଡି ଯିବା ପୂର୍ବରୁ ସଞ୍ଜବତୀ ଦେବା ପାଇଁ ଘର ଭିତରେ ଠାକୁର ଘରେ ଚଉରା ମୂଳେ ସଞ୍ଜ ସଳିତା ପ୍ରସ୍ତୁତ କଲାବେଳେ ସଞ୍ଜୁ ଚାଲିଥିଲା ଗାଁ ଦାଣ୍ଡରେ । କୋଉଠି ରହିଲା ଏଯାଏଁ ତା ଛେଳି ଘରମଣୀ ଖୋଜିବାକୁ ତାକୁ ।ସଞ୍ଜ ହେଲାଣି ଫେରିଲାନି । ପୁଅକୁ କହିବାରୁ ପୁଅ କହିଲା ପରୀକ୍ଷା କାଲି ପାଠ ପଢୁଛି । ଗୋଟେ ବୋଲି କଲମ ଯେ ଯଦି କୌଣସି କାରଣରୁ ନ ଚାଲିଲା ତ ଆଉ ଗୋଟେ କଲମ କିଣି ଦେଉନୁ ।ମୁଁ ଯାଇ ପାରିବିନି ତୋ ଛେଳି ଖୋଜି ଯା ତୁ । ମୋର ବହୁତ ପଢିବାକୁ ଅଛି । ଝିଅକୁ କହିବାକୁ ଯୁ ନାହିଁ ସଞ୍ଜୁର । ଗାଁ ବ୍ରାହ୍ମଣମାନଙ୍କ ଘରେ ଏଇ ଏଇ ପାଇଟି କରି ଫେରୁ ଫେରୁ ଝିଅ କହୁଥିଲା ମୋ ପାଇଁ ଡ୍ରେସ ନଆଣିଲେ ଆଉ କାଲିଠୁ ରୋଷେଇ କରିପାରିବିନି ବୋଉ । ଆଲୋ ସିଲେଇ କରିଥିଲି ପରା ଏବେ ।ପୁଣି କଣ ହେଲା? କଣ ହେବ ଆଉ ବସୁ ବସୁ ଫାଟିଯାଉଛି । ସାନଭାଇଟା ଆଗେ ଚିରା ଫ୍ରକ ପିନ୍ଧି କେମିତି ରୋଷେଇ କରିବି?ସଞ୍ଜୁର ମନେ ପଡୁଥିଲା ଗାଁ ମିଶ୍ର ବାବୁ ଘର, ରଥ ଭାଇନା ଘର ଓ ଆଉ ଆଉ ଅନେକଙ୍କ ଘର ସ୍ତ୍ରୀ ଲୋକମାନେ ଆଉ ଶାଢ଼ୀ ପିନ୍ଧୁ ନାହାଁନ୍ତି ତ ଢେର ପୁରୁଣା ଶାଢ଼ୀ ତାକୁ ଦିଅନ୍ତି । ସେଇଥିରୁ ଗୋଟେ ପିନ୍ଧିଦେବାକୁ ରାଜି ନୁହଁ ଷୋଳ ବୟସୀ ଝିଅ ତାର ସୁଲତା । ଘର ପୋଛିବାକୁ ଅଳ୍ପ ପୁରୁଣା ମ୍ୟାକ୍ସି ସବୁକୁ ପାଣିରେ ବୁଡେଇ ଥରକୁ ଥର ବାବୁମାନଙ୍କ ଘର ସବୁ ପୋଛିଲା ବେଳେ ମନେପଡେ ଝିଅ କଥା ହେଲେ ମାଗି ପାରେନା ସଞ୍ଜୁ । ସହଜେ ମିଶ୍ର ଘର ମାଆ କହିବେ କୋଡିଏ ସରିକି ଛେଳି ରଖିଛୁ ଯେ ତୁ ତ କେତେ ଲୋକ ରଖିବୁ ପାଇଟି କରିବାକୁ ଲୋ । ରଥ ବାବୁ ଘର ଭାଇନା କହୁଥିବେ ଏତେ ଛେଳି ରଖିଛୁ, ବିକୁଥିବୁ ମାଉଁସ ଖାଉଥିବୁ , ଆମ ପାଟିରେ ଟିକେ ବାଜୁନି? ଏମିତି ସବୁ କଥା ଭିତରେ ମ୍ୟାକ୍ସିଟା ଭଲ ଅଛି ଘର କାହିଁକି ପୋଛିବି ନେଇଯାଉଛି ମୋ ଝିଅ ପିନ୍ଧିବ ଆହୁରି ଢେର ଦିନ ଯାଏଁ ବୋଲି କହିପାରେନା ମାଆମାନଙ୍କୁ ସଞ୍ଜୁ । ପୁଅ ଝିଅଙ୍କ ଗାଲୁଆମିର କାରଣ ତ ସେ ନିଜେ । କାହାକୁ କହିବ ଆଉ ସଞ୍ଜୁ !ବାପ ତ ପେଟେ ପିଇ ଗଡୁଥିବ କୋଉଠି । ଯାଏଲୋ ମାଆ ଘରମଣୀକୁ ଖୋଜି ଆଣେ ।

ଛେଳିଟାକୁ ଅଡ଼େଇ ଅଡ଼େଇ ବ୍ରାହ୍ମଣ ଗାଁ ଦାଣ୍ଡରେ ଚାଲିଥାଏ ସଞ୍ଜୁ । ମାଆ ମାଉସୀ, ଭାଉଜମାନେ ଭିତରେ ସଞ୍ଜବତୀ ବସାଇଲା ବେଳେ ମିଣିପି ଦଳ କିଏ ଗୁଡ଼ାଖୁ ଘଷୁଛି ପିଣ୍ଡାରେ ତ କିଏ ଲୁଡୁ ଖେଳୁଛି ତ କିଏ କ୍ୟାରାମ । ଛେଳିଟା ସିଧା ସିଧା ଘରକୁ ଯିବ କଣ ସେଇ ସାଇ ମୁଣ୍ଡେ ଥିବା ବରଗଛ ଭିତରକୁ ଥରକୁ ଥର ପଶିଯିବାର କାରଣ କଣ? ମିଶ୍ର ବୁଢା କହୁଛି କଣ ଖାଉଛି କି ତୋ ଖାସିଟା ଭାରି ଛନଛନିଆ ହୋଇଛି । ରଥ ଭାଇନା ଲୁଡୁ ପାଲିରୁ ମୁହଁ ଉଠେଇ ଚାହିଁଦେଇ କହୁଛନ୍ତି ହଁ ଯେ ସେ କଣ ବେଶୀ ପଇସା ପାଇଲେ ବି ଆମକୁ ଦେବ ତା ଛେଳି !ସେ ବିକିବ କଂସେଇକୁ । ଆଲୋ ଏତେ ପାପ କରୁଛୁ କାହିଁକି? ବରଂ ବ୍ରାହ୍ମଣ ଭୋଜନ ଦେଇ ପାପ ଧୋଇ ପୁଣ୍ୟ ଟିକେ ଅର୍ଜନ କର । ଏସବୁ ଦେହସୁହା ଟାହି ଟାପରାକୁ ହଜମ କରି ବରଗଛ ସେପଟୁ ଛେଳିଟାକୁ ଅଡେଇବାକୁ ଯାଇ ଚମକି ପଡିଲା ସଞ୍ଜୁ ।ତା ଝିଅ ବୟସର ଝିଅଟି ଦୁଇହାତ ଘୋଡେଇ ଛାତିରେ ବସିଛି ଗଛ କୋରଡ଼କୁ ଲାଗି । ପିନ୍ଧିଥିବା ସାତସିଆଁ ଫ୍ରକ ଆହୁରି ସାଙ୍ଘାତିକ ଭାବେ ଚିରିଛି ଡ଼ାଳ ସବୁ ଭାଙ୍ଗିଲା ବେଳେ ତ ନା ଛେଳି ଦାଉରୁ ଡ଼ାଳ ସବୁକୁ ସଜାଡି ରଖିପାରୁଛି ନା ନିଜକୁ ବଞ୍ଚେଇ ପାରୁଛି । ଝିଅଟି ଚୁପି ଚୁପି କହୁଥିଲା ପାଟି କରନି ମାଉସୀ ।ସଞ୍ଜବତୀ ଦେବା ବେଳ ଗଡିଗଲେ, ଭାଇ, ମଉସା, ଦାଦା, ପିଇସାଙ୍କ ବୟସର ପୁରୁଷ ଲୋକେ ଘରକୁ ବାହୁଡ଼ି ଗଲେ ଏମିତିରେ ଏମିତିରେ ଅନ୍ଧାରରେ ଚାଲିଯିବି ଘରକୁ । କଣ ଭାବିଲା ସଞ୍ଜୁ ଛେଳିକୁ ଛାଡ଼ି ଧାଇଁଲା ଦାଣ୍ଡକୁ କହିଲା ମୁଣ୍ଡ ଗୁଞ୍ଜିବାକୁ ଭଗବାନ ଘର ଦେଇଛନ୍ତି । ପଇସା ବଳରେ ରୁମରେ ସବୁ ଏସି ଲାଗିଛି ଏସବୁ ସତ୍ତ୍ୱେ ଘର ପୁରୁଷ ସବୁ ଦାଣ୍ଡକୁ ଓ ପିଣ୍ଡାକୁ ଘର କଲେ ଗରୀବ ଝିଅ ବୋହୁ ମାଇପେ ଯିବେ କୁଆଡେ?ସଞ୍ଜୁର ପାଟି ଶୁଣି ଘର ଭିତରୁ ବାହାରି ଆସିଥିଲେ ମିଶ୍ର, ମହାପାତ୍ର, ରଥ ଘରଣୀମାନେ । ସଞ୍ଜୁ ଦଉଡି ଯାଇ ମିଶ୍ର ବାବୁଙ୍କ ଛାତରେ ସକାଳେ ଘର ପୋଛି ଶୁଖେଇଥିବା ମ୍ୟାକ୍ସିଟାକୁ ତୋଳି ଆଣି ପିନ୍ଧେଇ ଦେଇଥିଲା ଝିଅଟିକୁ । ସବୁ ଜାଣି ସବୁ ଘରର ଘରଣୀମାନେ ତାଙ୍କ ମରଦମାନଙ୍କୁ ଘରେ ଭରିକରି ଝିଅଟି ଉପରକୁ କିଏ ଡ୍ରେସ, କିଏ ଶାଢ଼ୀ କିଏ ନୂଆ ମ୍ୟାକ୍ସି ତ କିଏ ପୁରୁଣା ମ୍ୟାକ୍ସି ପକାଇ ଚାଲିଥିଲା ବେଳେ ନିଜ ଝିଅ କଥା ଭୁଲି ଯାଇଥିଲା ସଞ୍ଜୁ । ଛେଳି ଅଡ଼େଇ ଘରେ ପହଁଚିଲା ବେଳକୁ ଝିଅ ତାର ଶାଢ଼ୀ ଗୁଡେଇ ହୋଇ ଭାତ ରାନ୍ଧୁଛି । ସଞ୍ଜୁକୁ ଜଳ ଜଳ କରି ଦିଶୁଥିଲା ନୂଆ ମ୍ୟାକ୍ସି ପିନ୍ଧି ଝିଅଟିଏ କଦଳୀ ପତ୍ର ସହ ଅନ୍ୟାନ୍ୟ ପତ୍ର ଶିଝେଇ ଚାଲିଛି ଖାଦ୍ୟ ରୂପେ । ଆଖିରୁ ଗଡିଯାଉଥିବା ଦୁଇଧାର ଲୁହକୁ ଦେଖି ସ୍ୱାମୀ କହୁଥିଲା ତୁମ ଦେହ ଛୁଇଁଛି ଆଉ କେବେ ମଦ ପିଇବି ନାହିଁ । ପୁଅ କହୁଥିଲା ମୋର ଅଧିକା କଲମ ଦରକାର ନାହିଁ ମୋ ସାଙ୍ଗଠୁ ଆଣିଛି, ଝିଅ କହୁଥିଲା ତୁ ଦରମା ପାଇ ମୋ ଡ୍ରେସ କିଣିବା ପର୍ଯ୍ୟନ୍ତ ମୁଁ ଶାଢ଼ୀ ପିନ୍ଧି ଚଳେଇ ଦେବି ତୁ କାନ୍ଦୁଛୁ କାହିଁକି ମାଆ! ସଞ୍ଜୁ କିନ୍ତୁ କାନ୍ଦୁଥିଲା ତାକୁ ଓ ତା ସଂସାରକୁ ମାଆ ଦୁର୍ଗା ବହୁତ ଭଲରେ ରଖିଛନ୍ତି ।ମାଆ ଲୋ ସମସ୍ତଙ୍କୁ ଭଲରେ ରଖ ମାଆ । ଝିଅଲୋ ଆଜି ସଞ୍ଜବତୀ ଦେଇଥିଲୁ ମାଆ?ଝିଅ ସୁଲତା ଆସ୍ତି ସୂଚକ ମୁଣ୍ଡ ହଲାଉଥିଲା ତଥାପି ସଞ୍ଜୁ କାହିଁକି କାନ୍ଦୁଥିଲା ପରିବାର ଲୋକ ବୁଝୁନଥିଲେ ।ଉଠିଲା ସଞ୍ଜୁ ଚାଲିଲା ଜରି ଗୋଟାଳି ସେହି କାଲିର ଝିଅଟି ଘରକୁ ସକାଳୁ ସକାଳୁ । ଧରିଲା ମିନତିର ହାତ ଆଣିଲା ବନମାଳୀ ମିଶ୍ରଙ୍କ ଘରକୁ କହିଲା ଆଜିଠୁ ଏଘର, ଏ ସଂସାର, ଏ ବର ସବୁ ତୋର । ଝିଅଟିର ଭାଇ ଖୁସିରେ ତାଳି ମାରି କହୁଥିଲା ତତେ ଆଉ ଜରି ଗୋଟେଇବାକୁ ଯିବାକୁ ପଡ଼ିବନି ନାନୀ । ମିନତି କିଛି କହିବା ପୂର୍ବରୁ ବନମାଳୀମିଶ୍ର କହିଲେ ତୁମେ ମଧ ଯିବନି ଶାଳକ ଏଇଠି ରହି ପାଠ ପଢିବ । ଚୈତନ୍ୟ ଭୋଇ ଖୁସିରେ ବୟସକୁ ଖାତିର ନକରି ଆଗ ପଇଡ଼ ତୋଳୁଥିଲେ ତ ସଞ୍ଜୁକୁ ତା ପୁଅ ଡାକିବାକୁ ଆସି କହିଥିଲା ନାନୀକୁ ଦେଖିବାକୁ ବାପା କୁଣିଆ ଆଣି ଆସିଛନ୍ତି । ସଞ୍ଜୁ ତରତର ହୋଇ ଯିବା ପୂର୍ବରୁ ବନମାଳୀ ମିଶ୍ର କହୁଥିଲେ ତୋ ଝିଅ ବାହାଘରର ଦାଇତ୍ୱ ସବୁ ଆମର । ଲାଜ ମିଶା ଆଖିରେ ମିନତି ହସୁଥିଲା ଓ ପରେ ପରେ ବନମାଳୀବାବୁଙ୍କ ପାଦରେ ସଞ୍ଜୁ ମାଉସୀ ଦେଇଯାଇଥିବା ତେଲ ମାଲିସ କରୁଥିଲା ।ସଞ୍ଜୁ ଆଗେଇ ଚାଲିଥିଲା ଛାଇ କୁ ଖାତିରି ନକରି ନିଜ ଘରମୁହାଁ ।

**ସୁନନ୍ଦା ମହାନ୍ତି**
**ସାକ୍ଷୀଗୋପାଳ, ପୁରୀ**

### କୁରୁମବାଙ୍କତରାରେ ନବ ବଧୂ ହତ୍ୟାକାଣ୍ଡ ଘଟଣା

# ଅଭିଯୁକ୍ତ ସ୍ୱାମୀ ଗିରଫ ପରେ ଜେଲ୍ ହାଜତକୁ ଗଲା

ଓଡ଼ଗାଁ ୦୫/୦୬ (ଆନିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ କୁରୁମ



ବାଙ୍କତରା ନବବଧୂ ଶୁଭଶ୍ରୀ ମହାପାତ୍ର (୨୨) ଙ୍କ ହତ୍ୟାକାରୀ ସ୍ୱାମୀ ଦୀପକ କୁମାର ମହାପାତ୍ରଙ୍କୁ ଓଡ଼ଗାଁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛନ୍ତି।

ଜାମିନ ଖାରଜ ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।ନିଜ ସ୍ତ୍ରୀ ସହିତ ବାପା ଏବଂ ଭାଇର ସମ୍ପର୍କକୁ ଅନୈତିକ ସମ୍ପର୍କ ଭାରେ ସନ୍ଦେହ କରିବା ଏବଂ ପରବର୍ତ୍ତୀ ସମୟରେ ସନ୍ଦେହକୁ ସତ ମନେକରି ସ୍ତ୍ରୀକୁ ହତ୍ୟା କରିବା ଘଟଣା ପ୍ରାଥମିକ ତଦନ୍ତରୁ ଜଣାପଡିବା। ପରେ ସନ୍ଦେହ ଯେ,ମଣିଷକୁ ପଶୁତ୍ୱ ସ୍ତରକୁ ନେଇପାରେ,ତାହା ଶୁଭଶ୍ରୀ ହତ୍ୟାକାଣ୍ଡରୁ ଜଳ ଜଳ ହୋଇ ଜଣାପଡୁଛି।

ଏନେଇ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଅଶାନ୍ତି ଚରମ ସୀମାରେ ପହଞ୍ଚିବାର ପରିଣାମ ଶୁଭଶ୍ରୀଙ୍କୁ ହତ୍ୟା।ବିବାହର ୨ ମାସ ୨୫ ଦିନ। ଏତେ କମ୍ ସମୟରେ ସ୍ତ୍ରୀ ପ୍ରତି ସ୍ୱାମୀର ଏଭଳି ସନ୍ଦେହକୁ କେହିବି ଗ୍ରହଣ କରିପାରୁ ନାହାନ୍ତି। ହେଲେ ଏକଥା ସ୍ୱାମୀ ଦୀପକ ବୁଝିପାରିଲା ନାହିଁ। ସିସିଟିଭି ଲାଗିଲା ସେଥିରେବି ସନ୍ଦେହର କୌଣସି ଚିହ୍ନ ନାହିଁ। ତଥାପି ଦୀପକ ସନ୍ଦେହ ମୁକ୍ତ ହୋଇପାରିଲା ନାହିଁ।ଗତ ବୁଧବାର ୟାକୁ ନେଇ ସ୍ୱାମୀ ସ୍ତ୍ରୀ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା।

ସ୍ୱାମୀର ସ୍ତ୍ରୀ ହୋଇ ବଞ୍ଚିବାକୁ ଚାହୁଁଥିବା ଶୁଭଶ୍ରୀର ସେହି ରାତି କାଳ ରାତ୍ରୀ ଥିଲା।ପରଦିନ ସକାଳର ସୂର୍ଯ୍ୟୋଦୟ ଦେଖିବା ପୂର୍ବରୁ ବେଡ୍ ରୁମରେ ତାକୁ ସବୁଦିନ ପାଇଁ ସୁଆଇଦେଲା। ସ୍ୱାମୀ ଦୀପକ ମହାପାତ୍ର। ସ୍ତ୍ରୀ ଫ୍ୟାନରେ ରଷି ଲଗାଇ ଆତ୍ମହତ୍ୟା କରିଛି ବୋଲି ଦୀପକ କହୁଥିବା ବେଳେ ଶୁଭଶ୍ରୀର ମୃତ ଶରୀର ଏବଂ ପାରିପାର୍ଶ୍ୱିକ ଅବସ୍ଥା ତାକୁ ହତ୍ୟା କରାଯାଇ ଫ୍ୟାନରେ ଟଙ୍ଗା ଯାଇଥିବା ପୋଲିସ ତଦନ୍ତରୁ ଜଣାପଡୁଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ତାର ପ୍ରକୃତ ପ୍ରମାଣ ଦେବ।

### ବାଲୁଗାଁ ପୋଲିସକୁ ସଫଳତା

# ବ୍ରାଉନ ସୁଗାର କାରବାରରେ ଜଣେ ଗିରଫ



ବାଲୁଗାଁ, ୫।୬ (ଆନିସ): ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ବାଲୁଗାଁ ଥାନାରେ ବ୍ରାଉନ ସୁଗାର କାରବାରରେ ଜଣେ ଅଭିଯୁକ୍ତ ଗିରଫ । ଅଭିଯୁକ୍ତ ଜଣକ ହେଲେ ବାଲୁଗାଁ ଥାନା ଅନ୍ତର୍ଗତ ଗୋପୀନାଥପୁର ଗ୍ରାମ ନୂଆ ସାହି ର ସୁନୀଲ ପାଢ଼ୀ। ଘଟଣା ଏମିତି ଥିଲା କି ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଖୋର୍ଦ୍ଧା ଏସ.ପି ଶ୍ରୀଯୁକ୍ତ ପର୍ମର ସ୍ମିତ ପୁରୁଷୋତ୍ତମଦାସ ଙ୍କ ନିର୍ଦ୍ଦେଶ ଏବଂ ବାଲୁଗାଁ ଏସ. ଡି.ପି.ଓ ଶ୍ରୀଯୁକ୍ତ ସଞ୍ଜୟ କୁମାର ପଟ୍ଟନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ବାଲୁଗାଁ ଥାନା ଅଧିକାରୀ ଶ୍ରୀମତି ଶ୍ରଦ୍ଧା ନାୟକ ଏକ ଚଢ଼ାଉ ଟିମ୍ ଗଠନ କରି ଥିଲେ ଯେଉଁଥିରେ ମହିଳା ପୋଲିସ ଏସ.ଆଇ ଶ୍ରୀମତି ରାସ୍ମା ସାହୁ ଙ୍କୁ ଦାୟିତ୍ୱ ଦେବା ସହ ହାବିଲଦାର ରାମଦାସ ମାଝୀ, ଆର. ମୋହନ ରେଡ୍ଡୀ, ପ୍ରକାଶ ପ୍ରଧାନ ପ୍ରମୁଖ ଥିଲେ । ଖବର ଥିଲା କି ବାଲୁଗାଁ ଓଭର ବ୍ରିଜ୍ ତଳ ରାମପୁର ଛକ ଠାରେ ଜଣେ ଯୁବକ ସନ୍ଦେହ ଜନକ ଭାବେ ନିଶା କାରବାର ପାଇଁ ପ୍ରସ୍ତୁତ ହେଉଥିବାର । ଥାନା ଅଧିକାରୀ ଶ୍ରୀମତି ଶ୍ରଦ୍ଧା ନାୟକ କାଳ ବିଳମ୍ବ ନ କରି ସଙ୍ଗେ ସଙ୍ଗେ ଟିମ୍ କୁ ନିର୍ଦ୍ଦେଶ ଦେଇ ଅଭିଯୁକ୍ତ କୁ ଗତ କାଲି ଦିନ ୯ ଟା ସମୟରେ ଧରିବାରେ ସକ୍ଷମ ହୋଇ ଥିଲେ। ଅଭିଯୁକ୍ତ ସୁନୀଲ ପାଢ଼ୀ ଠାରୁ ୧୦.୬ ଗ୍ରାମ ବ୍ରାଉନ ସୁଗାର, ୯୯୦ ଟଙ୍କା ଏବଂ ଏକ ଭିଭୋ ମୋବାଇଲ ଫୋନ୍ ଜବତ କରି ଅଧିକ ତଦନ୍ତ ଚଳାଇ ମୁଖ୍ୟ ଅଭିଯୁକ୍ତ ପାଖରେ ପହଞ୍ଚିବା ପାଇଁ ଚେଷ୍ଟା ଜାରୀ ରହିଛି।

# ବୈଦ୍ୟନାଥରେ ବିଶ୍ୱ ପରିବେଶ ଦିବସ ପାଳିତ

ସୋନପୁର /ବିନିକା ୫/ ୬(ଆନିସ ) : ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଅନ୍ତର୍ଗତ ବୈଦ୍ୟନାଥଠାରେ ସମାଜସେବୀ ଭକ୍ତ କର୍ମୀଙ୍କ ଜନ୍ମ ଦିନ ତଥା ବିଶ୍ବ ପରିବେଶ ଦିବସ ଅବସରରେ ବୈଦ୍ୟନାଥ ସ୍ଥିତ ଐତିହାସିକ ଶୈବପୀଠ ବାବା କୋଶଳେଶ୍ୱର ମନ୍ଦିର ଓ ଜଗନ୍ନାଥ ମନ୍ଦିର ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।



ଜୁନିୟର ରେଡ଼କ୍ରସ ପରାମର୍ଶଦାତା ଶିକ୍ଷକ ବିକ୍ରମ କୁମାର ନନ୍ଦ ଉକ୍ତ କାର୍ଯ୍ୟକ୍ରମର ପରିଚାଳନା କରିବା ସହ ବୃକ୍ଷ ରୋପଣ, ଶକ୍ତି ସଞ୍ଚୟ,ଜଳ ସଂରକ୍ଷଣ, ପ୍ଲାଷ୍ଟିକ ବ୍ୟବହାର ହ୍ରାସ, ଜଙ୍ଗଲ ସଂରକ୍ଷଣ,ଡଷ୍ଟବିନ୍ ବ୍ୟବହାର ଆଦି ପରିବେଶ ସୁରକ୍ଷାର ଦିଗ ଉପରେ ଜନ ସଚେତନତା ସୃଷ୍ଟି କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଭକ୍ତ କର୍ମୀ,ବ୍ୟାସ ଦେବ ନନ୍ଦ, ଧ୍ରୁବ ଚରଣ ରଥ, ବିକାଶ ରଥ, ପ୍ରଶାନ୍ତ ପ୍ରଧାନ,ସନାତନ ମହାକୁଡ଼, ଆଦିତ୍ୟ ପାଢ଼ୀ, ଜିତୁ ପଣ୍ଡା,ଅମିର୍ ମେହେର ପ୍ରମୁଖ ସ୍ୱେଚ୍ଛାସେବୀ ଏବଂ ଛାତ୍ର ଛାତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।ଏହିଭଳି କାର୍ଯ୍ୟକ୍ରମ ପାଇଁ ଅଞ୍ଚଳବାସୀ ସ୍ୱେଚ୍ଛାସେବୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ୩ ମାସ ବିତିଲା ବୃଦ୍ଧବୃଦ୍ଧାଙ୍କୁ ମିଳୁନାହିଁ ଭତ୍ତା



ବିନିକା ୫/୬(ଆନିସ ) : ସୁବର୍ଣ୍ଣପୁର ଜିଲ୍ଲା ବିନିକା ଏନଏସି ଅଫିସ ସମ୍ମୁଖରେ ଧାରଣାରେ ବସିଲେ ଏମାନଙ୍କୁ ଦୀର୍ଘ ୩ ମାସ ହେଲା ଭତ୍ତା ଟଙ୍କା ମିଳୁନଥିବାରୁ ଔଷଧ କିଣିବା ଠାରୁ ଆରମ୍ଭ କରି ବିଭିନ୍ନ ଜିନିଷ କିଣିବାରୁ ବଞ୍ଚିତ ରହିବା ସହ ବହୁ କଷ୍ଟରେ ଚାଲୁଛନ୍ତି ହେଲେ ସରକାର ବୃଦ୍ଧବୃଦ୍ଧାଙ୍କୁ ଭତ୍ତା ଟଙ୍କା ଦେଉନଥିବାରୁ ଚିନ୍ତାରେ ପଡି ଯାଇଛନ୍ତି ବୃଦ୍ଧବୃଦ୍ଧା ଫଳରେ ଆଜି ଏନଏସି ଅଫିସ ସମ୍ମୁଖରେ ଧାରଣାରେ ବସିଛନ୍ତି ଏପଟେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ଭୁଏ ଧାରଣାରତ ବୃଦ୍ଧବୃଦ୍ଧାଙ୍କ ସହ ଆଲୋଚନା କରି ଭତ୍ତା ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶୃତି ଦେଇଛନ୍ତି ବୈରାଗ ସେଠି,ଲଳିତା ଭୂଇଁଆ, ବଜରଙ୍ଗୀ ମାଝୀ ।

### ସ୍ୱଚ୍ଛ ଗାଁ – ସୁରକ୍ଷିତ ଜଳବାୟୁ

# ସିଂହପୁର ଗ୍ରାମସଭାରେ ସରପଞ୍ଚଙ୍କ ସଚେତନତା ବାର୍ତ୍ତା

ବିଂଝାରପୁର, ୫।୬(ଆନିସ) : ଯାଜପୁର ଜିଲ୍ଲାର ବିଂଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ବୈଠକ ଗୃହରେ ଆଜି ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଯୁବ ସରପଞ୍ଚ ଶ୍ରୀଯୁକ୍ତ ଶଶାଙ୍କ ଶେଖର ଖିଲାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବିଶ୍ୱ ପରିବେଶ ଦିବସର ଗୁରୁତ୍ୱ, ସ୍ୱଚ୍ଛ ପରିବେଶ ଓ ଜଳବାୟୁ ସୁରକ୍ଷା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସରପଞ୍ଚ ଶ୍ରୀ ଖିଲାର କହିଥିଲେ ଯେ, ''ସ୍ୱଚ୍ଛ ଗାଁ ହିଁ ସୁସ୍ଥ ସମାଜ ଓ ସୁରକ୍ଷିତ ଜଳବାୟୁର ମୂଳ ଆଧାର। ପରିବେଶ ସୁରକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କ ନୈତିକ




କର୍ତ୍ତବ୍ୟ। ଆମେ ଯଦି ଆଜିଠାରୁ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର କମାଇବା ସହ ପରିବେଶ ଅନୁକୂଳ ଅଭ୍ୟାସ ଗ୍ରହଣ କରିବା, ତେବେ ଆଗାମୀ ପିଢ଼ି ପାଇଁ ଏକ ସବୁଜ ଓ ସୁରକ୍ଷିତ ପୃଥିବୀ ଗଢ଼ିପାରିବା।'' ସେ ବର୍ତ୍ତମାନ ପଲିଥିନ ବ୍ୟବହାର ଦ୍ୱାରା ହେଉଥିବା କ୍ଷତି ସମ୍ପର୍କରେ ସଚେତନ କରାଇଥିଲେ। ପଲିଥିନକୁ ଏଣେତେଣେ ନଫିଙ୍ଗି ନିର୍ଦ୍ଦିଷ୍ଟ ସ୍ଥାନରେ ସଂଗ୍ରହ କରି ତାହାର ସଠିକ୍ ପରିଚାଳନା କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଗଛ ଲଗାଇବା, ଜଳ ସଂରକ୍ଷଣ କରିବା ଏବଂ ପରିବେଶ ସୁରକ୍ଷା ପାଇଁ ସାମୂହିକ ପଦକ୍ଷେପ ନେବା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ଏହି ସଭାରେ ପିଇଓ ବିଷ୍ଣୁ ଚରଣ ସାମଲ, ନ୍ୟାୟ ସରପଞ୍ଚ ରଞ୍ଜୀତା ବାରିକ, କାହ୍ନା ରାଉତ, ଦେବାଶିଷ ସାମଲ, ଅଜୟ କୁମାର ମଲ୍ଲିକ , ଏମ୍‌ବିକେ ଶସ୍ମିତା ନାୟକ, ଲୋମାମୁଦ୍ରା ଜେନା, ଆକାଂକ୍ଷା ବାରିକ ପ୍ରମୁଖ ଯୋଗଦାନ କରିଥିଲେ। ଉପସ୍ଥିତ ସଦସ୍ୟମାନେ ଗ୍ରାମକୁ ସ୍ୱଚ୍ଛ, ସବୁଜ ଓ ପରିବେଶ ଅନୁକୂଳ ରଖିବା ପାଇଁ ସମୁହିକ ଭାବେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ। ଶେଷରେ ମଳୟ ଥାଟୋଇ ଧନ୍ୟବାଦ ଅର୍ପଣ କରିଥିଲେ

# ପ୍ରଥମ ଥର କନ୍ଧମାଳରୁ ରଥ ନିର୍ମାଣ ପାଇଁ କାଠ ଗଲା ପୁରୀ




ଫୁଲବାଣୀ, ୫।୬ (ଆନିସ): ପ୍ରଥମ ଥର ପାଇଁ କନ୍ଧମାଳ ଜିଲ୍ଲା କୋଟ ଗଡ ବନଞ୍ଚଳ ରୁ ପୁରୀ ରଥ ଯାତ୍ରା ପାଇଁ କାଠ ପଠାଗଲା ପ୍ରାୟ ୪୦ଫୁଟ୍ ଲମ୍ବା ୨୩ ଖଣ୍ଡ ଧଉର କାଠ କଟାଯାଇ ଆଜି ପୂଜାର୍ଚ୍ଚନା କରାଯାଇ ଟ୍ରକ୍ ଯୋଗେ ପଠାଯାଇଛି ଏହି କାଠ ଘୋଷ ଯାତ୍ରା ବେଳେ ତିନି ରଥ ର ଅଖ ନିର୍ମାଣ ରେ ବ୍ୟବହାରକରାଯିବ ବୋଲି ଜିଲ୍ଲା ପାଳ ବେଦ ଭୂଷଣ କହିଛନ୍ତି କୋଟଗଡ ରେଞ୍ଜ ଅଫିସର ଙ୍କ ଆନ୍ତରିକ ଉଦ୍ୟମ,ଆଗ୍ରହ, ଯୋଗୁଁ ଜଙ୍ଗଲ ରୁ ଚିହ୍ନଟ କରାଯିବା ପରେ କଟାଯାଇ ସୁରକ୍ଷିତ ଭାବେ ପଠାଗଲା ବାଲିଗୁଡା ଜଗନ୍ନାଥ ମନ୍ଦିର ନିକଟରେ ରଥ କାଠ ପହଞ୍ଚିବା ପରେ ଜିଲ୍ଲା ପାଳ ବେଦ ଭୂଷଣ, ଉପଜିଲ୍ଲାପାଳ ପ୍ରଣୀତ ଦାସ, ଏସ୍ ଡି ପି ଓ,ଜଙ୍ଗଲ ବିଭାଗ ଡି ଏଫ୍ ଓ ଘନ ଶ୍ୟାମ ମହନ୍ତ,ଓ ସ୍ଥାନୀୟ ଜଗ ନାଥ ମନ୍ଦୀର ପରିଚାଳନା କମିଟି ସଦସ୍ୟ ଙ୍କ ଉପସ୍ଥିତ ରେ ପୂଜା ଅର୍ଚ୍ଚନା କରାଯାଇ ଥିଲା ପ୍ରଥମ ଥର ପାଇଁ କନ୍ଧମାଳ ଜିଲ୍ଲା ରୁ ରଥ ନିର୍ମାଣ ପାଇଁ କାଠ ଯାଉଥିବାରୁ ଏହା ଏକ ସୌଭାଗ୍ୟର ବିଷୟ ବୋଲି ବାଲିଗୁଡ଼ା ଡି ଏଫ୍ ଓ ଘନ ଶ୍ୟାମ ମହନ୍ତ କହିଛନ୍ତି ।

# ଫୁଲବାଣୀରେ ବିଶ୍ୱ ପରିବେଶ ଦିବସ



ଫୁଲବାଣୀ, ୫।୬ (ଆନିସ): ଶୁକ୍ରବାର ମାଇ ଭାରତ କନ୍ଧମାଳ ତରଫରୁ ବିଶ୍ୱ ପରିବେଶ ଦିବସ କନ୍ଧମାଳ ଜିଏ ନ ଏମ କଲେଜ ଗୁଡ୍ରୀସାହି ଫୁଲବାଣୀ ଠାରେ ଅନୁଷ୍ଠିତ୍ ହୋଇ ଥିଲା ଅନୁଷ୍ଠିତ କାର୍ଯକ୍ରମ କୁ ମୁଖ୍ୟ ଅତିଥି ଭାବରେ ପୂରୁଣା କଟକ କଲେଜ ର ପୂର୍ବତନ ଅଧକ୍ଷ ଡ଼ ପୂର୍ଣେନ୍ଦୁ ତ୍ରିପାଠୀ ଯୋଗ ଦେଇଥିବା ବେଳେ ସମ୍ମନିତ ଅତିଥି ଭାବରେ ଜିଏନ ଏମ କଲେଜ ର ଅଧକ୍ଷ ଶୁଭଶ୍ରୀ ପାତ୍ର, ଜିଏ ନ ଏମ କଲେଜ ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରି ତଥା ସମ୍ବଜ ସେ 1 ସୋନ୍ତୋଷ କୁମାର ମିଶ୍ର, ଅଧାପିକା ଡି ସଚ୍ଚିଦାନନ୍ଦ, ପ୍ରିୟଙ୍କା ସାବତ, ଭିନ ପ୍ରିୟ ଦର୍ଶନି, ପ୍ରଜ୍ଞା ପରମିତା ବେହେରା, ମାଇ ଭାରତ କନ୍ଧମାଳ ର ଜିଲ୍ଲା ଯୁବ ଅଧିକାରି ପ୍ରଶାନ୍ତ କୁମାର ଏବଂ ମାଇ ଭାରତ ଫୁଲବାଣୀ ର ସହକର୍ମୀ ସତ୍ୟବାନ ଦଳବେହେରା, ପ୍ରମୂଖ ଯୋଗ ଦେଇ ସର୍ବଦା ପରିବେଶ କୁ ସ୍ୱଚ୍ଛ ରଖିବା ପ୍ରଦୂଷଣ ମୁକ୍ତ ରଖିବାକୁ ପରାମର୍ଶ ଦେଇ ଥିଲେ ଅନୁଷ୍ଠିତ କାର୍ଯକ୍ରମରେ ଏକ ଶହରୁ ଉର୍ଦ୍ଧ ଯୁବକ ଯୁବତୀ ଅଂଶ ଗ୍ରହଣ କରିଥଲେ ଏହି ଅବସରରେ ଯୁବ ଭାଇ ଓ ଭଉଣୀ ମାନଙ୍କର ମଧ୍ୟରେ କୁଇଜ ପ୍ରତିଯୋଗତା ଅନୁଷ୍ଠିତ ହୋଇଥିଲା ଏଥିରେ ସ୍ୱର୍ଣ୍ଣ ପ୍ରଭା ପ୍ରଧାନ ପ୍ରଥମ, ଅଙ୍କିତା ପ୍ରିୟ ଦର୍ଶନୀ ବେହେରା ଦ୍ୱିତୀୟ ଏବଂ ଅଞ୍ଜଳି ଭୋଇ ତୃତୀୟ ହୋ ଇ ଥିଲେ ମୁଖ୍ୟ ଅତିଥି ଅନୁଷ୍ଠିତ କାର୍ଯ କ୍ରମ ର ମୂଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଭାଇ ଓ ଭଉଣୀ ମାନଙ୍କୁ ଅବଗତ କରିଥିଲେ ଏହି ଦିବସରେ କଲେଜ ପରିସରରେ ବୃକ୍ଷ ରୋପଣ କାର୍ଯକ୍ରମ ଅନୁଷ୍ଠିତ ହୋଇ ଥିଲା କୁଇଜ ପ୍ରତିଯୋଗତା ରେ ବିଜୟୀ ପ୍ରତିଯୋଗି ମାନଙ୍କୁ ମୂଖ୍ୟ ଅତିଥି ଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବୈଠକ ରେ ମାଇ ଭାରତ ଫୁଲବାଣୀ ର ସହକର୍ମୀ ସତ୍ୟବାନ ଦଳ ବେହେରା ମୁଖ୍ୟ ଅତିଥି ସମ୍ମାନୀତ ଅତିଥି ଓ ଉପସ୍ଥିତ ଯୁବ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ଶିବେନ୍ଦ୍ର ଦିଗାଲ ଧନ୍ୟ ବାଦ ଅର୍ପଣ କରିଥଲେ ।

# ଫୁଲବାଣୀରେ ଗଡିଲା ଏସଆଇଆର ସଚେତନତା ରଥ

ଫୁଲବାଣୀ, ୫।୬ (ଆନିସ): ଭାରତର



ନିର୍ବାଚନ ଆୟୋଗଙ୍କ ସ୍ୱତନ୍ତ୍ର ମତଦାତା ତାଲିକା ସଂଶୋଧନ (ଏସ୍ଆଇଆର) କାର୍ଯ୍ୟକ୍ରମକୁ ନେଇ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ କନ୍ଧମାଳ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବେଦଭୂଷଣ ପତାକା ଦେଖାଇ ଏହି ସଚେତନତା ରଥର ଶୁଭ ଉଦ୍‌ଘାଟନ କରିଥିଲେ।ମତଦାତା ତାଲିକାରେ ନାମ ଅନ୍ତର୍ଭୁକ୍ତି, ସଂଶୋଧନ ଓ ବିଲୋପ ସମ୍ପର୍କିତ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଏସ ଆଇ ଆର୍ କାର୍ଯ୍ୟକ୍ରମ ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଏହି ରଥର ମୂଳ ଲକ୍ଷ୍ୟ ବୋଲି ଜଣାପଡ଼ିଛି। ଉଦ୍‌ଘାଟନ ପରେ ରଥଟି ଫୁଲବାଣୀ ସହରର ବିଭିନ୍ନ ୱାର୍ଡ ଓ ଜନବହୁଳ ଅଞ୍ଚଳ ପରିଭ୍ରମଣ କରି ସଚେତନତା ବାର୍ତ୍ତା ପ୍ରଚାର କରିଥିଲା।ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାଏକ, ଉପଜିଲ୍ଲାପାଳ ଭିକାରୀ ସାହୁ, ଡ୍ୟୁ ଡ଼ା ର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆଙ୍କ ସମେତ ଜିଲ୍ଲା ପ୍ରଶାସନର ବହୁ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାରେ ଏସ ଆଇ ଆର୍ କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ଏହି ସଚେତନତା ଅଭିଯାନ ସହାୟକ ହେବ ବୋଲି ଆଶା ପ୍ରକାଶ କରାଯାଇଛି।

# 'ମିଶନ ବ୍ରିଦ୍' ପକ୍ଷରୁ ବିଶ୍ୱ ପରିବେଶ ଦିବସ



ବିନିକା ୫/୬(ଆନିସ): ସୋନପୁର ଜିଲ୍ଲାର ଶଙ୍କରା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍ଏସ୍) ଏବଂ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ଏକ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମଟି 'ମିଶନ ବ୍ରିଦ୍'ର ପ୍ରତିଷ୍ଠାତା ତଥା ନେତୃତ୍ୱ ନେଉଥିବା ଡାକ୍ତର ସନ୍ତୋଷ ବିଭାରଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଏହି ଦିବସରେ ସଂସ୍ଥାର ସଦସ୍ୟମାନେ ଉଭୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ବୃକ୍ଷରୋପଣ, ଜଳ ସଂରକ୍ଷଣ, ଜୈବ ବିବିଧତା ସୁରକ୍ଷା ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ।ସଙ୍କରା ର ଡାକ୍ତର ସନ୍ତୋଷ ବିଭାର, ଡାକ୍ତର ଗୀତାଞ୍ଜଳି ମିଶ୍ର, ନର୍ସ ଲିଜା ପାତ୍ର, ଫାର୍ମାସିଷ୍ଟ ଶାରଦା ପ୍ରସନ୍ନ ସାହୁ, ଏଲ୍.ଟି. ପ୍ରଶାନ୍ତ ଜଠ, ଆଟେଣ୍ଡାଣ୍ଟ ସୂର୍ଯ୍ୟକାନ୍ତ ସୁନା ଏବଂ ସ୍ୱିପର ମମତା ବାଗ, କୁନ୍ତି କଲେତ, ଗୌରୀ ଶଙ୍କର ସେଠୀ ଓ ସିକ୍ୟୁରିଟି ହୃଷିକେଶ ଛତ୍ରିଆ ପ୍ରମୁଖ ସହଯୋଗ କରିଥିଲେ।ସେହିପରି ବିନିକା ଠାରେ ଷ୍ଟାଫ୍ ନର୍ସ ସୁନି ଭୋଇ, ମାନସ ଭୋଇ, ପଦ୍ମିନୀ ରାଉତ, ଅଞ୍ଜଳି ବେହେରା, କୁନିଲତା ମଲ୍ଲିକ, ପ୍ରଫୁଲ୍ଲ ମଲ୍ଲିକ, ରାଜେଶ ମାଝୀ ଏବଂ ସ୍ୱିପର ସିଦ୍ଧାନ୍ତ, ଗୋବିନ୍ଦ, ରାଜିନ, ସୁଶୀଲ, ଦେବେନ୍ଦ୍ର ଓ କରିସ୍ମା ପ୍ରମୁଖ ପରିବେଶ ସୁରକ୍ଷା ପାଇଁ ସଂକଳ୍ପ ନେଇଥିଲେ। 'ମିଶନ ବ୍ରିଦ୍'ର ପ୍ରତିଷ୍ଠାତା ଡାକ୍ତର ସନ୍ତୋଷ ବିଭାର କହିଛନ୍ତି ଯେ, ଆମ ପୃଥିବୀକୁ ରକ୍ଷା କରିବା ପାଇଁ ଆମର ଛୋଟ ଛୋଟ ପଦକ୍ଷେପ ହିଁ ଭବିଷ୍ୟତରେ ବଡ଼ ପରିବର୍ତ୍ତନ ଆଣିବ। ଆଜିର ଏହି ପ୍ରୟାସ ସଙ୍କରା ଏବଂ ବିନିକା ଅଞ୍ଚଳରେ ଏକ ସୁସ୍ଥ ଓ ନିର୍ମଳ ପରିବେଶ ଗଠନ କରିବାରେ ସହାୟକ ହେବ।

# କୁଚିଣ୍ଡାରେ ବିଶ୍ୱ ପରିବେଶ ଦିବସ ପାଳିତ

କୁଚିଣ୍ଡା, ୫।୬ (ଆନିସ): କୁଚିଣ୍ଡା ଅରୁଣୋଦୟ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ ,କୁଚିଣ୍ଡା ବନ୍ୟପ୍ରାଣୀ ଓ ବନାଞ୍ଚଳ ବିଭାଗ, କୁଚିଣ୍ଡା ତହସିଲ, ରୋପ ଅନୁଷ୍ଠାନ,ବାଲ ସୁରକ୍ଷା ଇନିସିଏଟିବ (ନୂଆଦିଲ୍ଲୀ), ପ୍ରତ୍ୟେକ ନାଇନ୍ ଇଜ ମାଇନ (ନୂଆଦିଲ୍ଲୀ) ମିଳିତ ଉଦ୍ୟମରେ ବିଦ୍ୟାଳୟ ପରିସରରେ ଆଜି ବିଶ୍ୱ ପରିବେଶ ଦିବସ ପାଳିତ ହୋଇଅଛି । ସର୍ବ ପ୍ରଥମେ ଶିଶୁ ମାନଙ୍କ ସହିତ ଅତିଥି ଗଣ ଅରୁଣୋଦୟ ବିଦ୍ୟାଳୟ ଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ପଦଯାତ୍ରା କରାଯାଇଥିଲା । ସମ୍ବଲପୁର ସାଂସଦ ପ୍ରତିନିଧି ଅରୁଣ କୁମାର ଅଗ୍ରୱାଲ ଓ ଡ଼ା ଶରତଚନ୍ଦ୍ର ଗୌନ୍ତିଆ ପତାକା ଦେଖାଇ ସଚେତନତା ପଦଯାତ୍ରା ଆରମ୍ଭ କରିଥିଲେ। ଏହି ପଦଯାତ୍ରା ସମୟରେ ଶିଶୁ ମାନେ ବିଭିନ୍ନ ସ୍ଲୋଗାନ ଦେଇ ସଚେତନତା ବାର୍ତ୍ତା ଦେଇଥିଲେ। ତହସିଲଦାର ସରିତା ଓରାମ,ଡେପୁଟୀ କଲେକ୍ଟର ସଞ୍ଜୟ ମିଶ୍ର, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ସୁବୋଧ କୁମାର ନାୟକ ତହସିଲ କାର୍ଯ୍ୟାଳୟ ଠାରେ ବୃକ୍ଷରୋପଣ କରିଥିଲେ । ଏହା ପରେ ପଦଯାତ୍ରା ରୁ ଫେରିବା ପରେ ଅରୁଣୋଦୟ ଭିନ୍ନକ୍ଷମ ବିଦ୍ୟାଳୟ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭରେ ରୋପ ଅନୁଷ୍ଠାନର ପ୍ରଦୀପ କୁମାର ଅତିଥି ପରିଚୟ ପ୍ରଦାନ ଏବଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହା ପରେ ଏତିଥି ମାନଙ୍କୁ ଶିଶୁ ମାନେ ପୁଷ୍ପ ଗୁଚ୍ଛ ଓ ଚରା ଦେଇ ସମ୍ବର୍ଦ୍ଧନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଡେପୁଟୀ କଲେକ୍ଟର ସଞ୍ଜୟ ମିଶ୍ର, ସମ୍ମାନିତ ଅତିଥି ଭାବରେ ଫରେଷ୍ଟର ଅନୁରାଧା ଖର୍ସେଲ, କୁଚିଣ୍ଡା ଥାନା ଅଧିକାରୀ ରାଧାକାନ୍ତ ବାରିକ, କୃଷି ଜିଲ୍ଲା ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ, ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ସୁବୋଧ କୁମାର ନାୟକ, ଡାକ୍ତର ଶରତ ଚନ୍ଦ୍ର ଗୌନ୍ତିଆ, ସହକାରୀ କୃଷି ଅଧିକାରୀ ସସ୍ମିତା କିରୋ, ବରିଷ୍ଠ ନାଗରିକ ସଂଘ ସହ ସମ୍ପାଦକ ଜଗନ୍ନାଥ ପାଣିଗ୍ରାହୀ, ଶିକ୍ଷକ ଚକ୍ରଧର ମାଝୀ, ଅତିରିକ୍ତ ତହସିଲଦାର ଅନିମା ସରେଙ୍ଗ, କୁଚିଣ୍ଡା ମହାବିଦ୍ୟାଳୟ ଏନ.ଏସ.ଏସ ପ୍ରୋଗ୍ରାମ ଅଫିସର ଖୁରସିଦାର ବେଗମ, ଏସିଇ କମ୍ପ୍ୟୁଟର ଏକାଡେମୀ ନିର୍ଦ୍ଦେଶକ ରାଜେଶ କୁମାର ଶର୍ମା, ଅରୁଣୋଦୟ ଅନୁଷ୍ଠାନ ର ସମ୍ପାଦକ ମନୋଜ କୁମାର ସାହୁ, କ୍ଷେତ୍ର ପରିଦର୍ଶିକା ରୋଜାଲିନ ପ୍ରଧାନ, ରୋପ ଅଧକ୍ଷା ଆରତୀ ନାୟକ ପ୍ରମୁଖ ଯୋଗ ଦେଇ ଫଳ ଗଛ ରୋପଣ କରିବା ସହ ଉଦବୋଧନ ଦେଇଥିଲେ । ଉପସ୍ଥିତ ଅତିଥିଗଣ ଜଙ୍ଗଲ ଆଇନ ସମ୍ବନ୍ଧରେ ବିସ୍ତୃତ ବିବରଣୀ ଦେଇଥିଲେ ଏହା ସହିତ ପ୍ଲାଷ୍ଟିକରୁ ପ୍ରଦୂଷଣ ମୁକ୍ତ ନିମନ୍ତେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଅରୁଣୋଦୟ ବିଦ୍ୟାଳୟ ର ଶିଶୁ ଏବଂ ଶିଶୁ ସଂଘର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ ଏହା ସହିତ ସ୍ୱେଚ୍ଛାସେବୀ ମାମୁନି ହାତୀ, ସୀମା ସାହୁ, ବୈଶାଳୀ କିସାନ,ରୋପ କର୍ମକର୍ତ୍ତା ବିମଳ ମେହେର , ତୃପ୍ତିମୟୀ




ଦାସ, ଭୂମିଶ୍ୱେତା ଧୁରୁଆ, ଚୁମକି ବାଘ ବନ ବିଭାଗ ଓ କୁଚିଣ୍ଡା ତହସିଲ କର୍ମକର୍ତ୍ତା ପ୍ରମୁଖ ସହଯୋଗ କରିଥିଲେ ।

# ପାନୀୟ ଜଳ ସମସ୍ୟାକୁ ନେଇ ଜାତୀୟ ରାଜପଥ ୩୨୬ ଅବରୋଧ

ରାୟଗଡା,୫।୬(ଆନିସ): ଦୀର୍ଘ ଦିନ ହେଲା ପାନୀୟ ଜଳ ସମସ୍ୟା ସମାଧାନ ହେଉ ନଥିବାରୁ ଆଜି ସକାଳୁ କୋରାପୁଟ ରାୟଗଡା ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ସ୍ଥିତ କୁମ୍ଭିକୋଟା ଗ୍ରାମ ଠାରେ ଗ୍ରାମବାସୀ ମାନେ ରାସ୍ତା ଅବରୋଧ କରିଛନ୍ତି ପାନୀୟ ଜଳ ସମସ୍ୟାକୁ ନେଇ ରାୟଗଡା ଜିଲ୍ଲା ସଦର ବ୍ଲକ? କୁମ୍ଭିକୋଟା ଗାଁରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପିଇବା ପାଣି ଯୋଗାଣ ଦାବିରେ ଶତାଧିକ ଗ୍ରାମବାସୀ କୋରାପୁଟ-ରାୟଗଡ଼ା ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଫଳରେ ଉଭୟ ପାର୍ଶ୍ୱରେ ଅନେକ



ଯାନବାହାନ ଅଟକି ରହିଛି। ଦୀର୍ଘଦିନ ଧରି ଜଳ ସଙ୍କଟ ଲାଗି ରହିଥିବା ବେଳେ ପ୍ରଶାସନକୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମାଧାନ ହୋଇନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଘଟଣାସ୍ଥଳରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ଆଲୋଚନା ଆରମ୍ଭ କରିଛନ୍ତି। ରାୟଗଡ଼ା ଜିଲ୍ଲା ସଦର ବ୍ଲକ? କୁମ୍ଭିକୋଟା ଗାଁରେ ପାନୀୟ ଜଳ ସମସ୍ୟା ଉଗ୍ର ରୂପ ନେଇଛି। ଶତାଧିକ ଗ୍ରାମବାସୀ ଗରା ଓ ବାଲ୍ଟି ଧରି କୋରାପୁଟ-ରାୟଗଡ଼ା ୩୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଦୀର୍ଘଦିନ ଧରି ଗାଁରେ ପାନୀୟ ଜଳ ସଙ୍କଟ ଲାଗି ରହିଛି। ସମସ୍ୟା ସମାଧାନ ପାଇଁ ପ୍ରଶାସନ ନିକଟରେ ଅନେକ ଥର ଅଭିଯୋଗ କରାଯାଇଥିଲେ ମଧ କୌଣସି ସ୍ଥାୟୀ ବ୍ୟବସ୍ଥା ହୋଇନାହିଁ। ପାଣି ଯୋଗାଣ ନହେଲେ ରାସ୍ତାରୁ ହଟିବେ ନାହିଁ ବୋଲି ଆନ୍ଦୋଳନକାରୀମାନେ ଜିଦ୍? ଧରି ବସିଛନ୍ତି।ଘଟଣାକୁ ନେଇ ରାୟଗଡ଼ା ଉପଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା କହିଛନ୍ତି ଯେ ସେହି ଅଞ୍ଚଳରେ ପାନୀୟ ଜଳ ସମସ୍ୟା ରହିଛି ଏବଂ ଖୁବ ଶୀଘ୍ର ସମସ୍ୟାର ସମାଧାନ କରାଯିବ। ବର୍ତ୍ତମାନ ରାୟଗଡ଼ା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।ଘଟଣା ସ୍ଥଳରେ କୁମ୍ଭିକୋଟା ଫାଣ୍ଡି ପୁଲିସ ଓ ରାୟଗଡା ପୁଲିସ ଉପସ୍ଥିତ ରହି ଆଲୋଚନା କରୁଛନ୍ତି ପ୍ରାୟ ୧ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ହୋଇଛି କୋରାପୁଟ ଓ ରାୟଗଡା ଏବଂ କାଶୀପୁର ଅଞ୍ଚଳକୁ ଯାତାୟାତ ବାଧା ପ୍ରାପ୍ତ ହୋଇଛି ବାରମ୍ବାର ବିଜୁଳି କାଟ ସମସ୍ୟା ହେଉଥିବା ମଧ ଗ୍ରାମବାସୀ ଅଭିଯୋଗ କରିଛନ୍ତି

# ସମିତି ବୈଠକରେ ଉଦବେଗ ପ୍ରକାଶ କଲେ ସରପଞ୍ଚ

ବୀରମହାରାଜପୁର,୫।୬ (ଆନିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଆଜି ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହାଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ସମିତି ବୈଠକରେ ସରପଞ୍ଚ ଶ୍ରୀୟା କର୍ମୀ ଉତ୍ପଲ୍ଲା ଗ୍ରାମ ପଂଚାୟତ ସମସ୍ତ ଗ୍ରାମ ବୀରମହାରାଜ ପୁର ପାରିବର୍ତ୍ତିତ ବିଜ୍ଞାପିତ ଅଂଚଳ ପରିଷଦ ରେ ସାମିଲ ହେବା ପରେ ହୋଇଥିବା ଅଚଳବସ୍ଥା ପଂଚାୟତ ବାସୀଙ୍କ ତ୍ରିଶଙ୍କୁ ଅବସ୍ଥା ଓ କଲ୍ୟାଣ କାରି ଯୋଜନା ଏବଂ ଉନ୍ନୟନ ପ୍ରକ୍ରିୟାରୁ ବାଦ ପଡ଼ିଥିବା ପଂଚାୟତବାସୀଙ୍କ ସମସ୍ୟା ସମାଧାନ ପାଇଁ ଉପସ୍ଥିତ ଅଧକ୍ଷା, ଉପାଧକ୍ଷ ନାରାୟଣ ଲୁହା, ମାନ୍ୟବର ବିଧାୟକ ଇଂ ରଘୁନାଥ ଜଗଦଳ, ସାଂସଦ ପ୍ରତିନିଧି, ଜିଲ୍ଲା ପରିଷଦ ସଭ୍ୟ ଓ ସରକାରୀ ସଭ୍ୟ ଙ୍କୁ ଅଶ୍ରୁ ସମାଧାନ କରିବାକୁ ସହଯୋଗ କାମନା କରିଥିଲେ ।



ଚଳିତ ଆର୍ଥିକ ବର୍ଷ ପ୍ରାରମ୍ଭରୁ ବାର୍ଦ୍ଧକ୍ୟ, ଭିନ୍ନକ୍ଷମ, ବିଧବା, ଅସହାୟ ଭତ୍ତା ଧିକାରୀ ନିଜ ଗା ରେ ଭତ୍ତା ପ୍ରଦାନ ରୁ ବଂଚିତ ହୋଇ ପ୍ରବଳ ଗ୍ରୀଷ୍ମ ରେ ଗ୍ରାମ ପଂଚାୟତ ଅଫିସକୁ ଆସି ହଇରାଣ ହେଉଥିବା, ଅନ୍ତୋଦୟ ଗୃହ ଯୋଜନାରୁ ବଂଚିତ ହେବା, ହରିଶ୍ଚନ୍ଦ୍ର ସହାୟତା ରାଶି ନ ପାଇବା, ଜଳକ୍ଳିଷ୍ଟ ଗାଁକୁ ଟ୍ୟାଙ୍କରରେ ପିଇବା ଜଳଯୋଗାଣ ନ ହେବା, ଗ୍ରାମ ପଂଚାୟତ ସମସ୍ତ ଯାତ୍ରୀ ବିଶ୍ରାମ ସ୍ଥଳୀ ଓ ଜନ ସମାଗମ ସ୍ଥଳରେ ଜଳଛତ୍ର ନ ଖୋଲିବା, ପି ଡି ଏସ ସାମଗ୍ରୀ ଉଠାଣ, ଖାଉଟି କଲ୍ୟାଣ ପାଣି ଉପଯୋଗ ନ ହେବା, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ସାମୁହିକ ଓ ବ୍ୟକ୍ତିଗତ ଅଭୋବାୟ, ଗାଈ ଗୁହାଳ, ଛେଳି ଗୁହାଳ, ସେଚ କୁଆଁ ପ୍ରକଳ୍ପ କାର୍ଯ୍ୟ କରିବାରେ ଅଚଳବସ୍ଥା ଦେଖା ଯାଉଥିବା ଓ ତାର ସମାଧାନ କରି ସାଧାରଣ ଜନତାଙ୍କ ସ୍ୱାର୍ଥ ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରି ଜଣକଲ୍ୟାଣ କାରି ରାଷ୍ଟ୍ରର ସାଧାରଣ ଜନତାର ସାମ୍ବିଧାନିକ ସୁରକ୍ଷା ନେଇ ସମିତି ସଭାଗୃହରେ ଉଦବେଗ ପ୍ରକାଶ କରିଥିଲେ । ସମିତି ବୈଠକରେ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ବିଧାୟକ, ସାଂସଦ ପ୍ରତିନିଧି, ସମସ୍ତ ସରକାରୀ ଅଧିକାରୀ ଯୋଗ ଦେଇଥିଲେ ।

# ପିତୃମାତୃହୀନ ଏବଂ ଏକକ ଅଭିଭାବକ ଶିଶୁଙ୍କ ଉପଯୁକ୍ତ ଥଇଥାନ ନିମନ୍ତେ କୋରାପୁଟ ଜିଲ୍ଲା ପ୍ରଶାସନର ସ୍ୱତନ୍ତ୍ର କ୍ୟାମ୍ପ

ଜୟପୁର,୫।୬ (ଆନିସ): କୋରାପୁଟ ଜିଲ୍ଲାପାଳ ଶ୍ରୀ ମନୋଜ ସତ୍ୟବାନ ମହାଜନଙ୍କ ତତ୍ତ୍ୱାବଧାନରେ ଆଜି ଜୟପୁର ବ୍ଲକର ଉପଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ର ପିତୃମାତୃହୀନ ଏବଂ ଏକକ ଅଭିଭାବକ ଶିଶୁଙ୍କ ଉପଯୁକ୍ତ ଥଇଥାନ ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପର ଆୟୋଜନ କରାଯାଇଥିଲା ଉକ୍ତ କ୍ୟାମ୍ପରେ ମୋଟ ୨୩୮ ଜଣ ସୁରକ୍ଷା ଏବଂ ଯତ୍ନ ଆବଶ୍ୟକ କରୁଥିବା ଶିଶୁଙ୍କୁ ଜିଲ୍ଲା ଶିଶୁ ମଙ୍ଗଳ ସମିତି ନିକଟରେ ଉପସ୍ଥାପନା କରାଯାଇଥିଲା। ଶିଶୁମଙ୍ଗଳ ସମିତିର ତଦନ୍ତ ସମାପ୍ତ ପରେ ସେହି ଶିଶୁମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣ ମୂଳକ ଯୋଜନାରେ ସାମିଲ କରାଯାଇ ସମାଜର ମୁଖ୍ୟ ସ୍ରୋତ ରେ ସାମିଲ କରି ସେମାନଙ୍କ ସର୍ବାଙ୍ଗୀନ ବିକାଶକୁ ସୁନିଶ୍ଚିତ କରାଯିବ କୋରାପୁଟ ଜିଲ୍ଲା ମହିଳା ଓ ଶିଶୁ ବିକାଶ ବିଭାଗ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ,କୋରାପୁଟ,ଜୟପୁର ଏବଂ



ଜୟପୁର ସବ ଡିଜନ ଏବଂ ବ୍ଲକ ପ୍ରଶାସନ ର ମିଳିତ ଆନୁକୂଲ୍ୟରେ ଉକ୍ତ କ୍ୟାମ୍ପର ଆୟୋଜନ କରାଯାଇଥିଲା, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଏବଂ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ରହି ଶିଶୁ ମାନଙ୍କ ଉପସ୍ଥାପନା ନେଇଥିଲେ ଜିଲ୍ଲାଶିଶୁ ସୁରକ୍ଷା ୟୁନିଟର ସମସ୍ତ କର୍ମକର୍ତ୍ତା, ଉତ୍କଳ ବାଳାଶ୍ରମ ର ସୁପେରିଣ୍ଟେଣ୍ଡେଣ୍ଟ, ଶୋଭା ଏନଜିଓ ର କର୍ମକର୍ତ୍ତା, ଚିଲରେନ ହେଲ୍ପ ଲାଇନ ର କର୍ମକର୍ତ୍ତା। ଏବଂ ଅଙ୍ଗନବାଡି କର୍ମୀ ଉକ୍ତ କାର୍ଯ୍ୟକ୍ରମକୁ ପରି ଚାଳନରେ ସହାୟକ କରିଥିଲେ,ଏହି ସ୍ୱତନ୍ତ୍ର କ୍ୟାମ୍ପ ଗୁଡିକ କୋରାପୁଟ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଜିଲ୍ଲାପାଳଙ୍କ ନିର୍ଦ୍ଧାରିତ କାର୍ଯ୍ୟସୂଚି ଅନୁସାରେ ବ୍ଲକ ର ସିଡିପିଓ, ବିଡିଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହେବ ଏବଂ ଜିଲ୍ଲା ଶିଶୁ ମଙ୍ଗଳ ସମିତି ଉକ୍ତ କ୍ୟାମ୍ପଗୁଡିକରେ ଉପସ୍ଥିତ ରହି ତଦନ୍ତ ମାଧ୍ୟମରେ ଶିଶୁମାନଙ୍କ ଉପଯୁକ୍ତ ଥଇଥାନ ପାଇଁ ସହଯୋଗ କରିବେ ପ୍ରଥମ ପର୍ଯ୍ୟାୟରେ ଉକ୍ତ କ୍ୟାମ୍ପ ଗୁଡିକ ୧୨.୦୫.୨୬ ରୁ ୩୧.୦୭.୨୦୨୬ ପର୍ଯ୍ୟନ୍ତ ଚାଲିବ ।

# ବିଳମ୍ବିତ ରାତ୍ରିରେ ଛୁରାମାଡ

ରାୟଗଡା,୫।୬(ଆନିସ ) ବିଳମ୍ବିତ ରାତିରେ ଟାଇଲ କଟିଙ୍ଗ ମେସିନକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ବଚସା ହୋଇ ଜଣଙ୍କୁ ଛୁରା ମାଡ ହୋଇଛି ଛୁରା ମାଡ ପରେ ଗୁରୁତର ଅବସ୍ଥାରେ ରାୟଗଡା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଛି ଗୁରୁତର ହୋଇଥିବା ଯୁବକ ଜଣକ ହେଲେ ବିହାର ରାଜ୍ୟର ଏମ ଡି ସରଫରାଜ ସୂଚନାରୁ ଜଣାପଡିଛି ରାୟଗଡା କସ୍ତୁରୀ ନଗର ଅଞ୍ଚଳରେ ବିହାରରାଜ୍ୟର ବେଲା ଅଞ୍ଚଳର କିଛି ଯୁବକ ସହରରେ ରହି ଟାଇଲ କାମ କରୁଥିଲେ ସରଫରାଜଙ୍କ ପରେ ଖାଶୀ ଏମ ଡି ସୟଦ ତାଙ୍କ ଠାରୁ ଟାଇଲ କଟିଙ୍ଗ ମେସିନ ନେଇ ଫେରାଉ ନଥିଲେ ଉକ୍ତ ଘଟଣାକୁ ନେଇ ସରଫରାଜ ଓ ସୟଦ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା ଏବଂ ସୟଦ ଛୁରୀ ରେ ଶରୀର ର ବିଭିନ୍ନ ସ୍ଥାନରେ ଭୁସି ଦେଇଥିଲେ ଗୁରୁତର ଅବସ୍ଥାରେ ସରଫରାଜ ଙ୍କ ସହଯୋଗୀ ଚିକିତ୍ସା ପାଇଁ ଡି ଏଚ ଏଚ ଆଣିଥିଲେ ଏନେଇ ରାୟଗଡା ଥାନାରେ ସୂଚନା ଦେବା ପରେ ରାୟଗଡା ଟାଉନ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ଏଠାରେ ସୂଚନା ଯୋଗ୍ୟ ଯେ ରାୟଗଡା ସହର ଅଂଚଳରେ ଜଣେ ଠିକାଦାର ବିହାରୀ ଯୁବକଙ୍କୁ ଆଣି ଟାଇଲ କାମ କରାଉଛନ୍ତି

# ପ୍ରସିଦ୍ଧ ପାରଳାଖେମୁଣ୍ଡି ରଥଯାତ୍ରା ପାଇଁ ୩ ରଥ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ

ପାରଳାଖେମୁଣ୍ଡି,୫।୬ (ଆନିସ): ଦକ୍ଷିଣ ଓଡ଼ିଶା ତଥା ଆନ୍ଧ୍ର ସୀମାନ୍ତ ପାରଳାଖେମୁଣ୍ଡି ରଥଯାତ୍ରା ଅତ୍ୟନ୍ତ ପ୍ରସିଦ୍ଧ ଓ ଲୋକପ୍ରିୟ ଅଟେ. ଜୁଲାଇ୧୬ରେ ହେବାକୁ ଥିବା ଦକ୍ଷିଣର ଶ୍ରୀକ୍ଷେତ୍ର ପାରଳାଖେମୁଣ୍ଡି ରଥଯାତ୍ରା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି. ଗତବର୍ଷ ଭଳି ଚଳିତ ବର୍ଷ ମଧ ତିନି ରଥ ନିର୍ମାଣ ପାଇଁ ପାରଳାଖେମୁଣ୍ଡି ଯୁବରାଣୀ ସୁଶ୍ରୀ କଲ୍ୟାଣି ଗଜପତିଙ୍କ ଆଗ୍ରହ କ୍ରମେ ସାଜସଜା ତଥା ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ଷ୍ଟୋରରୁମରୁ ତିନି ରଥର କାଠକୁ ଅଣାଯାଇ ରଥ ନିର୍ମାଣ ପାଇଁ ପ୍ରସ୍ତୁତି ଚାଲିଛି. ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଜଗନ୍ନାଥଙ୍କ ତିନି ରଥର କାଠ ଗୁଡିକୁ ବାହାର କରି ପୃଥକ ପୃଥକ ଭାବେ ନିରୀକ୍ଷଣ କରାଯାଇ ସଜା ଯାଉଛି ରଥ ନିର୍ମାଣ କମିଟିର ଉପାଧକ୍ଷ ତଥା ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ରଥ ନିର୍ମାଣର ମୁଖ୍ୟ ଅଶୋକ ମହାରାଣା ଏବଂ ତାଙ୍କ ଟିମ୍? ଦ୍ୱାରା ରଥ ନିର୍ମାଣ କାମ ଆରମ୍ଭ ପାଇଁ ଗତବର୍ଷର ତିନି ରଥର ବିଭିନ୍ନ ଅଂଶ ଗୁଡିକୁ ଅନୁଧ୍ୟାନ ସହ ନିରୀକ୍ଷଣ କରାଯାଉଛି ଆଗାମୀ ଦେବସ୍ନାନ ପୂର୍ଣିମା ଠାରୁ ୩ ରଥର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସୂଚନା ମିଳିଛି.

## ପଥ ପ୍ରାନ୍ତ ନାଟକ ପାଲା ଓ ଦାସକାଠିଆ ମାଧ୍ୟମରେ ଗଜପତି ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,୫।୬ (ଆନିସ): ଗଜପତି ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା କାର୍ଯ୍ୟକ୍ରମ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଛି । ଏହି ଅବସରରେ ଆଜି ସକାଳେ ପାରଳାଖେମୁଣ୍ଡି ସଦର ମହକୁମା ରାଜନଗର ନିକଟରେ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ପାଲା ନାଟକ ମାଧ୍ୟମରେ ସଚେତନତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ ମୁନୀଦ୍ର ହୋନନାଗା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା, ଡେପୁଟି କଲେକ୍ଟର ସୁଚିସ୍ମିତା ମାଝୀ, ପାରଳା ପୌର ପରିଷଦ ନିର୍ବାହୀ ଅଧିକାରୀ ଲକ୍ଷ୍ମଣ କୁମାର ମୁର୍ମୁ, ସହକାରୀ ଜିଲ୍ଲାପାଳ ମନୋଜ କୁମାର ପଟ୍ଟନାୟକ, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ ଉପସ୍ଥିତିରେ ସ୍ଥାନୀୟ କଳାକାର ହରେକୃଷ୍ଣ ବିଶ୍ୱାଳ ଓ ତାଙ୍କ ସହଯୋଗୀଙ୍କ ମାଧ୍ୟମରେ ଦାସକାଠିଆ ନାଟକ ମାଧ୍ୟମରେ ସ୍ୱତନ୍ତ୍ର ସଘ ସଂଶୋଧନ ଉପରେ ସଚେତନତା କରାଯାଇଛି।

# ବିଶ୍ୱ ପରିବେଶ ଦିବସ ପାଳିତ

ଜୟପୁର,୫।୬ (ଆନିସ): ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ଏବଂ ବିଭାଗୀୟ ବନ ଅଧିକାରୀ, ଜୟପୁର ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜୟପୁର ମିଳିତ ଆନୁକୂଲ୍ୟରେ ଶ୍ରୀ ପ୍ରଦୀପ କୁମାର ମହନ୍ତ ଜିଲ୍ଲା ଜଜ୍ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ଙ୍କ ତତ୍ତ୍ୱବଦାନ ରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜୟପୁର ପରିସରରେ ବିଶ୍ୱ ପରିବେଶ ଦିବସ ଅବସରରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯାଇଥିଲା ତା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ସଭାଗୃହ ଠାରେ ସଚେତନତା ଶିବିର କରାଯାଇଥିଲା ଏହାର ମୁଖ୍ୟ ବିଷୟ ଥିଲା ବନ୍ୟ ପ୍ରାଣୀ ସୁରକ୍ଷା ଆଇନ ଏବଂ ପରିବେଶ ସୁରକ୍ଷା ଆଇନ ଉପରେ ଆଇନଗତ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ଏହି କାର୍ଯ୍ୟକ୍ରମ ଯୋଗ ଦେଇଥିବା ଅତିଥି ମଧ୍ୟରେ ଶ୍ରୀମତୀ ଅଲୋକାନନ୍ଦ ମହାନ୍ତି ସିଭିଲ ଜଜ୍ ସିନିୟର ଡିଭିଜନ ତଥା ମହିଳା କୋର୍ଟ ବିଚାରପତି ତଥା ଭାରପ୍ରାପ୍ତ ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର, ଶ୍ରୀ ହରମୋହନ ଦାଶ, ପ୍ରଥମ ଶ୍ରେଣୀ ବିଚାରବିଭାଗିୟ ଦଣ୍ଡାଧିକାରୀ, ଜୟପୁର, ପ୍ରଶାନ୍ତ ପଟେଲ, ଜିଲ୍ଲା ବନ ବିଭାଗିୟ ଅଧିକାରୀ,ଜୟପୁର ଡ.ଅମିତ ପ୍ରକାଶ ନାୟକ ସହକାରୀ ବନ ଅଧିକାରୀ ଜୟପୁର, ଡ.ଅକ୍ଷୟ କୁମାର ରଥ ଜିଲ୍ଲା ଚିକିତ୍ସା ଅଧିକାରୀ ତଥା ଅଧୀକ୍ଷକ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା ଜୟପୁର, ଡ.ଦୁର୍ଗା ପ୍ରସାଦ ପାତ୍ର, ରୂପଶ୍ରୀ ମଧୁସ୍ମିତା ନାୟକ, ତଥାଗତ ଦାଶ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଚାଳକ ଏବଂ



ଡାକ୍ତରଖାନା କର୍ମଚାରୀ ବୃନ୍ଦ, ସହିତ ପ୍ରମୋଦ କୁମାର ଦାଶ ଚିଫ ଲିଗାଲ ଡିଫେନ୍ସ କାଉନସିଲର, ହିରଣ ଚନ୍ଦ୍ର ମୁଦୁଲି ଡେପୁଟି ଲିଗାଲ ଡିଫେନ୍ସ କାଉନସିଲ, ଉଦିତ ନାରାୟଣ ପ୍ରଧାନ ଆସିଷ୍ଟାଣ୍ଟ ଲିଗାଲ ଡିଫେନ୍ସ କାଉନସେଲର, ବି.କେ.ଆର. ଜେନା ଦେଓ ସଭାପତି ଓକିଲ ବାର ଆସସେସନ, ଜୟପୁର ସହଦେବ ପଟ୍ଟନାୟକ, ସେକ୍ରେଟାରୀ ଓକିଲ ବାର ଆସସେସନ ଜୟପୁର, ଦେବେନ୍ଦ୍ର ମାଝି, ଡେପୁଟି ରେଞ୍ଜ ଫରେଷ୍ଟ ଅଫିସର ଏବଂ ସହକାରୀ ବନ ସଂରକ୍ଷକ ଉପଖଣ୍ଡ ବନ ବିଭାଗୀୟ ଜୟପୁର କର୍ମକର୍ତ୍ତା, ଜୟପୁର ଜିଲ୍ଲା ଆଇନସେବା ପ୍ରାଧିକରଣ, କର୍ମକର୍ତ୍ତା ଏବଂ ବିକ୍ରମଦେବ ୟୁନିଭରସିଟି ଛାତ୍ରଛାତ୍ରୀ , ପାରା ଲିଗାଲ ସ୍ବାଚ୍ଛାସେବୀ ସମନାଥ ମହାନ୍ତି, ଆଇନ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିରେ ବାୟୁ ପ୍ରଦୂଷଣ, ଅଧିକ ମାତ୍ରା ପ୍ଲାଷ୍ଟିକ ବ୍ୟବହାର ଅତ୍ୟଧିକ ଜନସଂଖ୍ୟା, ବିଶ୍ୱ ଉଷ୍ମତା, ସ୍ଥାୟୀ ବିକାଶ ଏବଂ ବନ୍ୟପ୍ରାଣୀ ଅପରାଧ ଭଳି ପରିବେଶଗତ ସମସ୍ୟା ଉପରେ ସଚେତନତା କରାଯାଇଥିଲା।

# ବନ ବିଭାଗ ତରଫରୁ ପର୍ବତ ଆରୋହଣ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୫।୬ (ଆନିସ): ବିଶ୍ୱ ପରିବେଶ ଦିବସ ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଚିତ୍ରକୋଣ୍ଡା ବନ ବିଭାଗ ସୌଜନ୍ୟ ରେ ପର୍ବତ ଆରୋହଣ କାର୍ଯ୍ୟକ୍ରମ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଏହି କାର୍ଯ୍ୟକ୍ରମ ରେ ପ୍ରଥମେ ଚିତ୍ରକୋଣ୍ଡା ମେଗାଜନ ଗ୍ରାମ ନିକଟରୁ ଦୋରାଘାଟ ଦେଇ ଆଲାମପକା ପର୍ଯ୍ୟନ୍ତ ପର୍ବତ ଆରୋହଣ ର ଶୁଭାରମ୍ଭ କରାଯାଇଥିଲା । ସେଠାରେ ସମସ୍ତ ଉପସ୍ଥିତ ଅଧିକାରୀ ପର୍ବତ ଆରୋହଣ ର ଅନୁଭୂତି ନେଇଥିଲେ । ଏହା ପରେ ଚିତ୍ରକୋଣ୍ଡା ଆରଙ୍ଗି ଘାଟ ନିକଟରେ ଥିବା ଏକ ବିଶାଳ ଉଦ୍ୟାନ ନକ୍ଷତ୍ର ବଣ ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେଠାରେ ଉପସ୍ଥିତ ସମସ୍ତ ଅଧିକାରୀ ସମେତ, ବିଭିନ୍ନ ବନାଞ୍ଚଳ ରୁ ଆସିଥିବା କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧିମାନେ, ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷ ସମସ୍ତେ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ମାଲକାନଗିରି ଜିଲ୍ଲାପାଳ




ପ୍ରଥମେଶ ରାଜସିକ୍ରେ, ଏସ ପି ଶ୍ରୀ ବିନୋଦ ପାଟିଲ, ଏ ଡି ଏଫ ଓ ଉମା ମହେଶ୍ୱର, ଏ ସି ଏଫ ପ୍ରିୟଙ୍କା ମୋକା ପ୍ରମୁଖ ଯୋଗ ଦେଇଥିଲେ । ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକ ତତ୍ତ୍ୱାବଧାନରେ ବନପାଳ ନିରଞ୍ଜନ ସାରକା, କାଲିମେଳା ବନପାଳ ମୃତ୍ୟୁଞ୍ଜୟ ସେଠୀ ସହଯୋଗ କ୍ରମେ କାର୍ଯ୍ୟକ୍ରମଟି ସଫଳ ହୋଇଛି ।

# ଆମ୍ବୁଲାନ୍ସ ନ ମିଳିବାରୁ ଦୁର୍ଘଟଣାଗ୍ରସ୍ତ ଯୁବକ ମୃତ୍ୟୁ

ରାୟଗଡା,(ଆନିସ) ଜଣେ ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଆମ୍ବୁଲାନ୍ସ ସେବା ନ ମିଳିବାରୁ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଅଭିଯୋଗ କରିଛନ୍ତି ମୃତ୍ୟୁ ବରଣ କରିଥିବା ଯୁବକ ଜଣଙ୍କ ହେଲେ କଲ୍ୟାଣସିଂହପୁର ବ୍ଲକ ଭାଲୁମାସ୍କା ଅଂଚଳର ଅରୁଣ ପ୍ରାସ୍କ ସେ ଜଣେ ସାଙ୍ଗର ଜନ୍ମଦିନ ପାଳନ ପାଇଁ ରାୟଗଡା ଅସିଥିଲେ ଘରକୁ ଫେରିବା ସମୟରେ କୌଣସି କାରଣ ବଶତଃ ଦୁର୍ଘଟଣାର ଶିକାର ହୋଇଥିଲେ ଅରୁଣ ସୂଚନାରୁ ଜଣାପଡିଛି ଗତକାଲି ବିଳମ୍ବିତ ରାତ୍ରିରେ ରାୟଗଡା ସହର ସ୍ଥିତ ରୟତ କଲୋନୀ ନିକଟରେ ବାଇକ ଦୁର୍ଘଟଣା ଘଟି ଜଣେ ଯୁବକ ଗୁରୁତର ଅବସ୍ଥାରେ ପଡ଼ିଥିଲେ ତାଙ୍କୁ ସ୍ଥାନୀୟ ଲୋକ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ ଖବର ପାଇ ପରିବାର ଲୋକ ଡି ଏଚ ଏଚ ରେ ପହଂଚିଥିଲେ ଅରୁଣ ପ୍ରାଥମିକ ଚିକତ୍ସା ପରେ ଡାକ୍ତର ବ୍ରହ୍ମପୁର ସ୍ଥାନାନ୍ତର ପାଇଁ କହିଥିଲେ କିନ୍ତୁ ରାତିରେ ଅରୁଣ ର ସମ୍ପର୍କୀୟ ୧୦୮ ଆମ୍ବୁଲାନ୍ସ ନ ପାଇ ଆମ୍ବୁଲାନ୍ସ ଯୋଗାଇବା ପାଇଁ ହସପିଟାଲ ମ୍ୟାନେଜର କୁ ଯୋଗାଯୋଗ କରିଥିଲେ କିନ୍ତୁ ହସପିଟାଲ ମ୍ୟାନେଜର କୌଣସି ସହଯୋଗ କରି ନଥିଲେ ଆମ୍ବୁଲାନ୍ସ ନ ମିଳିବା ଓ ଚିକିତ୍ସାରେ ଅବହେଳା ଯୋଗୁଁ ଅରୁଣ ର ମୃତ୍ୟୁ ଘଟିଲା ବୋଲି ସମ୍ପର୍କୀୟ ମହେଶ୍ୱର କୁଣ୍ଡୁ ଅଭିଯୋଗ କରିଛନ୍ତି ଏନେଇ ମେଡିକାଲ କର୍ତ୍ତୃପକ୍ଷ ଙ୍କ ପ୍ରତିକ୍ରିୟା ମିଳି ପାରିନି ସେହିପରି ଅନ୍ୟ ଏକ ଦୁର୍ଘଟଣାରେ ଅଜଣା ଯୁବକଙ୍କ ରକ୍ତ ଜୁଡୁବୁଡୁ ଶରୀର ସ୍ଥାନୀୟ ସାଇପ୍ରିୟା ନଗର ନିକଟ ଜାତୀୟ ରାଜପଥ ନିଜଟରେ ମିଳିଥିଲା ତାଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ଜଣେ ଯୁବକ ଦେବଦତ୍ତ ପାତ୍ର ଉଦ୍ଧାରକରି ରାୟଗଡା ଡି ଏଚ ଏଚ କୁ ଆଣିଥିଲେ ତାଙ୍କୁ କୋରାପୁଟ ଏସ ଏଲ ଏନ କଲେଜ ଓ ହସପିଟାଲ କୁ ସ୍ଥାନାନ୍ତର କରାଯାଇଛି

# ଆୟୁଷ୍ମାନ କାର୍ଡରେ ଚିକିତ୍ସା କରାଇଦେବା ନାଁରେ ଟଙ୍କା ଲୁଟୁ ଅଭିଯୋଗ

ବୈପାରିଗୁଡା, ୫।୬ (ଆନିସ): ମାଗଣାରେ ଚିକିତ୍ସା କରାଇଦେବା ନାଁରେ ଆୟୁଷ୍ମାନ କାର୍ଡରୁ ହଜାର ହଜାର ଟଙ୍କା ଲୁଟ୍ କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି ରୋଗୀ। ଅଭିଯୋଗ ଅନୁଯାୟୀ, ଜଣେ ଅଜଣା ବ୍ୟକ୍ତି ବୈପାରିଗୁଡା ବ୍ଲକ ସଦର ପଞ୍ଚାୟତ ଲକ୍ଷ୍ମୀପୁର ମାଳିଗୁଡାରେ ପହଞ୍ଚି ଗ୍ରାମରେ କାହାର ଦେହ ଖରାପ ଅଛି ସେମାନଙ୍କୁ ମାଗଣାରେ ଚିକିତ୍ସା ସହ ଅସ୍ତ୍ରୋପଚାର କରାଯିବ ଏବଂ ଡାକ୍ତରଖାନା ପର୍ଯ୍ୟନ୍ତ ଯିବା ଆସିବା ଖର୍ଚ୍ଚ ମଧ ବହନ କରାଯିବ ବୋଲି କହିଥିଲା। ବ୍ୟକ୍ତିଙ୍କ କଥାରେ ବିଶ୍ୱାସ କରି ଲକ୍ଷ୍ମୀପୁର ମାଳିଗୁଡାର ଲମ୍ବୋଦର ମାଳିଙ୍କ ସମେତ ଲକ୍ଷ୍ମୀପୁର ମାଳିଗୁଡାର ଏଗାର ଜଣ ବିଭିନ୍ନ ରୋଗରେ ଆକ୍ରାନ୍ତ ରୋଗୀ ଚିକିତ୍ସା ହେବା ପାଇଁ ରାଜି ହୋଇଥିଲେ। ଗତମାସ ୨୩ ତାରିଖ ଦିନ ଉକ୍ତ ଅଜଣା ବ୍ୟକ୍ତି ଲକ୍ଷ୍ମୀପୁର ମାଳିଗୁଡାର ଏଗାର ଜଣ ରୋଗୀଙ୍କୁ ଛତିଶଗଡ଼ର ଏକ ଅଜଣା ମେଡ଼ିକାଲରେ ଭର୍ତ୍ତି କରିଥିଲେ। ୨୪ ତାରିଖରେ ସମସ୍ତଙ୍କର ଅସ୍ତ୍ରୋପଚାର ହୋଇଥିଲା। ଏବଂ ୨୯ ତାରିଖ ଦିନ ସମସ୍ତଙ୍କୁ ଗାଁରେ ଆଣି ଛାଡ଼ି ଦେଇଥିଲା ଅଜଣା ବ୍ୟକ୍ତି। ଲମ୍ବୋଦର ମାଳିଙ୍କ ଅଣ୍ଟା ବ୍ୟଥା ଯୋଗୁଁ ତାଙ୍କ ଅଣ୍ଟାରେ ଅସ୍ତ୍ରୋପଚାର କରାଯାଇଥିଲା। ଗତକାଲି ଲମ୍ବୋଦର



ବୈପାରିଗୁଡା ଡାକ୍ତରଖାନାରେ ଡ୍ରେସିଂ ହେବାକୁ ଯିବାରୁ ଡାକ୍ତର ତାଙ୍କ ଅସ୍ତ୍ରୋପଚାର ହୋଇନଥିବା କହି କେବଳ ଚମଡ଼ା କଟାଯାଇ ସେଥିରେ ସିଲେଇ ହୋଇଥିବା କହିଥିଲେ। ଏବଂ ଆୟୁଷ୍ମାନ କାର୍ଡରୁ ୬୪ ହଜାର ଟଙ୍କା କଟିଥିବା ଜଣାପଡିଥିଲା। ସେହି କ୍ରମରେ ଲକ୍ଷ୍ମୀପୁର ମାଳିଗୁଡାର କୌଶଲ୍ୟା ମାଳି, ଦୟାନିଧି ମାଳି ଏବଂ ଧାନ ମୋତି ମାଳି ତିନି ଜଣଙ୍କର ମଧ ଅଣ୍ଟାରେ ଅସ୍ତ୍ରୋପଚାର କରାଯାଇଛି। କିନ୍ତୁ ଏହି ତିନି ଜଣ ହାତ ଗୋଡ଼ ବାନ୍ଧି ଏବଂ ଯନ୍ତ୍ରଣାର ଚିକିତ୍ସା ପାଇଁ ଯାଇଥିଲେ। ହେଲେ ଅସ୍ତ୍ରୋପଚାର ହୋଇଥିଲା ଅଣ୍ଟାରେ। ଲମ୍ବୋଦର ମାଳି ନିଜ ଆୟୁଷ୍ମାନ କାର୍ଡରୁ ଟଙ୍କା ଲୁଟୁ ହୋଇଥିବା ଜାଣିବା ପରେ ତାଙ୍କ ସହିତ ଚିକିତ୍ସିତ ହେବାକୁ ଯାଇଥିବା ସମସ୍ତଙ୍କର ଟଙ୍କା ଉକ୍ତ ଅଜଣା ଦଲାଲ୍ ବ୍ୟକ୍ତି ଲୁଟ୍ କରିଥିବା ସନ୍ଦେହ କରି ବୈପାରିଗୁଡା ଥାନାରେ ଏତଲା ଦେଇଛନ୍ତି।

# ଗଞ୍ଜାମ ମଣ୍ଡଳ ବିଜେପି ପକ୍ଷରୁ ବୃକ୍ଷରୋପଣ

ଗଞ୍ଜାମ,୫।୬ (ଆନିସ): ଆଜି ଗଞ୍ଜାମ ଏନଏସି ବିଜେପି ପକ୍ଷରୁ ମାଆଙ୍କ ନାମରେ ଗୋଟିଏ ଗଛ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି

ଯୁବ ମୋର୍ଚ୍ଚା ଓ କୃଷକ ମୋର୍ଚ୍ଚା ମିଳିତ ଆନୁକୂଲ୍ୟରେ ବଜାର ଗୌଡ଼ ସାହିରରେ ପ୍ରଥମ ପର୍ଯ୍ୟାୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଯୁବ ମୋର୍ଚ୍ଚା ସଭାପତି ସଭାପତି ଆଶୁତୋଷ ଦାଶ ଓ କୃଷକ ମୋର୍ଚ୍ଚା ସଭାପତି ସୁଶାନ୍ତ କୁମାର ତରାଇ ଙ୍କ ସଂଯୋଜନା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଏନଏସି ଅଧକ୍ଷାଙ୍କ ପ୍ରତିନିଧି ଇଂ. ବିନୋଦ କୁମାର ପାଢ଼ୀ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ ମଣ୍ଡଳ ସଭାପତି ଭଗବାନ ପ୍ରଧାନ, ବିଧାୟକ ପ୍ରତିନିଧି ରାନୁ ବୈଠାରୁ, ପୂର୍ବତନ ସଭାପତି କାନ୍ତାରି ଦଳାଇ, କାଉନସିଲର ଅରୁଣ କୁମାର ପଣ୍ଡା, ମୋହନ ରେଡ୍ଡୀ,ପୂର୍ବତନ କାଉନସିଲର ଦୁର୍ଗା ମାଧବ ପାଣିଗ୍ରାହୀ, ରଞ୍ଜନ କୁମାର ବେହେରା, ପ୍ରକାଶ ବାରିକ, ନିରଞ୍ଜନ ତରାଇ, ଅଭି ଗୌଡ଼, ମୋଚିଆ ଗୌଡ଼,ମଦନ ପାଢ଼ୀ,ଗଣେଶ ମହାରଣା,ମୁରଲୀ ଦାଶ,ରାମଦାଶ ରେଡ୍ଡୀ, ବେହେରା, ସୁନୀଲ ବେହେରା ଦୁର୍ଯ୍ୟୋଧନ ମହଙ୍କୁଡ,ରଞ୍ଜିତ ନାୟକ,କାହ୍ନୁ ନାୟକରୟାଲ ବେହେରା,ସଚିନ ପ୍ରଧାନ, ମାନସ ରାଉଳ,ସୁଶୀଲ ବେହେରା,ପ୍ରମୁଖ ଉପସ୍ଥିତ ଥିଲେ ଆଗାମୀ ଦିନରେ ପର୍ଯ୍ୟାୟ କ୍ରମେ ବୃକ୍ଷ ରୋପଣ କରାଯିବ ବୋଲି ଜଣାପଡିଛି ।

# ବୈପାରିଗୁଡା ବିଜୁଜନତା ଦଳ ତରଫରୁ ସାଙ୍ଗଠନିକ ବୈଠକ

## ଜିଲ୍ଲାପାଳଙ୍କୁ ବିଡ଼ିଓଙ୍କ ଦ୍ୱାରା ବିଭିନ୍ନ ଦାବିନେଇ ଦାବିପତ୍ର ପ୍ରଦାନ

ବୈପାରିଗୁଡା,୫।୬ (ଆନିସ): ଦୀର୍ଘ ଦିନର ନିରବତା ପରେ ବୈପାରିଗୁଡା ବିଜୁଜନତା ଦଳର ସାଙ୍ଗଠନିକ ବୈଠକ ଏବଂ ଜିଲ୍ଲାପାଳଙ୍କୁ ବିଡ଼ିଓଙ୍କ ଦ୍ୱାରା ବିଭିନ୍ନ ଦାବିନେଇ ଦାବିପତ୍ର ପ୍ରଦାନ କରାଯାଇଛି।ଆଜି ବୈପାରିଗୁଡା ଡ଼ାକ ବଙ୍ଗଳା ଠାରେ ବୈପାରିଗୁଡା ବିଜୁଜନତା ଦଳ ତରଫରୁ ୨୦ ଗୋଟି ପଞ୍ଚାୟତର ୧୦୦୦ ରୁ ଉର୍ଦ୍ଧ୍ୱ କର୍ମୀ ମାନଙ୍କୁ ନେଇ ଏକ ସଭାର ଆୟଜନ କରାଯାଇଥିଲା। ଉକ୍ତ ସଭାଟି ବିଜେଡ଼ି ବ୍ଲକ ସଭାପତି ମୋନଜ କୁମାର ମହାପାତ୍ରଙ୍କ ସଭାପତିତ୍ବରେ ସଭା ଅନୁଷ୍ଠିତ ହୋଇଥିଲା।ଏହି ସଭାରେ ଜିଲ୍ଲା ସଭାପତି ଝିନ ହିକକା, ପୁର୍ବତନ ବିଧାୟକ ରଘୁରାମ ପଡାଲ, ପୁର୍ବତନ ମନ୍ତ୍ରୀ ପଦ୍ମିନୀ ଦିଆନ, ପୁର୍ବତନ ଏମ୍ପି ପ୍ରଥିନି କୌଶଲ୍ୟା ହିକକା, ପୁର୍ବତନ ବିଧାୟକ ପ୍ରାର୍ଥୀ ଚନ୍ଦ୍ରଶେଖର ମାଝି, ପୁର୍ବତନ ଏମ୍ପି ପ୍ରାର୍ଥି ପ୍ରଦିପ ମାଝୀ, ଜିଲ୍ଲା ଉପସଭାପତି ଜଗଦିଶ ଜେନା, ବରିଷ୍ଠ ନେତା ଆର ଶ୍ରୀନିବାସ ରାଓ,ଜିଲ୍ଲା ପରିଷଦ ଚେୟାରମେନ ସସ୍ମିତା ମେଲକା,ବିଜଡି ଜିଲ୍ଲା ଯୁବ ସଭାପତି ଲଲାଟ ରଞ୍ଜନ ସେଠୀ,ବିଜେଡି ଜିଲ୍ଲା ମହିଳା ସଭାନେତ୍ରୀ ପାର୍ବତୀ ମସ୍ଥି, ଜିଲ୍ଲା





କାର୍ଯ୍ୟକାରୀ ସଭାପତି ପ୍ରସାଦ ବିଡିକା, ବୈପାରିଗୁଡା ବ୍ଲକ ଉପାଧକ୍ଷା ପୂର୍ଣ୍ଣିମା ବାରିକ , ପୂର୍ବତନ ବ୍ଲକ ସଭାପତି ସାଥିରାମ ନାୟକ, ପୂର୍ବତନ ବ୍ଲକ ଅଧକ୍ଷ ରଘୁନାଥ ପୂଜାରି,ପୂବତନ ବ୍ଲକ ଅଧକ୍ଷା ସରୋଜିନୀ କାଣ୍ଡକି, ମଞ୍ଚାସିନ ହୋଇଥିଲେ। ଏଥିସହିତ ଏକ ବିରାଟ ରାଲି କରି ବିଜୁଜନତା ଦଳର ବୈପାରିଗୁଡା ବ୍ଲକର ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ଉପସ୍ଥିତ ଥିବା ଜିଲ୍ଲା ସ୍ତରୀୟ ନେତା ମାନେ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡ଼ିଓଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ।ଏହି ଅବସରରେ ବୈପାରିଗୁଡାର ମାନସ ଜଗଦେବଙ୍କୁ ବ୍ଲକ ଯୁବ ସଭାପତି ଭାବରେ ଚୟନ କରାଯାଇଥିଲା।ଏହି ଦାବି ପତ୍ରରେ, ବିଧବା ଭତ୍ତା, ବିକଳାଙ୍ଗ ଭତ୍ତା ବୃଦ୍ଧ ବୃଦ୍ଧା ଭତ୍ତା ଦୀର୍ଘ ତିନି ମାସ ହେଲା ପ୍ରଦାନ କରିନଥିବାରୁ ସେମାନେ ହଇରାଣ ହରକତ ହେଉଛନ୍ତି ତେଣୁ ଏହା ତୁରନ୍ତ ପ୍ରଦାନ କରାଯାଉ ।

ବୈପାରିଗୁଡା ପଞ୍ଚାୟତ ସମିତିର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଅତି ନିମ୍ନ ମାନର ନିର୍ମାଣ କରାଯାଉଛି ଏହାର ଉଚିତ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଉଚିତ ପଦକ୍ଷେପ ନିଆଯାଉ ।

ବୈପାରିଗୁଡା ପଞ୍ଚାୟତ ସମିତିର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ବିଲ ପଇଠ ସମୟରେ ଜୟପୁର କିମ୍ବା ବୋରୀଗୁମ୍ମାରେ ଥିବା ଘରୋଇ ବ୍ୟାଙ୍କର ଚେକ ପ୍ରଦାନ କରାଯାଉଛି । ତାହା ନକରି ବୈପାରିଗୁଡା ସ୍ଥିତ ନେସନାଲଇଜ ବ୍ୟାଙ୍କ ମାଧ୍ୟମରେ ଚେକ ପ୍ରଦାନ କରାଯାଉ । ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ତଥା ବି ଭି ରାମଜି ରେ ଯେଉଁ କମ ଗୁଡିକ ନିର୍ମାଣ ହେବ କିମ୍ବା ହେଉଛି ତାହା ମେସିନରେ କରା ନଯାଇ ତାହା ସ୍ଥାନୀୟ ଶ୍ରମିକ ମାନଙ୍କ ଦ୍ୱାରା କରାଯାଉ । ଓଡିଶାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ଥ ହୋଇ ଚୋରିହାରୀ , ଡକାୟତି, ଗୁଣ୍ଡାଗିରି ଇତ୍ୟାଦି ଗୁଡିକ ବଢି ଚାଲିଛି ଏହାର ତୁରନ୍ତ ଉଚିତ ପଦକ୍ଷେପ ନେଇ ବନ୍ଦ କରାଯାଉ ।

ସାରା ରାଜ୍ୟରେ ପୂର୍ବତନ ବିଜୁ ଜନତା ଦଳ ସରକାର ମେଘା ପାନୀୟ ଜଳ, ସୋଜଳ ଧାରା ଏବଂ ସୌର ଚଳିତ ମୋଟର ପାଣି ଯୋଗାଣର ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକ୍ଷମ କରାଯାଉ ।

ପଞ୍ଚାୟତ ସମିତିରେ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ବିଧାୟକଙ୍କ ସୁପାରିଶ ବନ୍ଦ କରି ପଲ୍ଲୀସଭା ମାଧ୍ୟମରେ ସମାଧାନ କରାଯାଉ । ନିର୍ବାଚନ ସମୟରେ ସରକାର ୩୦୦ ୟୁନିଟ ବିଦ୍ୟୁତ ମାଗଣା ଦେବା ପାଇଁ ଘୋଷଣା କରିଥିଲେ କିନ୍ତୁ ଆଜିପର୍ଯ୍ୟନ୍ତ ତାହା ପ୍ରଦାନ କରାଯାଇନାହିଁ ତାହା ପ୍ରଦାନ କରାଯାଉ । ରାଜସ୍ୱ ମନ୍ତ୍ରୀ ବିଭିନ୍ନ ତହସିଲ କାର୍ଯ୍ୟାଳୟରେ ଅନଲାଇନ ମାଧ୍ୟମରେ ଆବେଦନ କରିଥିବା ଯେକୌଣସି ସାର୍ଟିଫିକେଟ ସାତଦିନ ମଧ୍ୟରେ ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି କିନ୍ତୁ ବୈପାରିଗୁଡା ତହସିଲରେ ତାହା ଫଳପ୍ରଦ ହେଉନାହିଁ । ପ୍ରକାଶ ଥାଉକି ବୈପାରିଗୁଡା ବ୍ଲକ ଏକ ଆଦିବାସୀ ଅଧୁଷିତ ଅଞ୍ଚଳ ଏବଂ ବୈପାରିଗୁଡା ଅଞ୍ଚଳରେ ବିଭିନ୍ନ ପଞ୍ଚାୟତ ବୈପାରିଗୁଡା ସହର ଠାରୁ ପ୍ରାୟ ୩୦ ରୁ ୪୦ କିମି ଦୂରତା ହେତୁ ନିରୀହ ଲୋକ ମାନେ ବାରମ୍ବାର ଆସି ଅଯଥା ଖର୍ଚ୍ଚ ଓ ଅଯଥା ହଇରାଣ ହରକତ ହୋଇ ନିରାଶରେ ଘରକୁ ଫେରୁଛନ୍ତି । ଏହାର ତୁରନ୍ତ ସମାଧାନ କରାଯାଉ ।

ସାରା ରାଜ୍ୟରେ ବିଭିନ୍ନ ପ୍ରକାର ସାର ପ୍ରଦାନ ସମୟରେ ନାନୋ ରାସାୟନିକ ସାର ଏବଂ ଜିଙ୍କ ରାସାୟନିକ ସାର ନେବା ପାଇଁ ବାଧ୍ୟତା ମୂଳକ କରାଯାଉଛି ଏହା ତୁରନ୍ତ ବନ୍ଦ କରାଯାଉ ।

ରାଜ୍ୟ ସରକାରଙ୍କ ଦ୍ୱାରା ମହିଳା ଯାତ୍ରୀ ମାନଙ୍କ ପାଇଁ ଲକ୍ଷ୍ମୀବସ ର ସୁ ବ୍ୟବସ୍ଥା କରି ମାତ୍ର ୫.୦୦ ଟଙ୍କାରେ ସେମାନଙ୍କର ଯାତ୍ରା ସଫଳ ହେଉଥିଲା କିନ୍ତୁ ବର୍ତ୍ତମାନର ସରକାର ବସ ର ରଙ୍ଗ ବଦଳାଇ ଗାଡିଭଡା ଦୁଇଗୁଣା କରିଛନ୍ତି ଏହାର ତୁରନ୍ତ ସମାଧାନ କରାଯାଉ। ଏହି କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ପୁର୍ବତନ ବ୍ଲକ ଯୁବ ସଭାପତି ବିଶ୍ୱଜିତ ନାୟକ ପରିଚାଳନା କରିଥିବା ବେଳେ ମାନସ ଜଗଦେବ,ଅଶୋକ ଦାସ,ସଦା ମଲ୍ଲିକ, କଂଗ୍ରେସ ମଲ୍ଲିକ, ଭାଗିରଥି ମୁର୍ଯ୍ୟିଆ,ଜି ନରେନ୍ଦ୍ର ରାଓ, ସୁରେନ୍ଦ୍ର ପ୍ରଧାନି,ଆର ଦାମ୍ବିକ ରାଓ,ଆର ରୋହିତ କୁମାର, ସନ୍ତୋଷ ପଟ୍ଟନାୟକ,ଟୁକୁଲୁ ପାଳ ପ୍ରମୁଖ ସୋହଯୋଗ କରିଥିଲେ।

# ଜିଲ୍ଲା ପରିବେଶ ସମିତି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ




ଯାଜପୁର, ୦୫/୦୬(ଆନିସ) : ଜିଲ୍ଲା ପରିବେଶ ସମିତି ପକ୍ଷରୁ ଖଣ୍ଡିତର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ବିଶ୍ୱ ପରିବେଶ ଦିବସ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁ ଏହାକୁ ଉଦଘାଟିତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ସାହୁ କହିଛନ୍ତି ଯେ ଆମେ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ପାଇଁ ସର୍ତକନହେଲେ ଖୁବ ନିକଟରେ ଏ ଜୀବଜଗତ ଧ୍ୱଂସ ପାଇଯିବା ରସୁଲପୁର ବ୍ଲକର ସହକାରୀ ଉଦ୍ୟାନ ଅଧିକାରୀ ପ୍ରିୟଦର୍ଶନୀ ବେହେରା ମୁଖ୍ୟ ବକ୍ତା ରୂପେ ଯୋଗ ଦେଇ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ଶରତ କୁମାର ସାହୁ ଉତ୍ସବ ପାଳନ ଓ ଆଲୋଚନା ଚକ୍ର ଆୟୋଜନର ଉଦ୍ଦେଶ୍ୟ ସମ୍ବନ୍ଧରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନନ୍ଦ କୁମାର ରାଉତ ସଭା ପରିଚାଳନା କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ମହମ୍ମଦ ସଫିକ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଡ.ମହେଶ୍ୱର ଜେନା ସାମନ୍ତ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରବନ୍ଧ, ତର୍କ ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରକୃତି ବନ୍ଧୁ ଏବଂ ପ୍ରକୃତି ମିତ୍ର ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଇକୋ କ୍ଲବ ଛାତ୍ରୀମାନେ ଉଦ୍ବାଟନୀ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏକ ପରିବେଶ ସଚେତନତା ପଦଯାତ୍ରା ଅନୁଷ୍ଠିତ ହେବା ସହିତ ବିଦ୍ୟାଳୟରେ ବୃକ୍ଷ ରୋପଣ କରାଯାଇଥିଲା। ଶିକ୍ଷୟିତ୍ରୀ ରୋଜାଲିନା ଆଇଚ, ଦେବେନ୍ଦ୍ର ନାୟକ ଓ ସମସ୍ତ ଶିକ୍ଷକ ଓ କର୍ମଚାରୀ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ। ମୁଖ୍ୟ ପ୍ରଶିକ୍ଷକ ବିଷ୍ଣୁ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ପରିବେଶ ଦିବସ
# ପୌର ପରିଷଦ ପକ୍ଷରୁ ବୃକ୍ଷରୋପଣ

ନୟାଗଡ, ୫/୬(ଆନିସ): ବିଶ୍ୱ ପରିବେଶ ଦିବସ ଅବସରରେ ନୟାଗଡ ପୌର ପରିଷଦ ତରଫରୁ ସ୍ଥାନୀୟ ବଲାଙ୍ଗୀ ପାର୍କ ପରିସରରେ ନିମ୍ବ ଓ କୃଷ୍ଣଚୂଡ଼ା ସମେତ ୩୫ଟି ବୃକ୍ଷରୋପଣ କରାଯାଇଛି ସହରାଞ୍ଚଳର ସବୁଜିମା ବୃଦ୍ଧି କରିବା, ପରିବେଶ ସନ୍ତୁଳନ ରକ୍ଷା କରିବା ସହିତ ପରିବେଶଗତ ସ୍ଥିରତାକୁ ପ୍ରୋତ୍ସାହିତ କରିବା ଏହାର ମୂଳ ଲକ୍ଷ ୨ ହଜାର ଚାରା ରୋପଣ କରାଯିବ ବୋଲି ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟ ସୂଚନା ଦେଇଛନ୍ତି ଏହି କାର୍ଯ୍ୟକ୍ରମରେ ଅଧକ୍ଷ ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ନିର୍ବାହୀ ଅଧିକାରୀ ସ୍ନେହଲତା ଅଚର୍ଯ୍ୟ, କାଉନ୍ସଲର ଗୀତାଞ୍ଜଳି ସ୍ୱାଇଁ, ମଞ୍ଜୁ ଗୁମାନସିଂହ, ଲକ୍ଷ୍ମୀଧର ମହାପାତ୍ର ଓ ଗଜେନ୍ଦ୍ର ମହାରଣା ପ୍ରମୁଖ ଯୋଗ ଦେଇଥିଲେ ବସ୍ତି ଉନ୍ନୟନ ମହାସଂଘର ସଭାପତି ଗଦାଧର ଜେନା, ଗୌରା ନାୟକ, ସ୍ୱଚସାଥୀ କର୍ମଚାରୀ, ବଲାଙ୍ଗୀ ପାର୍କର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ଶିଶିର ମହାପାତ୍ର, ରଞ୍ଜନ ମହାପାତ୍ର, କନିଷ୍ଠ ଯନ୍ତ୍ରୀ ଫୁଲମଣୀ କିସ୍କୁଙ୍କ ବ୍ୟତୀତ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ




# ମୁଖ୍ୟମନ୍ତ୍ରୀ ବସ ଦୁର୍ଘଟଣା ଜଣେ ଗୁରୁତର, ୨ ଆହାତ

କୁଚିଣ୍ଡା, ୫।୬ (ଆନିସ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କୁଚିଣ୍ଡା ଥାନା ଅଧିନସ୍ଥ କତରକେଲା ଗ୍ରାମ ବଜାର ଛକ ନିକଟର ଥିବା ଏକ ଆମ୍ବ



ଗଛକୁ ଭାରସାମ୍ୟ ହରାଇ ପିଟି ହୋଇଥିବା ଯୋଗୁଁ ମୁଖ୍ୟମନ୍ତ୍ରୀ ବସ ସେବା ଦୁର୍ଘଟଣା ଘଟି ବସରେ ଥିବା ପ୍ରାୟ ୨୦ ଜଣ ଯାତ୍ରୀଙ୍କ ମଧ୍ୟରୁ ଡ୍ରାଇଭର, କଣ୍ଡକ୍ଟର ସହିତ ଜଣେ ଯାତ୍ରୀ ଆହତ ହୋଇଥିବା ବେଳେ ଅନ୍ୟ ମାନେ ସାମାନ୍ୟ ଆହତ ହୋଇଛନ୍ତି। ଗୁରତର ଆହତଙ୍କୁ ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଲୋକମାନେ କୁଚିଣ୍ଡା ଡାକ୍ତରଖାନାକୁ ପଠାଇଦେଇଥିଲେ। ଗୁରୁତର ଥିବା ଜଣେ ଯାତ୍ରୀ ଙ୍କ ଅଣ୍ଟା ଭାଙ୍ଗିଯାଇଥିବା ବେଳେ ଡ୍ରାଇଭରଙ୍କ ଛାତିରେ ଏବଂ ମୁଣ୍ଡରେ ଆଘାତ ହୋଇଥିବା କହିଛନ୍ତି। ଗାଡିଟି ଜମନକିରାରୁ ଧୁଡିପାଲି ପଞ୍ଚାୟତକୁ ଆସୁଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ କତରକେଲା ବଜାର ଛକରେ ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣା ରେ ଗୁରୁତର ଆହତ ହୋଇଥିବା ବ୍ୟକ୍ତି ଜଣକ ଧୁଡିପାଲି ଗ୍ରାମର ଭବାନୀ ଶଙ୍କର ଷଣ୍ଢ ହୋଇଥିବା ବେଳେ ବସ ଡ୍ରାଇଭର ନରେଶ ଦେହୁରୀ ଏବଂ କଣ୍ଡକ୍ଟର ସମୀର କୁମାର ବେହେରା ମଧ୍ୟ ଆହତ ହୋଇଥିବାରୁ ସମସ୍ତଙ୍କୁ କୁଚିଣ୍ଡା ମେଡ଼ିକାଲରେ ଭର୍ତି କରାଯାଇଛି। କୁଚିଣ୍ଡା ପୋଲିସ ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି ।

## ଓଡ଼ିଶା ଅମଲା ସଂଘର ତ୍ରୟବାର୍ଷିକ ସମ୍ମିଳନୀ

ପୁରୀ: ଓଡ଼ିଶା ଅମଲା ସଂଘ ତ୍ରୟବାର୍ଷିକ ସମ୍ମିଳନୀ ଏବଂ ନିର୍ବାଚନ ଚଳିତ ମେ ମାସ ୨୬ ଓ ୨୭ ଦୁଇ ଦିନ ଧରି ସ୍ଥାନୀୟ ଭିଆଇପି ରୋଡ ସ୍ଥିତ ଗୋପବନ୍ଧୁ ଆୟୁର୍ବେଦ କଲେଜ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ସମ୍ମିଳନୀ ପୂର୍ବରୁ ରାଜ୍ୟର ବିଭିନ୍ନ ଜିଲ୍ଲାର ଜିଲ୍ଲା ସଭାପତି, ସମ୍ପାଦକ ଏବଂ ଜିଲ୍ଲା ସ୍ତରୀୟ ଅମଲାମାନଙ୍କ ପକ୍ଷରୁ ସଂଘର ନୂତନ ରାଜ୍ୟ କମିଟି ଗଠନ ପାଇଁ ସଂବିଧାନ ସମ୍ମତ, ସ୍ୱଚ୍ଛ ଓ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟା ଅନୁସରଣ କରାଯିବାକୁ ବାରମ୍ବାର ଦାବି କରାଯାଇଥିଲା। କିନ୍ତୁ, ଉପସ୍ଥିତ ଅନେକ ସଦସ୍ୟଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ୨୭ ତାରିଖ ଦିନ ଦୀର୍ଘ ସମୟ ଧରି କାର୍ଯ୍ୟରତ ରାଜ୍ୟ କମିଟି କୌଣସି ସ୍ୱତନ୍ତ୍ର ନିର୍ବାଚନ ପ୍ରକ୍ରିୟା କରି ନ ଥିଲେ । ସାଧାରଣ ସଦସ୍ୟମାନଙ୍କ ମତାମତ କିମ୍ବା ଜିଲ୍ଲାସ୍ତରୀୟ ପ୍ରତିନିଧିମାନଙ୍କ ସମ୍ମତି ଗ୍ରହଣ ନ କରି ସମ୍ପୂର୍ଣ୍ଣ ଗୁପ୍ତ ଭାବରେ ଏବଂ ନିଜ ନିଜ ମଧ୍ୟରେ ସଲା ସୂତାରା କରି ପୁନର୍ବାର ରାଜ୍ୟ ସଭାପତି, ସାଧାରଣ ସମ୍ପାଦକ ଓ ଅନ୍ୟାନ୍ୟ ପଦବୀ ପାଇଁ ନିଜ ନିଜ ମଧ୍ୟରେ ହିଁ ନିଜ ନିଜ ନାମ ଗୁଡ଼ିକୁ ଘୋଷଣା କରିଥିବା ଅଭିଯୋଗ ହୋଇଛି। ସମ୍ମିଳନୀରେ ଉପସ୍ଥିତ ଶତାଧିକ ଅମଲା ଏହି ପ୍ରକ୍ରିୟାକୁ ତୀବ୍ର ବିରୋଧ କରି ଅସନ୍ତୋଷ ପ୍ରକାଶ କରି ଥିଲେ ।

## ସମ୍ମାନିତ ହେଲେ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର
# ଜନ ସେବା ସମିତି ଅନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାର



ସୁନ୍ଦରଗଡ, ୦୫/୦୬(ଆନିସ) : ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି ସୁନ୍ଦରଗଡ଼ର ବିଭିନ୍ନ ବ୍ଲକର ପରିବେଶବିତ ତଥା ପ୍ରକୃତି ପ୍ରେମୀ ବାଲିଶଙ୍କରା ବ୍ଲକର ମନୋଜ କୁମାର ଦାନୀ, ଟାଙ୍ଗରପାଲି ବ୍ଲକର ସୁଶାନ୍ତ କୁମାର ଷଡ଼ଙ୍ଗୀ, ବିଶ୍ରା ବ୍ଲକର ସିପ୍ରା ସାହୁ, ସଦରବ୍ଲକର ପ୍ରଦୀପ କୁମାର ସାହୁ, ରାଜଗାଙ୍ଗପୁର ବ୍ଲକର କବିତା କୁମାରୀ ଭୂୟାଁ, କୁତ୍ରା ବ୍ଲକର ଗୋବିନ୍ଦ ଚନ୍ଦ୍ର ମିଶ୍ର, ବଣାଇ ବ୍ଲକର ଜେନାମନି ସାହୁ, ଲାଠିକଟା ବ୍ଲକର ପଦ୍ମା ମୁଣ୍ଡା ସେପରି ଭାବେ ଚଳିତ ବର୍ଷ ପ୍ରକୃତି ମିତ୍ର -୨୦୨୬ ପୁରସ୍କାରରେ ଲେଫ୍ରିପଡାର ସରକାରୀ ପ୍ରାଇମେରୀ ସ୍କୁଲ ଢେଲସରା, ବଣାଇର ଜନତା ହାଇସ୍କୁଲ ରୁଗୁଡା, କୁତ୍ରାର ତରକେରା ହାଇସ୍କୁଲ ତରକେରା, ରାଜଗାଙ୍ଗପୁରର ସରକାରୀ ପାନପୋଷ କାଂଶବାହାଲ,ସଦରର ଲମ୍ବୋଦର ହାଇସ୍କୁଲ କୁଣ୍ଡୁକେଲା, ବାଲିଶଙ୍କରାର ସରକାରୀ ୟୁପି ସ୍କୁଲ ସଂକ୍ରାବାହାଲ, ବିଶ୍ରାର ୟୁଥ ମୁଭମେଣ୍ଟ ଫେଡେରେସନ ଅଫ ଇଣ୍ଡିଆ ରାଉରକେଲା, ଟାଙ୍ଗରପାଲି ବ୍ଲକର ଯୋଗୀମାଲ ର ଜନ ସେବା ସମିତି ଅନୁଷ୍ଠାନ କୁ ସମ୍ମାନିତ କରାଯାଇଛି ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ସୁନ୍ଦରଗଡ ସ୍ଥିତ ବନଖଣ୍ଡ ଅଧିକାରୀ ସମ୍ମିଳନୀ କକ୍ଷ ରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଦର ଉପ ଜିଲ୍ଲାପାଳ ତେଜସ୍ୱିନୀ ବେହେରା, ସମ୍ମାନିତ ଅତିଥି ଭାବେ ବନଖଣ୍ଡ ଅଧିକାରୀ ଡିଏଫଓ ଖୁସଓ୍ୱନ୍ତ ସିଂ, ଏସିଏଫ ରଣ କୁମାର ସେଠି, ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ଉଦ୍ୟାନ କୃଷି ବିଭାଗର ଉପ ନିର୍ଦ୍ଦେଶକ ସୁଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତି ଥିଲେ ଉତ୍ସବରେ ରେଞ୍ଜ ଅଧିକାରୀ ଫରେଷ୍ଟ ଗାର୍ଡ, ମାନ୍ୟଗଣ୍ୟ ବରଣ୍ୟ ବ୍ୟକ୍ତି ମାନେ ଉତ୍ସବରେ ସାମିଲ ଥିଲେ

ଅତିଥି ମାନେ କହିଥିଲେ ନିଜ ଅଞ୍ଚଳରେ ପରିବେଶ ସୁରକ୍ଷା, ଜଳ ଜଙ୍ଗଲ ଜମି, ଜନ୍ତୁ ଓ ଜନକୁ ନେଇ ଜନସଚେତନତା କାର୍ଯ୍ୟକ୍ରମ ଜାରି ରଖିବାର ପ୍ରୟାସକୁ ପ୍ରଶଂସା କରି ଥିଲେ ପକ୍ଷୀ ମାନଙ୍କ ପାଇଁ ଜଳ ପାତ୍ର ସ୍ଥାପନ, ବନ୍ୟଜନ୍ତୁଙ୍କ ସୁରକ୍ଷା ସମ୍ବଳିତ କାର୍ଯ୍ୟକ୍ରମ ଦ୍ୱାରା ସାଧାରଣ ଲୋକ, ଯୁବ ପିଢ଼ି ଓ ମହିଳା ସମୂହକୁ ସାମିଲ କରି ଗଛ ଲଗାଇବା ଓ ଏହାର ଯତ୍ନ ନେବା ପାଇଁ ଆଲୋଚନା କରାଯାଇ ଥିଲା ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତିଗତ ସ୍ତରରେ ମୋଟ ୮ ଜଣ ପ୍ରତ୍ୟେକଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ୧୦ ହଜାର ଟଙ୍କା ଓ ମାନପତ୍ର ଦେଇ ପ୍ରକୃତି ବନ୍ଧୁ ପୁରସ୍କାରରେ ପୁରସ୍କୃତ କରାଯାଇ ଥିବା ବେଳେ ୮ ଗୋଟି ସଂସ୍ଥାକୁ ମଧ ପ୍ରକୃତି ମିତ୍ର ଭାବେ ୨୦ ହଜାର ଟଙ୍କା ଆର୍ଥିକ ପ୍ରୋତ୍ସାହନ ରାଶି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇ ଥିଲା ଜନ ସେବା ସମିତି ଅନୁଷ୍ଠାନର ସଭାପତି ନଳିନ କୁମାର ପଟେଲ ଏବଂ ସେକ୍ରେଟାରୀ ଲିପ୍ସା ଷଡ଼ଙ୍ଗୀଙ୍କ କଠିନ ପରିଶ୍ରମ ଯୋଗୁଁ ପ୍ରକୃତି ମିତ୍ର ପୁରସ୍କାର ପାଇ ଅତ୍ୟନ୍ତ ଖୁସି ହୋଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି

# ଏନଏସି ହାଇସ୍କୁଲରେ ନୂତନ ପ୍ରଧାନ ଶିକ୍ଷକଙ୍କ ଯୋଗଦାନ



ନୟାଗଡ଼,୫/୬ (ଆନିସ): : ନିକଟରେ ରାଜ୍ୟ ସରକାର ବରିଷ୍ଠ ମାଧ୍ୟମିକ ଶିକ୍ଷକ ମାନଙ୍କୁ ପଦୋନ୍ନତି ଦେଇ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି। ଫଳରେ ରାଜ୍ୟର ବିଭିନ୍ନ ଉଚ୍ଚ ବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଧାନ ଶିକ୍ଷକ ପଦବୀ ଗୁଡିକ ପୂରଣ ହୋଇ ପାରିଛି।

ଏହି କ୍ରମରେ ନୟାଗଡ଼ ଏନଏସି ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଆଦର୍ଶ ଶିକ୍ଷକ ସୁରେନ୍ଦ୍ର କୁମାର ଖଣ୍ଡା ଆଜି ଯୋଗଦାନ କରିଛନ୍ତି। ଫଳରେ ଦୀର୍ଘ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଧାନ ଶିକ୍ଷକ ପଦ ପୂରଣ ହୋଇପାରିଛି। ବିଦ୍ୟାଳୟ ପକ୍ଷରୁ ଶିକ୍ଷକ ଓ ଶିକ୍ଷୟତ୍ରୀ ଜ୍ୟୋତିର୍ମୟୀ ରଥ, ଭବାନୀ କୁମାରୀ ଆଚାର୍ଯ୍ୟ, ସୁନିତା ନାୟକ, ସୌଦାମିନୀ ପ୍ରଧାନ, ରୋଜାଲିନ ମିଶ୍ର,ଉମାକାନ୍ତ ମିଶ୍ର,ଲକ୍ଷ୍ମୀଧର ସାହୁ, କାଦମ୍ବିନୀ କରଣ,ଅଶୋକ କୁମାର ମିଶ୍ର,ସ୍ମିତା ମଲ୍ଲିକ ପ୍ରମୁଖ ପ୍ରଧାନ ଶିକ୍ଷକଙ୍କୁ ଫୁଲ ତୋଡ଼ା ଏବଂ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ସଂଘ ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ପ୍ରଦୀପ୍ତ କୁମାର ଡାକୁଆ ଏବଂ କୈଳାସ ଚନ୍ଦ୍ର ରଥ ଉପସ୍ଥିତ ରହି ନୂତନ ପ୍ରଧାନ ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇବା ସହ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ଉପରେ ଆଶାପ୍ରକଟ କରିଥିଲେ। ।

ଏଥିରେ କାର୍ଯ୍ୟାଳୟ ସହକାରୀ ମଞ୍ଜିତ କୁମାର ଜେନା ଏବଂ ଚିତ୍ତରଞ୍ଜନ ବେହେରା ସମଗ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସୂଚନା ଯୋଗ୍ୟ ଯେ,ଶ୍ରୀ ଖଣ୍ଡା ପୂର୍ବରୁ ଇଟାମାଟିସ୍ଥିତ ବାମନ ଅବକାଶ ଉଚ୍ଚ ବିଦ୍ୟାଳୟରେ ବରିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ।

# ସିଆରପିଏଫ୍ ପକ୍ଷରୁ କୋଟଗଡରେ ବୃକ୍ଷରୋପଣ ଓ ସଚେତନତା ରାଲି



ଫୁଲବାଣୀ, ୫।୬ (ଆନିସ): ଶୁକ୍ରବାର ବିଶ୍ୱ ପରିବେଶ ଦିବସ ଅବସରରେ କୋଟଗଡ ସ୍ଥିତ ସିଆରପିଏଫ୍ କ୍ୟାମ୍ପ ପରିସରରେ ଏକ ବୃହତ୍ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋଟଗଡ ବନାଞ୍ଚଳର ବନ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ବୈଷୟିକ ସହାୟତା ପ୍ରଦାନ କରିଥିଲେ।

ଉକ୍ତ କାର୍ଯ୍ୟକ୍ରମରେ କୋଟଗଡ ବନାଞ୍ଚଳର ସମସ୍ତ କର୍ମଚାରୀ, କୋଟଗଡ ସିଆରପିଏଫ୍ କ୍ୟାମ୍ପର ଯବାନମାନେ ଏବଂ କୋଟଗଡ ଥାନାର ପୁଲିସ କର୍ମଚାରୀମାନେ ଯୋଗଦାନ କରିଥିଲେ। ସମୁଦାୟ ୨୦୦ଟି ଚାରାରୋପଣ କରାଯାଇଥିଲା।

ଏହି ଅବସରରେ ସମସ୍ତ ଉପସ୍ଥିତ ସଦସ୍ୟ ଜଙ୍ଗଲ ଓ ପରିବେଶର ସୁରକ୍ଷା, ସଂରକ୍ଷଣ ଏବଂ ସବୁଜ ପରିବେଶ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ। ଏହା ସହିତ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ସଚେତନତା ରାଲି ଆୟୋଜିତ ହୋଇଥିଲା।

ବିଶ୍ୱ ପରିବେଶ ଦିବସ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମ ପରିବେଶ ସୁରକ୍ଷା ପ୍ରତି ସାମୂହିକ ଦାୟିତ୍ୱବୋଧକୁ ଦୃଢ଼ କରିବା ସହ ସବୁଜ ଓ ସୁସ୍ଥ ପରିବେଶ ଗଠନ ଦିଗରେ ଏକ ସକାରାତ୍ମକ ପଦକ୍ଷେପ ଭାବେ ପରିଗଣିତ ହୋଇଛି।

# ଭାଜପା ସୁନ୍ଦରଗଡ଼ ପୌରାଞ୍ଚଳ ମଣ୍ଡଳର ମଣ୍ଡଳ ସ୍ତରୀୟ ମାସିକ ବୃତ୍ତ ବୈଠକ

ସୁନ୍ଦରଗଡ଼, ୦୫/୦୬(ଆନିସ): ଭାରତୀୟ ଜନତା ପାର୍ଟି, ସୁନ୍ଦରଗଡ଼ ପୌରାଞ୍ଚଳ ମଣ୍ଡଳର ମଣ୍ଡଳ ସ୍ତରୀୟ ମାସିକ ବୃତ୍ତ ବୈଠକ ମଣ୍ଡଳ ସଭାପତି ଲକ୍ଷ୍ମୀକାନ୍ତ ସାହୁଙ୍କ ଅଧକ୍ଷତାରେ ସୁନ୍ଦରଗଡ଼ ସ୍ଥିତ ଥାନାପଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଂଗଠନର ସୁଦୃଢ଼ୀକରଣ, ବୁଥ୍? ସଶକ୍ତିକରଣ ଏବଂ ଆଗାମୀ ଦିନରେ ଦଳ ପକ୍ଷରୁ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ ଜନମୁଖୀ ଓ ସାଙ୍ଗଠନିକ କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ମୁଖ୍ୟ ଅତିଥି ଭାବେ ଭାଜପା ସୁନ୍ଦରଗଡ଼ ସାଙ୍ଗଠନିକ ଜିଲ୍ଲା ସଭାପତି ଗିରୀଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି ଭାବେ ସୁନ୍ଦରଗଡ଼ ପୌରପରିଷଦ ଅଧକ୍ଷା ତନୟା ମିଶ୍ର, ପୂର୍ବତନ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଭେଷଜ ରଥ,ମଣ୍ଡଳ ପ୍ରଭାରୀ ମନୋଜ ପୁରୋହିତ, ଜିଲ୍ଲା ସମ୍ପାଦକ ଅମୀୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତାମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ।

ବକ୍ତାମାନେ ତାଙ୍କ ଉଦବୋଧନରେ କହିଥିଲେ ଯେ, ଯଶସ୍ବୀ ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ କେନ୍ଦ୍ର ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣର ୧୨ ବର୍ଷ ପୂର୍ତ୍ତି ଏବଂ ରାଜ୍ୟ ସରକାରଙ୍କ ୨ ବର୍ଷର ସଫଳ ଶାସନ ପୂର୍ତ୍ତି ଅବସରରେ ଆୟୋଜିତ ହେବାକୁ ଥିବା ବ୍ୟାପକ ଜନସମ୍ପର୍କ ଅଭିଯାନକୁ ତୃଣମୂଳ ସ୍ତରରେ ସଫଳ କରିବା ପାଇଁ ପ୍ରତ୍ୟେକ କାର୍ଯ୍ୟକର୍ତ୍ତାଙ୍କୁ ସକ୍ରିୟ ଭାବେ ଯୋଗଦେବାକୁ ହେବ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ




ଯୋଜନା, ବିକାଶମୂଳକ ପଦକ୍ଷେପ ଏବଂ ସୁଶାସନର ସଫଳତାକୁ ଘରେ ଘରେ ପହଞ୍ଚାଇବା ଦିଗରେ ସଂଗଠନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସମସ୍ତ ବକ୍ତା ମତ ପ୍ରକାଶ କରିଥିଲେ।

ଏହାସହ ଆଗାମୀ ଆନ୍ତର୍ଜାତୀୟ ଯୋଗ ଦିବସ, ଏସ ଆଇ ଆର କାର୍ଯ୍ୟକ୍ରମ ଓ ଦଳର ଅନ୍ୟାନ୍ୟ ସାଙ୍ଗଠନିକ କାର୍ଯ୍ୟକ୍ରମଗୁଡ଼ିକୁ ସୁଚାରୁ ଓ ସଫଳ ଭାବେ ଆୟୋଜନ କରିବା ପାଇଁ ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ।

ଏହି ମଣ୍ଡଳ ସ୍ତରୀୟ କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ଉପସଭାପତି ଆଶୀଷ ପଟେଲ, କାଉନସିଲର ମିନତୀ ପୁରୋହିତ, ଦୀପାଞ୍ଜଳି ନନ୍ଦ, ରମେଶ ସୋରେଙ୍ଗ, ଘନଶ୍ୟାମ ରଣା, ମିତ୍ରଭାନୁ ପଟେଲ, ସୁଶୀଲ ଗୁପ୍ତା, ନିବେଦିତା ନାଏକ, ରୀନା ପ୍ରଧାନ, ତୃଷ୍ଣାରାଣୀ ହୋତା, ସଂଗ୍ରାମ ବେହେରା, ପିଙ୍କୁ ପୃସେଠ, ଏସକେ ମୁଜିବର ରେହମାନ, ଲଳିତ ବିପ୍ର, ରାଜେନ୍ଦ୍ର ପଟେଲ, ବିକାଶ ନାଏକ, ସନ୍ତୋଷ ପୃଷ୍ଟିଙ୍କ ସମେତ ମଣ୍ଡଳର ପଦାଧିକାରୀ, ଶକ୍ତିକେନ୍ଦ୍ର ପ୍ରମୁଖ, ଜିଲ୍ଲା ସ୍ତରୀୟ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଗୌରାଙ୍ଗ ସେଠୀ ଅପହରଣ ଘଟଣା
# ୯ଦିନ ପରେ ଗଳିତ ଶବ ଉଦ୍ଧାର

ଆଳି : ୫/୬ (ଆନିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକର ବାଟିପଡା ପଞ୍ଚାୟତର ମହାଦେଇପାଟଣା ଗ୍ରାମର ଗୌରାଙ୍ଗ ସେଠୀ ଅପହରଣ କେଶର ଆଜି ଅନ୍ତ ଘଟିଛି ଦୀର୍ଘ ୯ଦିନ ପରେ ଆଜି କେନ୍ଦ୍ରାପଡ଼ା ପୋଲିସକୁ ଏଇ ସଫଳତା ମିଳିଛି ଆଳିର ପେତପଡା ନମାଣିଆରେ ଥିବା ବିଲ ମଝିରୁ ଏକ ଗଳିତ ଶବ ଉଦ୍ଧାର ହୋଇଛି ଏବଂ ଜବତ ଖପୁରୀ, ପିଞ୍ଜରା ଓ ଚୁଳ ଗୌରାଙ୍ଗ ସେଠୀର ବୋଲି ପରିବାର ଲୋକ ଚିହ୍ନଟ କରିଛନ୍ତି ଘଟଣା ସ୍ଥଳରେ କେନ୍ଦ୍ରାପଡ଼ା ଏସପି ଓ ଆଳି ପୋଲିସ ସହିତ ସାଇଣ୍ଟିଫିକ ଟିମ ଅଧିକ ତଦନ୍ତ ଜାରୀ ରଖିଛନ୍ତି । ମିଳିଥିବା ସୂଚନା ମୁତାବକ ଗତ ମାସ ୨୮ତାରିଖରେ ବାଟିପଡା ପଞ୍ଚାୟତର ମହାଦେଇପାଟଣା ଗ୍ରାମର ଯୁବକ ଗୌରାଙ୍ଗ ସେଠୀଙ୍କୁ ଏକ ଗାଡିକାଚ ଭଙ୍ଗାକୁ କେନ୍ଦ୍ରକରି ୭/୮ଜଣ ଯୁବକ ସଙ୍ଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିବା ସହ ଅପହରଣ କରିଥିଲେ ।



# ସାରଙ୍ଗଡ ନିକଟ ରେ ଅଜଣା ଗାଡି ଧକ୍କାରେ ୮ଗାଈ ବାଛୁରୀ ମୃତ

ଫୁଲବାଣୀ, ୫।୬ (ଆନିସ): ବାଲିଗୁଡ଼ା ରୁ ଫୁଲବାଣୀ ଆସିବା ବାଟରେ ସରଙ୍ଗଡ ନିକଟରେ ଏକ ଅଜଣା ଗାଡି ଧକ୍କାରେ ରାସ୍ତାରେ ସୋଇଥିବା ପ୍ରାୟ ୭/୮ଟି ଗାଈ ବାଛୁରୀ ଙ୍କ ମୃତ୍ୟୁ ଘଟିଥିବା ଜଣା ପଡ଼ିଛି ଗୁରୁବାର ଭୋର ରୁ କୌଣସି ଏକ ବଡ଼ ଗାଡି ଏସବୁ ଗାଈ ସୋଇଥିବା ବେଳେ ଧକ୍କା ଦେଇ ଚାଲିଯିବା ରୁ ଏସବୁ ଗାଈ ର ମୃତ୍ୟୁ ହୋଇଥଲା କିଛି ଗାଈ ଆହତ ମଧ୍ୟ ହୋଇଛନ୍ତି ସ୍ଥାନୀୟ ସ୍ବେଚ୍ଛାସେବୀ ପହଞ୍ଚି ରାସ୍ତା ଉପରେ ମୃତ୍ୟୁ ବରଣ କରିଥିବା ଗାଈ କୁ ଉଠାଇ ତାର ସତ୍କାର କରିଥିବା ବେଳେ ଆହତ ମାନଙ୍କ ଚିକିତ୍ସା ବ୍ୟବସ୍ଥା କରିଥିଲେ ତେବେ କେଉଁ ଗାଡି ଧକ୍କା ଦେଇ ଚାଲିଯାଇଛି ତାର ସନ୍ଧାନ ମିଳିନି ସ୍ଥାନୀୟ ସ୍ବେଚ୍ଛାସେବୀ ଯୁବକ ଙ୍କ ଏଭଳି କାର୍ଯ୍ୟ କୁ ଗ୍ରାମବାସୀ ବେଶ ପ୍ରଶଂସା କରିଛନ୍ତି

Printed, Published & owned by Sri Pramod Kumar Panda, Printed at Dainik Asha, Hilpatna, Brahmapur: Ganjam,
Published from Hillpatana, Brahmapur- 5, Ganjam, Odisha, E-mail: dainikashapress@gmail.com, Ph. (0680) 3560603, 7749999711, 9337892106,
ସମ୍ପାଦକ: ପ୍ରମୋଦ କୁମାର ପଣ୍ଡା
Editor: Pramod Kumar Panda